READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୪ ସଂଖ୍ୟା-୨୫ ୦୬ - ୧୨ ଜୁଲାଇ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-25 06th - 12th JULY, 2020 BHUBANESWAR ₹ 5/- (8 Pages)

# ବେକାବୁ କରୋନା, ବିଶ୍ୱର ୩ୟ ସ୍ଥାନରେ ଭାରତ


**ନୂଆଦିଲ୍ଲୀ :** ମହାମାରୀ କରୋନା ଭୂତାଣୁ ସଂକ୍ରମଣ ଭାରତରେ ଦ୍ରୁତ ଗତିରେ ବଢ଼ିଚାଲିଛି। ସଂକ୍ରମଣ କ୍ଷେତ୍ରରେ ଭାରତ କିଛିଦିନ ଚତୁର୍ଥ ସ୍ଥାନରେ ରହିବା ପରେ ରବିବାର ତୃତୀୟ ସ୍ଥାନକୁ ଉଠିଛି। ଅର୍ଥାତ୍ କରୋନା ସଂକ୍ରମଣରେ ବିଶ୍ୱରେଭାରତ ତୃତୀୟ ସ୍ଥାନରେ ପହଞ୍ଚିଛି। ଭାରତରରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬ ଲକ୍ଷ ୭୩ ହଜାର ୧୬୫କୁ ବୃଦ୍ଧି ପାଇଛି। କ୍ରମାଗତ ୩ ଦିନ ହେଲା ଦେଶରେ ଦୈନିକ ୨୦ ହଜାରରୁ ଅଧିକ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ସେହିଭଳି ଗତ ୨୪ ଘଣ୍ଟା ମଧ୍ୟରେ ୬୧୩ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଫଳରେ ଏ ପର୍ଯ୍ୟନ୍ତ ଦେଶରେ କରୋନାରେ ୧୯,୨୬୮



ଜଣ ପ୍ରାଣ ହରାଇଲେଣି। କରୋନା ମୃତୁସଂଖ୍ୟା ଦୃଷ୍ଟିରୁ ଭାରତ ରୁଷିଆକୁ ଟପି ବିଶ୍ୱରେ ତୃତୀୟ ସ୍ଥାନରେ ପହଞ୍ଚିଛି। ଏବେ କରୋନା ମୃତ୍ୟୁରେ ଆମେରିକା ଓ ବ୍ରାଜିଲ ବିଶ୍ୱରେ ଯଥାକ୍ରମେ ୧ ନମ୍ବର ଓ ୨ ନମ୍ବର ସ୍ଥାନରେ ରହିଛନ୍ତି। ତେବେ ଏ ପର୍ଯ୍ୟନ୍ତ ଦେଶରେ ୪ ଲକ୍ଷ ୯ ହଜାର ୮୩ ଜଣ ଆରୋଗ୍ୟଲାଭ କରିଛନ୍ତି। ଏବେ ୨ ଲକ୍ଷ ୪୪ ହଜାର ୮୧୪ ଜଣ କରୋନା ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଦେଶରେ ଆରୋଗ୍ୟହାର ଶନିବାର ତୁଳନାରେ ରବିବାର ସାମାନ୍ୟ ହ୍ରାସ ପାଇଛି। ଶନିବାର ଏହି ହାର ୬୦.୮୦ ପ୍ରତିଶତ ଥିଲା ବେଳେ ରବିବାର ତାହା ୬୦.୭୬ ପ୍ରତିଶତ ରହିଛି। ଦେଶର ୧୪ଟି ରାଜ୍ୟରେ ୧୦ ହଜାରରୁ ଅଧିକ ଲେଖାଏଁ କରୋନା ରୋଗୀ ରହିଛନ୍ତି। ସଂକ୍ରମଣ ତାଲିକାରେ ଦେଶରେ ୧ ନମ୍ବର ସ୍ଥାନରେ ରହିଛି ମହାରାଷ୍ଟ୍ର। ମହାରାଷ୍ଟ୍ରରେ ୨୦୦୦୬୪ ଜଣ ➤ ପୃ-୬

## ଓଡ଼ିଶାରେ ନିୟନ୍ତ୍ରଣ ବାହାରେ

**ଭୁବନେଶ୍ୱର :** ଓଡ଼ିଶାରେ ହୁ ହୁ ହୋଇ ବ୍ୟାପୁଛି କରୋନା। ଆକ୍ରାନ୍ତଙ୍କ ସଂଖ୍ୟା ୧୦ହଜାର ଛୁଇଁବ। ରବିବାର ସୁଦ୍ଧା ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୯୦୭୦ରେ ପହଞ୍ଚିଛି। ଗତ ମାସେ ହେବ ଲଗାତାର ଭାବେ ଆକ୍ରାନ୍ତଙ୍କ ସଂଖ୍ୟା ଯେଉଳି ବୃଦ୍ଧି ପାଇ ଚାଲିଛି ତାହା ଚିନ୍ତାର ବିଷୟ। ସୂଚନାଯୋଗ୍ୟ, ରାଜ୍ୟରେ ପ୍ରଥମ କରୋନା ରୋଗୀ ମାର୍ଚ୍ଚ ୨୧ତାରିଖରେ ଚିହ୍ନଟ ହୋଇଥିଲା। ମାର୍ଚ୍ଚ ୨୧ରୁ ମେ' ୨୦ ଭିତରେ ଅର୍ଥାତ



୯୧ଦିନରେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୫୧୬୦ ରହିଥିଲା ବେଳେ ମେ' ୨୦ରୁ ଆଜି ପର୍ଯ୍ୟନ୍ତ ମାତ୍ର ୧୫ଦିନ ଭିତରେ ଆକ୍ରାନ୍ତଙ୍କ ସଂଖ୍ୟା ୩୧୧୦ରେ ପହଞ୍ଚିଥିଲା। ହେଲେ ଗତ ୨/୩ ଦିନ ଭିତରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫୦୦ ଟପିସାରିଛି। ଆଗକୁ ଯଦି ଏପରି ପରିସ୍ଥିତି ଜାରି ରହେ ତାହେଲେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ଖୁବ୍ ଶୀଘ୍ର ୨୦ ହଜାର ଅତିକ୍ରମ କରିବ ବୋଲି ଜଣାପଡୁଛି। ବର୍ତ୍ତମାନ ପରିସ୍ଥିତିରେ ମୁଖ୍ୟତଃ ଗଞ୍ଜାମ, ଖୋର୍ଦ୍ଧା, କଟକ, ଯାଜପୁର ଓ ଗଜପତି ଜିଲ୍ଲାରେ ➤ ପୃ-୬

## ଦିଲ୍ଲୀରେ ବିଶ୍ୱର ସର୍ବବୃହତ୍ କରୋନା ହସ୍ପିଟାଲ

**ନୂଆଦିଲ୍ଲୀ :** ରାଜଧାନୀ ଦିଲ୍ଲୀର ଛତରପୁର ଅଞ୍ଚଳରେ ଥିବା ରାଧା ସୋମି ସତ୍‌ସଙ୍ଗ ବିସ୍‌ରେ ୧୦ହଜାର ବେଡ୍ ବିଶିଷ୍ଟ ବିଶ୍ୱର ସର୍ବବୃହତ କୋଭିଡ୍ କେୟାର ସେଣ୍ଟର 'ସର୍ଦ୍ଦାର ପଟେଲ କୋଭିଡ୍ କେୟାର ସେଣ୍ଟର'କୁ ଲୋକାର୍ପିତ କରାଯାଇଛି। ଯେଉଁମାନଙ୍କ ଘରେ ଆଇସେଲେସନ୍ ରହିବାର ବ୍ୟବସ୍ଥା ନାହିଁ ସେମାନଙ୍କ ପାଇଁ ଏଠାରେ ଚିକିତ୍ସା ବ୍ୟବସ୍ଥା କରାଯାଇଛି। କୋଭିଡ୍ ସେଣ୍ଟରଟିର ଲମ୍ବ ୧୭ଶହ ଫୁଟ ହୋଇଥିବା ବେଳେ ଚଉଡା ୭୦୦ଫୁଟ ରହିଛି। ୧୦ଦିନ ସମୟ ମଧ୍ୟରେ ଗୃହ ମନ୍ତ୍ରାଳୟ ସମର୍ଥନରେ ତିଆରି ହୋଇଥିବା ଏହି କୋଭିଡ୍ କେୟାର ସେଣ୍ଟରର ଉଦ୍‌ଘାଟନ



କରିଛନ୍ତି ଦିଲ୍ଲୀ ଉପରାଜ୍ୟପାଳ ଅନୀଲ ବୈଜଲ। ଖୋଲାଯାଇଥିବା କୋଭିଡ୍ କେୟାର କେନ୍ଦ୍ରର ବିଭିନ୍ନ ସୁବିଧା ବିଷୟରେ ଆଲୋଚନା କରି ଶ୍ରୀ ବୈଜଲ କହିଛନ୍ତି ଯେ, ➤ ପୃ-୬

## ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କୁ ସୂଚନା ଦେଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ :** ଲଦାଖ ଗସ୍ତର ଦୁଇ ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦିନ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତିଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅବଗତ କରିଛନ୍ତି। ରାଷ୍ଟ୍ରପତିଙ୍କ ଅଫିସିଆଲ୍ ଟ୍ୱିଟର ହ୍ୟାଣ୍ଡେଲରେ ଟ୍ୱିଟ୍‌କରି ଏହି ଏହି ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଲଦାଖ ସୀମାରେ ଭାରତ-ଚୀନ ସେନା ମୁହାଁମୁହିଁ ଅବସ୍ଥାରେ ଥିଲା ବେଳେ ପ୍ରଧାନମନ୍ତ୍ରୀ ଶୁକ୍ରବାର ଅଚାନକ ଲଦାଖ ଗସ୍ତରେ ଯାଇ ସେଠାରେ ମୁତୟନ ଥିବା ଯବାନଙ୍କ ସହ ସୀମା ପରିସ୍ଥିତି ସମ୍ପର୍କରେ ସେମାନଙ୍କ ଠାରୁ ପଚାରି ବୁଝିଥିଲେ।



ବିଶେଷକରି ଗତମାସ ୧୫ ତାରିଖ ରାତିରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଦୁଇଦେଶର ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷରେ ଆହତ ହୋଇ ଚିକିତ୍ସିତ ହେଉଥିବା ଯବାନମାନଙ୍କୁ ଭେଟିଥିଲେ ପ୍ରଧାନମନ୍ତ୍ରୀ ମୋଦୀ। ଏହି ଅବସରରେ ସେ ଯବାନମାନଙ୍କୁ ସମ୍ବୋଧିତ ➤ ପୃ-୬

## ବକ୍ରବାଣୀ



ରେକର୍ଡ ନିଶାଟା ଫୁସୁକି ଗଲା
କୋର୍ଟ ଯେବେ ଗାଲେ ଜାବଡା ଦେଲା
ଭାବିଥେଲେ ରଥ ବନ୍ଦ କରେଇ
ଇତିହାସେ ନାଆଁ ଦେବେ ଚଢ଼େଇ
ପରମ ଭକତ ଭାବଟା ମଲା
ଅଫତାବ ଯେବେ କୋଅଟ୍ ଗଲା
ପଦାରେ ପଡିଲା ତାଙ୍କ କିରତି
ସଫା କରିବାକୁ ଭାବ ମୁରତି
କାଳିଆ ପଛକୁ ବଳିଆ କରି
ଅପବାଦଟାକୁ ଦେବେକି ପାରି।

——— ଟୁଟୁ

## ଚୀନ୍ ବିରୋଧରେ ମହାମେଣ୍ଟ, ନେତୃତ୍ୱ ନେବ ଭାରତ

**ନୂଆଦିଲ୍ଲୀ :** ସୀମାକୁ ନେଇ ଭାରତ ସହ ଉତ୍ତେଜନା ସୃଷ୍ଟି କରି ଏବେ ଅଡୁଆରେ ପଡିଛି ଚୀନ୍। ପୂର୍ବରୁ ଚୀନ୍‌ର ଯେତେ ଶତ୍ରୁ ରାଷ୍ଟ୍ର ଥିଲେ ସେମାନେ ଏବେ ଭାରତ ସପକ୍ଷରେ ମେଳି ବାନ୍ଧୁଛନ୍ତି। ଚୀନ୍‌ର ବିସ୍ତାରବାଦ ନୀତିକୁ ବିରୋଧ କରୁଥିବା ଦେଶ ମଧ୍ୟରେ ଏବେ ଭାରତ, ଜାପାନ, ଦକ୍ଷିଣ କୋରିଆ, ବ୍ରୁନେଇ, ତାଇୱାନ, ଭିଏତନାମ, ମାଲେସିଆ, ଇଣ୍ଡୋନେସିଆ ଓ ଫିଲିପାଇନ୍ସ ଆଦି ରାଷ୍ଟ୍ର ରହିଛନ୍ତି। ଉପରୋକ୍ତ ଦେଶ ସହିତ ବ୍ରିଟେନ୍ ଓ ଆମେରିକାର ସୁସମ୍ପର୍କ ରହିଛି। ଦୀର୍ଘଦିନ ଧରି ଚୀନ୍ ଏହି ଦେଶ ଗୁଡିକର ସାର୍ବଭୌମତ୍ୱ କ୍ଷୁର୍ଣ୍ଣ କରି ଆସୁଥିଲା। ନିକଟରେ ଭାରତ ଓ ଚୀନ୍ ଯବାନଙ୍କ ମଧ୍ୟରେ ଘଟିଥିବା ସଂଘର୍ଷ ଉପରେ ନଜର ରଖିଥିବା ବିଶ୍ୱର ଅଧିକାଂଶ ରାଷ୍ଟ୍ର ଏବେ ଚୀନ୍ ବିରୋଧରେ ଏକ ହେଉଛନ୍ତି। ଯେତେଥର ଭାରତ-ଚୀନ୍ ସୀମା ବିବାଦ ସମାଧାନ ପାଇଁ ଆଲୋଚନା ହୋଇଛି



ସବୁଥର ଚାଲ ଖେଳିଛି ଚୀନ୍। ତେଣୁ ଭାରତ ଆଉ ଚୁପ୍ ବସିବନି। ଏଥର ଭାରତୀୟ ଯବାନ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ସହ ଚୀନ୍ ସୀମାରେ ନିୟୋଜିତ ହୋଇଛନ୍ତି। ଚୀନ୍‌ର ଆର୍ଥିକ ପକ୍ଷ ଛେଦନ ପାଇଁ ଭାରତ ୫୯ଟି ଚୀନ୍ ଆପ୍ ନିଷେଧ କରିବା ସହିତ ଅନେକ ବୃହତ୍ ପ୍ରକଳ୍ପକୁ ବାତିଲ କରିବାରେ ଲାଗିଛି। ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଭାରତ ଚୀନ୍ ବିରୋଧରେ ପଦକ୍ଷେପ ଜାରି ରଖିଛି। ଏଲ୍‌ଏସି ନିକଟରେ ସୃଷ୍ଟି ହୋଇଥିବା ଭାରତ-ଚୀନ ବିବାଦକୁ ୯ ସପ୍ତାହ ବିତିଛି। ଏହି ୯ ସପ୍ତାହ ଭିତରେ ଉଭୟ ଦେଶର ସରକାର କୂଟନୈତିକ ଓ ପ୍ରତିରକ୍ଷା ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଉଭୟ ସରକାର ବେଶ ମାପିଚୁପି ଆଗକୁ ପାଦ ବଢ଼ାଉଛନ୍ତି। ମୋଦୀ ସରକାର ଚୀନ ପ୍ରତି ବାଣିଜ୍ୟ କଟକଣା ଲାଗୁ କରିଥିଲା ବେଳେ ଜିନ୍‌ପିଙ୍ଗ ସରକାର ମଧ୍ୟ ଭାରତ ପ୍ରତି ସମାନ ଆଭିମୁଖ୍ୟ ପୋଷଣ କରିଛନ୍ତି। ଦୁଇ ଦେଶ ମଧ୍ୟରେ ଚାଲିଥିବା ଏହି ଶୀତଳ ଯୁଦ୍ଧର ପରିସମାପ୍ତି ଉପରେ ନାନା ଆଶଙ୍କା ଦେଖାଦେଇଛି। ୧୯୫୦ ଏପ୍ରିଲ ପହିଲାରେ ଭାରତ-ଚୀନ କୂଟନୈତିକ ସମ୍ପର୍କର ବୀଜ ପୋତା ଯାଇଥିଲା। ଉକ୍ତ ସମ୍ପର୍କର ୭୦ତମ ବର୍ଷକୁ ଅତି ଧୁମଧାମରେ ପାଳନ କରିବାକୁ ମୋଦୀ ଓ ଜିନ୍‌ପିଙ୍ଗ ସରକାର ସଜବାଜ ହେଉଥିଲେ। ଭାରତରେ ଗୋଟିଏ ମନୋରଞ୍ଜନ କାର୍ଯ୍ୟକ୍ରମ ➤ ପୃ-୬

## ୩୧ ଯାଏ ବନ୍ଦ ରହିବ ୯ ଐତିହ୍ୟସ୍ଥଳ

**ଭୁବନେଶ୍ୱର :** ଏବେ ଖୋଲିବନି ଖଣ୍ଡଗିରି, ଉଦୟଗିରି ସମେତ ୯ଟି ଐତିହ୍ୟ କୀର୍ତ୍ତିରାଜି। ଭୁବନେଶ୍ୱର ସମେତ ଖୋର୍ଦ୍ଧା ଜିଲ୍ଲାରେ ଥିବା ୯ଟି ଐତିହ୍ୟ କୀର୍ତ୍ତିରାଜିକୁ ସର୍ବସାଧାରଣଙ୍କ ପାଇଁ ନଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାରେ କୋଭିଡ୍-୧୯ ସଂକ୍ରମଣ ଦିନକୁ ଦିନ ଗୁରୁତର ରୂପ ନେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଜୁଲାଇ ୩୧ ପର୍ଯ୍ୟନ୍ତ ଖଣ୍ଡଗିରି, ଉଦୟଗିରି ସମେତ ୯ଟି ପ୍ରମୁଖ ଐତିହ୍ୟସ୍ଥଳୀକୁ ବନ୍ଦ ରଖିବାକୁ ଜିଲ୍ଲା ପ୍ରଶାସନ ସ୍ଥିର କରିଛି। କୋଭିଡ କଟକଣାକୁ ଦୃଷ୍ଟିରେ ରଖି ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଏହିସବୁ ଐତିହ୍ୟ ସ୍ଥାନକୁ ଖୋଲାଯିବ ନାହିଁ। ଏନେଇ ଏଏସ୍‌ଆଇ ଓଡ଼ିଶା ସର୍କଲ ମୁଖ୍ୟଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ ଚିଠି ଲେଖିଛନ୍ତି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଦ୍ୱାରା ସଂରକ୍ଷିତ ଦେଶର ସମସ୍ତ କୀର୍ତ୍ତିରାଜି ଏବଂ ଐତିହ୍ୟସ୍ଥଳୀକୁ ଜୁଲାଇ ୬



ତାରିଖରୁ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିୟମକୁ କଡ଼ାକଡ଼ି ପାଳନ କରି ରାଜ୍ୟରେ ଐତିହ୍ୟସ୍ଥଳୀ ଏବଂ ସଂଗ୍ରହାଳୟ ଖୋଲିବାକୁ ଏଏସ୍‌ଆଇ ଭୁବନେଶ୍ୱର ସର୍କଲ୍ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହିକ୍ରମରେ ଭୁବନେଶ୍ୱରର ରାଜାରାଣୀ ମନ୍ଦିର, ଖଣ୍ଡଗିରି ଏବଂ ଉଦୟଗିରି ଗୁମ୍ଫା, ଶିଶୁପାଳଗଡ଼, ଶାନ୍ତିସ୍ତୂପ ଧଉଳି, ପାପନାଶିନୀ ମନ୍ଦିର, ➤ ପୃ-୬





### ଏସ୍‌ସିବି ଓ କର୍କଟ କେନ୍ଦ୍ରରେ ସଂକ୍ରମଣ ରୋକିବାକୁ ନିଆଯିବ ପଦକ୍ଷେପ

## ଆରମ୍ଭ ହେବ ଆଣ୍ଟିଜେନ୍ ଟେଷ୍ଟ

**କଟକ :** କଟକର ବଡ଼ମେଡିକାଲ ଓ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟରୋଗ ଚିକିତ୍ସା କେନ୍ଦ୍ରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଥିବାରୁ ଏଥିପ୍ରତି ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଆଜି ସ୍ଥିତି ସମୀକ୍ଷା କରିଛନ୍ତି। କଟକରେ ଦେଖାଦେଇଥିବା କୋଭିଡ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଇପିସି ଟେଷ୍ଟ ଠାରୁ ଆରମ୍ଭ କରି ବିଭିନ୍ନ ପଦକ୍ଷେପ ନିଆଯାଉଛି। ଆଜି ଠାରୁ କଟକ ବଡ଼ମେଡିକାଲ(ଏସ୍‌ସିବି) ଏବଂ ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସା କେନ୍ଦ୍ରରେ ନିର୍ଦ୍ଦିଷ୍ଟ ନିୟମ ପାଳନ କରାଯିବା ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଗୁରୁତ୍ୱ ଦେଇଛନ୍ତି। ଆଜି ଅପରାହ୍ଣରେ ଏସ୍‌ସିବି ମେଡିକାଲ ପରିଦର୍ଶନରେ ଆସି ଶ୍ରୀ ମହାପାତ୍ର କରୋନାଜନିତ ସ୍ଥିତି ସମୀକ୍ଷା କରିଥିଲେ। ସଟ୍‌ଡାଉନ ସମୟ ମଧ୍ୟରେ ସାଧାରଣ ରୋଗୀ ଓ ବିଭିନ୍ନ ସ୍ଥାନଗୁଡ଼ିକରୁ ଆସୁଥିବା ଲୋକମାନେ



ନିହାତି ଜରୁରୀ କାମ ନଥିଲେ ମେଡିକାଲ ପରିସରକୁ ନଆସିବାକୁ ସେ ପରାମର୍ଶ ଦେଇଛନ୍ତି। ଗୁରୁତର ରୋଗୀ ମେଡିକାଲ ଆସିପାରିବେ। ଅନ୍ୟପକ୍ଷରେ ସାଧାରଣ ରୋଗୀ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ପାରିବେ। ଓପିଡି ଠାରେ ସାମାଜିକ ଦୂରତାକୁ କଡ଼ାକଡ଼ି ଭାବେ ପାଳନ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସେଠାରେ ପୁଲିସ ଓ ସିକ୍ୟୁରିଟି ଗାର୍ଡ ତୀକ୍ଷ୍ଣ ଦୃଷ୍ଟି ରଖିବେ ବୋଲି ସେ କହିଥିଲେ। ଟ୍ରେନିଂ ଓ ମକ୍‌ଡ୍ରିଲ ମାଧ୍ୟମରେ ସଂକ୍ରମଣ ମୁକାବିଲାଜନିତ ପଦକ୍ଷେପ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଆର୍‌ଏମ୍‌ଆର୍‌ସି ପରିସରରେ ଆସନ୍ତା ମଙ୍ଗଳବାର ଠାରୁ ଆଣ୍ଟିଜେନ ଟେଷ୍ଟ କରାଯିବ। ପ୍ରତ୍ୟେକ ରୋଗୀଙ୍କ କୋଭିଡ ଟେଷ୍ଟ କରାଯାଇ ବିଭିନ୍ନ ୱାର୍ଡରେ ଆଡ୍‌ମିସନ କରାଯିବ। କରୋନା ଜନିତ ଜରୁରିକାଳୀନ ସେବା ପାଇଁ ଅତିରିକ୍ତ ୪ଟି ଆମ୍ବୁଲାନ୍ସ ସିଡିଏମ୍‌ଓଙ୍କ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** – ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ତେଣୁ ଜଗିରଖି ବାଟ ନ ଚାଲିଲେ ବିପଦ ପଡିବାର ଆଶଙ୍କା ରହିଛି।

**ବୃଷ** – ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି।

**ମିଥୁନ** – ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ମୋଟାମୋଟି ସପ୍ତାହଟି ଭଲରେ କଟିବ।

**କର୍କଟ** – ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

**ସିଂହ** – ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

**କନ୍ୟା** – ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ଏଣୁ ଏ ସପ୍ତାହ ଭଲରେ ବିତିବ।

**ତୁଳା** – ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।


**ବିଛା** – ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

**ଧନୁ** – ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବାର ଜଣାପଡେ।

**ମକର** – ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ତେଣୁ ଜଗିରଖି ଚଳିବାକୁ ହେବ।

**କୁମ୍ଭ** – ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

**ମୀନ** – ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଉନ୍ନତିର ମାର୍ଗ ଆଗକୁ ଆଗକୁ ଗତିକରିବା ଆଶା ଦେଖାଦିଏ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ଲଦାଖରୁ ଚୀନ୍‌କୁ ପ୍ରଧାନମନ୍ତ୍ରୀଙ୍କ ଚେତାବନୀ

# ବିସ୍ତାରବାଦର ଯୁଗ ଶେଷ



**ଲେହ :** ଅଚାନକ ଲଦାଖର ଫରୱାର୍ଡ ପୋଷ୍ଟରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସେଇଠାରୁ ଚୀନ୍‌କୁ କଡା ଚେତାବନୀ ଦେଇଛନ୍ତି। ପୂର୍ବ ଲଦାଖର ଗଲୱାନ ଉପତ୍ୟକା ସଂଘର୍ଷ ପରେ ପ୍ରଥମଥର ପାଇଁ ମୋଦି ଯବାନଙ୍କ ପାଖରେ ପହଞ୍ଚି ସେମାନଙ୍କ ମନୋବଳ ବୃଦ୍ଧି କରିଛନ୍ତି। ଏଥିସହ ଚୀନ୍‌ର ବିସ୍ତାରବାଦ ନୀତିକୁ ସେ କଡା ସମାଲୋଚନା କରିଛନ୍ତି। ଭାରତୀୟ ଯବାନଙ୍କ ସାହସ ଓ ବନ୍ଧୁତା ଶତ୍ରୁମାନେ ଦେଖିଛନ୍ତି। ସେ ଯବାନଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ମୋଦି କହିଛନ୍ତି ଯେ, ବିଗତ ବର୍ଷ ଗୁଡିକରେ ବିସ୍ତାରବାଦୀ ନୀତି ହିଁ ମାନବଜାତିର ସବୁ ଠାରୁ ଅଧିକ କ୍ଷତି କରିଛି। ମାନବ ଜାତିର ବିନାଶ ପାଇଁ ବିସ୍ତାରବାଦୀ ନୀତି ହିଁ ଦାୟୀ। ବିସ୍ତାରବାଦୀ ନୀତିକୁ ଯିଏ ବି ଆପଣାଇବାକୁ ଚେଷ୍ଟା କରିଛି, ସେ ସର୍ବଦା ବିଶ୍ୱର ଶାନ୍ତି ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପୂରା ବିଶ୍ୱ ବିସ୍ତାରବାଦ ନୀତି ବିରୋଧରେ ସ୍ୱର ଉଠାଉଛି। ଏବେ ବିଶ୍ୱ ବିକାଶବାଦୀ ଉପରେ ଗୁରୁତ୍ୱ ଦେଉଛି। ଆଜି ବିକାଶର ସମସ୍ତ ନୀତିନିୟମକୁ ସମସ୍ତେ ସ୍ୱାଗତ କରୁଛନ୍ତି। ଯେତେବେଳେ ମୁଁ ରାଷ୍ଟ୍ରୀୟ ସୁରକ୍ଷା ଉପରେ ବିଚାର କରେ ସେତେବେଳେ ଦୁଇଜଣ ମାତାଙ୍କୁ ସ୍ମରଣ କରିଥାଏ। ପ୍ରଥମେ ଭାରତ ମାତା ଓ ଦ୍ୱିତୀୟରେ ବୀରଙ୍କ ମାତା। ଯେଉଁମାନେ ଆପଣମାନଙ୍କ ଭଳି ବୀର ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି ବୋଲି ମୋଦି କହିଛନ୍ତି। ଲଦାଖର ନିମୁ କ୍ୟାମ୍ପରେ ପ୍ରଧାନମନ୍ତ୍ରୀ ମୋଦି ବୀର ଯବାନଙ୍କୁ ପ୍ରଶଂସା କରି କହିଛନ୍ତି, ଆପଣମାନେ ଯେଉଁ ସାହସ ଦେଖାଇଛନ୍ତି, ତାହା ପ୍ରଶଂସାଯୋଗ୍ୟ। ଗଲୱାନ ଘାଟିରେ ସହିଦ ବୀର ଯବାନଙ୍କୁ ମୁଁ ଶ୍ରଦ୍ଧାଞ୍ଜଳି ଜଣାଉଛି। ସେମାନେ ବୀରତାର ପରିଚୟ ଦେଖାଇଛନ୍ତି। ଆଜି ପ୍ରତି ଦେଶବାସୀଙ୍କ ମୁଣ୍ଡ ଆପଣଙ୍କ ପାଖରେ ନତମସ୍ତକ। ଆପଣଙ୍କ ବୀରତା ପାଇଁ ଆଜି ପ୍ରତି ଭାରତୀୟଙ୍କ ଛାତି ଫୁଲିଉଠୁଛି। ଏହି ମାଟି, ପାଣି, ପଥର ଭାରତୀୟ ଯବାନଙ୍କ ପରାକ୍ରମର ସାକ୍ଷୀ। ସାରା ଦୁନିଆ ଭାରତୀୟ ଯବାନଙ୍କ ପରାକ୍ରମ ଦେଖିଲେ। ଗଲୱାନ ଆମର। ଲଦାଖର ଏ ପୂରା ଅଞ୍ଚଳ ଭାରତର ମସ୍ତକ। ଏ ମାଟି ବୀରମାନଙ୍କ ପାଇଁ, ଏହାର ସୁରକ୍ଷା ଆମର ସଂକଳ୍ପ। ଏ ମାଟିର ସୁରକ୍ଷା ନେଇ ଆପଣମାନେ କରିଥିବା ସଂକଳ୍ପକୁ ମୁଁ ଦେଖିପାରୁଛି। ବର୍ଷ ବର୍ଷ ଧରି ପ୍ରତି ଆକ୍ରମଣର ମୁହଁତୋଡ ଜବାବ ଦିଆଯାଇଛି। ପ୍ରତି ଆକ୍ରମଣ ପରେ ଭାରତ ଅଧିକରୁ ଅଧିକ ସଶକ୍ତ ହେଉଛି। ଦୁର୍ବଳ ଓ କମଜୋର କେବେ ଶାନତି ଆପଣାଇ ପାରିବେ ନାହିଁ। ବୀରମାନେ ହିଁ ଶାନ୍ତି ପ୍ରତିଷ୍ଠା କରିପାରିବେ। ଭାରତ ଆଜି ଆଧୁନିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଛି। ଠିକ୍‌କୁ ଠିକ୍ କହିବା ଏବଂ କରି ଦେଖାଇବା ହିଁ ସାହସ। ଆମେ ଏକ ସଶକ୍ତ ଓ ଆତ୍ମନିର୍ଭର ଭାରତ ନିଶ୍ଚିତ ତିଆରି କରିବା ପାଇଁ ସହାୟକ ହେବ। ଆତ୍ମନିର୍ଭର ଭାରତର ସଂକଳ୍ପ ଆପଣମାନଙ୍କ ତ୍ୟାଗ, ବଳିଦାନ ଓ ବୀରତ୍ୱର କାରଣରୁ ଅଧିକ ମଜଭୁତ କରିବ। ଆପଣମାନଙ୍କ ସାହାସ ଯୋଗୁ ପ୍ରତି ଭାରତୀୟ ଗର୍ବ କରୁଛନ୍ତି ବୋଲି ମୋଦି କହିଛନ୍ତି।

## ଗର୍ଭଧାରଣ କରିଥିବା ମହିଳା ପ୍ଲାଜମା ଦାନ କରିପାରିବେ ନାହିଁ

**ନୂଆଦିଲ୍ଲୀ :** ଦିଲ୍ଲୀରେ ଦେଶର ପ୍ରଥମ ପ୍ଲାଜମା ବ୍ୟାଙ୍କ ଉଦ୍‌ଘାଟନ କରାଯାଇଥିବା ବେଳେ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ପ୍ଲାଜମା ଥେରାପିକୁ କେତେକ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଛି। ତେବେ ପ୍ଲାଜମା ଥେରାପି କେଉଁମାନଙ୍କ ଠାରେ ପ୍ରୟୋଗ କରାଯାଇପାରିବ, କେଉଁ ବର୍ଗର ବ୍ୟକ୍ତିମାନେ କରୋନା ରୋଗୀଙ୍କୁ ପ୍ଲାଜମା ଦେଇପାରିବେ ସେ ସମ୍ପର୍କରେ ଦିଲ୍ଲୀ ସରକାରଙ୍କ ଅଧିନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ ବିଲିୟାରି ସାଇନ୍‌ସେସ୍‌ର ନିର୍ଦ୍ଦେଶକ ଡାକ୍ତର ଏସ୍ କେ ସରିନ ଏକ ସାକ୍ଷାତକାରରେ କହିଛନ୍ତି। ତାଙ୍କ ମତରେ କରୋନାରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତି ୧୪ ଦିନ ପରେ ପ୍ଲାଜମା ଦେଇପାରିବେ। କିନ୍ତୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୬୦-୬୫ ବର୍ଷରୁ ଅଧିକ ବୟସ ହୋଇନଥିବେ। ସେହିଭଳି ମଧୁମେହ କିମ୍ବା ହାଇପରଟେନ୍‌ସନ୍ ଭଳି ରୋଗ ତାଙ୍କ ଠାରେ ଅନିୟନ୍ତ୍ରିତ ଅବସ୍ଥାରେ ନଥିବ। ଏଥିସହିତ ସମ୍ପୃକ୍ତ ବ୍ୟକ୍ତି ଦୀର୍ଘଦିନ ଧରି କିଡ୍‌ନି, ହାର୍ଟ, ଲଙ୍ଗ୍ ଏବଂ ଲିଭରଜନିତ ରୋଗରେ ପୀଡିତ ନଥିବେ ବୋଲି ଡା. ସରିନ୍ କହିଛନ୍ତି। କେବଳ ସେତିକି ନୁହେଁ, ପ୍ଲାଜମା ଦାନ କରୁଥିବା ବ୍ୟକ୍ତିଙ୍କ ପୌଷ୍ଟିକତତ୍ୱ ଭଲ ଥିବା ଦରକାର। ଏଥିସହିତ ତାଙ୍କର ଓଜନ ୫୦ କିଗ୍ରାରୁ ଅଧିକ ହୋଇଥିବା ଆବଶ୍ୟକ। ସେହିଭଳି ହେମୋଗ୍ଲୋବିନ ସ୍ତର ମଧ୍ୟ ୮ରୁ ଅଧିକ ରହିଥିବା ଉଚିତ୍। ଏହି ଥେରାପିର ଏକ ଭଲ ଦିଗ ହେଲା ରକ୍ତର ଗୋଟିଏ ଉପାଦାନକୁ ପ୍ରଦାନକାରୀଙ୍କୁ ଦେବାକୁ ପଡିଥାଏ। ୧୫ ଦିନ ପରେ ଦ୍ୱିତୀୟ ଥର ପାଇଁ ମଧ୍ୟ ସମ୍ପୃକ୍ତ ବ୍ୟକ୍ତି ଏହା ଦାନ କରିପାରିବେ। ଗର୍ଭବତୀ ମହିଳା ପ୍ଲାଜମା ଦାନ ନକରି ପାରିବାର କାରଣ ସମ୍ପର୍କରେ ଡା. ସରିନ୍ କୁହନ୍ତି, ଗୋଟିଏ ଶିଶୁର ଦେହରେ ଉଭୟ ବାପା ଓ ମାଆଙ୍କ ଜିନ୍ ଉପାଦାନ ରହିଥାଏ। ତେଣୁ ଜଣେ ମହିଳା ସେତେବେଳେ ଗର୍ଭବତୀ ହୁଅନ୍ତି ସେତେବେଳେ ତାଙ୍କ ଠାରେ ସ୍ୱାମୀଙ୍କ ହ୍ୟୁମାନ ଲ୍ୟୁକୋସାଇଟ୍ ଆଣ୍ଟିଜେନ୍ ବିରୋଧରେ ଆଣ୍ଟିବଡିର ବିକାଶ ହୋଇଥାଏ। ତେଣୁ ରକ୍ତଦାନ ବେଳେ ଏଚଏଲଏ ଆଣ୍ଟିବଡି ଫୁସ୍‌ଫୁସ୍ ନଷ୍ଟ ଭଳି କେତେକ ସମସ୍ୟା ସୃଷ୍ଟି କରିଥାଏ।

### କେରଳରେ ବର୍ଷକ ପାଇଁ କରୋନା କଟକଣା

## ମାସ୍କ ନ ପିନ୍ଧିଲେ ୧୦ ହଜାର ଜରିମାନା

**ନୂଆଦିଲ୍ଲୀ :** କରୋନା ଭାଇରସ୍ ସଂକ୍ରମଣକୁ ନଜରରେ ରଖି ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି କେରଳ ସରକାର। ଆଗାମୀ ଏକବର୍ଷ ପର୍ଯ୍ୟନ୍ତ କୋଭିଡ୍-୧୯ ଗାଇଡ୍‌ଲାଇନ୍ ଲାଗୁ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି। ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ଏହି ଗାଇଡ୍‌ଲାଇନ୍‌କୁ ଚଳିତ ବର୍ଷ ଜୁଲାଇ ପର୍ଯ୍ୟନ୍ତ ଜାରି କରାଯାଇଥିବା ବେଳେ ବର୍ତ୍ତମାନ ତାହାକୁ ୨୦୨୧ ଜୁଲାଇ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କେରଳ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ, ସାର୍ବଜନୀନ ସ୍ଥାନରେ ମାସ୍କ ପିନ୍ଧିବା ଏବଂ ଛଅଫୁଟ ସାମାଜିକ ଦୂରତା ରକ୍ଷା କରିବା ଅନିବାର୍ଯ୍ୟ। ସାର୍ବଜନୀନ ସ୍ଥାନରେ ମାସ୍କ ନପିନ୍ଧିଲେ ୧୦ହଜାର ଜୋରିମାନା, ବିବାହ ଉତ୍ସବରେ ୫୦ଲୋକ ସାମିଲ ହୋଇପାରିବେ, ମୃତ ଲୋକଙ୍କ ଅନ୍ତିମ ସଂସ୍କାରରେ ସର୍ବାଧିକ ୨୦ଜଣ ସାମିଲ ହୋଇପାରିବେ। କୌଣସି ସାମାଜିକ ସଭା ପାଇଁ ସ୍ଥାନୀୟ ଅଧିକାରୀଙ୍କ ଅନୁମତି ଆବଶ୍ୟକ, ସାର୍ବଜନୀନ ସ୍ଥାନରେ ଛେପ ପକାଇବା ନିଷେଧ, ଅନ୍ୟ ରାଜ୍ୟରୁ କେରଳକୁ ଆସିବାକୁ ଚାହୁଁଥିବା ଲୋକ କେରଳ ସରକାର ଦ୍ୱାରା ପ୍ରଦତ୍ତ ଇ-ପ୍ଲାଟଫର୍ମ ଜରିଆରେ ପଞ୍ଜୀକରଣ କରି ଆସିବେ ଏବଂ ରାଜ୍ୟ ମଧ୍ୟରେ ଯାତାୟାତ ପାଇଁ ପାସ୍‌ର ଆବଶ୍ୟକତା ରହିବ ବୋଲି ପୂର୍ବରୁ ରଖାଯାଇଥିବା ଗାଇଡ୍‌ଲାଇନ୍ ଆଗାମୀ ଏକବର୍ଷ ପର୍ଯ୍ୟନ୍ତ ଜାରି ରହିବ। ସୂଚନାଯୋଗ୍ୟ, କେରଳରେ ଦେଶର ପ୍ରଥମ କୋଭିଡ୍- ୧୯ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଦ୍ୱାରା ରବିବାର ସକାଳ ୮ଟା ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, କେରଳରେ ବର୍ତ୍ତମାନ ସୁଦ୍ଧା ୫ହଜାର ୨୦୪ ଜଣ କରୋନା ରୋଗୀ ଚିହ୍ନଟ ହୋଇଥିବା ବେଳେ ୨ହଜାର ୧୩୧ଟି ସକ୍ରିୟ ମାମଲା ରହିଛି। ଏଥିସହିତ ୨୫ଜଣଙ୍କର ମୃତ୍ୟୁ ହୋଇଛି।

## ନଭେମ୍ବର ୩୦ ପର୍ଯ୍ୟନ୍ତ ଘୁଞ୍ଚିଲା ଆୟକର ରିଟର୍ଣ୍ଣ ଦାଖଲ




**ନୂଆଦିଲ୍ଲୀ :** କରୋନା ମହାମାରୀ ପରିପ୍ରେକ୍ଷୀରେ ୨୦୧୯-୨୦ ଆର୍ଥିକ ବର୍ଷ ସକାଶେ ଆୟକର ରିଟର୍ଣ୍ଣ ଫାଇଲ ତାରିଖ ନଭେମ୍ବର ୩୦ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଶନିବାର ଦିନ ଆୟକର ବିଭାଗ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରିକରିଛି। ଆୟକର ବିଭାଗ ଟ୍ୱିଟ୍ କରି ଲେଖିଛି, ଏବେ ଆର୍ଥିକ ବର୍ଷ ୨୦୧୯-୨୦ ପାଇଁ ଆୟକର ଦାଖଲ ତାରିଖ ନଭେମ୍ବର ୩୦, ୨୦୨୦ ଯାଏଁ ବଢାଇ ଦିଆଗଲା। ଗତ ସପ୍ତାହରେ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ବିଜ୍ଞପ୍ତି ମାଧ୍ୟମରେ ଆର୍ଥିକ ବର୍ଷ ୨୦୧୮-୧୯ର ସମୟସୀମା ଆହୁରି ମାସେ ବଢାଇ ଦେଇ ଜୁଲାଇ ୩୧, ୨୦୨୦ କରିଥିଲେ। ଏହାଛଡ଼ା ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ ୨୦୧୯-୨୦ ବର୍ଷ ଲାଗି ଆଇଟି ଆକ୍ଟରେ ଥିବା ବିଭିନ୍ନ ବିନିଯୋଗରୁ ଡିଡକ୍ସନ ଲାଗି ସମୟ ସୀମା ଜୁଲାଇ ୩୧, ୨୦୨୦ ଘୁଞ୍ଚାଇ ଦେଇଥିଲା। ୮୦ସି (ଏଲଆଇସି, ପିପିଏଫ, ଏନ୍‌ଏସ୍‌ସି) ୮୦ ଡି (ମେଡିକ୍ଲେମ), ୮୦ ଜି (ଅନୁଦାନ) ଆଦି ଏହି ଆକ୍ଟ ଅଧୀନରେ ଆସୁଛି। ଏହାଛଡ଼ା ପୂର୍ବରୁ କେନ୍ଦ୍ର ସରକାର ବାୟୋମେଟ୍ରିକ ଆଧାର ପାନ୍ ଲିଙ୍କ୍ ସମୟ ସୀମା ମାର୍ଚ୍ଚ ୩୧, ୨୦୨୧ ଯାଏଁ ବୃଦ୍ଧି କରିଥିଲେ।

## ପ୍ରତି ଭୋଟ୍ କେନ୍ଦ୍ରରେ ଏକ ହଜାରରୁ ଅଧିକ ମତଦାତା ଭୋଟ ନଦେବାକୁ ପ୍ରସ୍ତାବ

**ନୂଆଦିଲ୍ଲୀ :** କରୋନା ସଙ୍କଟ ସମୟରେ ଭୋଟ କେନ୍ଦ୍ରରେ ମତଦାତା ମାନଙ୍କର ସଂଖ୍ୟାକୁ ସୀମିତ ରଖିବା ପାଇଁ ଭାରତୀୟ ନିର୍ବାଚନ ଆୟୋଗ ପଦକ୍ଷେପ ନେଉଛନ୍ତି। ଭୋଟଦାନ କେନ୍ଦ୍ରମାନଙ୍କରେ ଭିଡକୁ ଏଡ଼ାଇ ସାମାଜିକ ଦୂରତା ନିୟମ ବଜାୟ ରଖିବା ସକାଶେ ପ୍ରତ୍ୟେକ ଭୋଟଦାନ କେନ୍ଦ୍ରରେ ଅତି ବେଶୀରେ ୧୦୦୦ ଜଣ ଭୋଟରଙ୍କୁ ମତଦାନ କରିବା ପାଇଁ ସୁଯୋଗ ଦେବା ନିମନ୍ତେ ଚିନ୍ତା କରାଯାଉଛି। ମତଦାତାଙ୍କ ସଂଖ୍ୟା ୧,୦୦୦ ରୁ ଅଧିକ ହେଲେ ସହାୟକ ଭୋଟଦାନ କେନ୍ଦ୍ର ଖୋଲାଯିବ। ଅକ୍ଟୋବର- ନଭେମ୍ବର ମାସରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନ ତଥା ଓଡ଼ିଶା ସମେତ ଦେଶର ୭ଟି ରାଜ୍ୟରେ ହେବାକୁ ଥିବା ବିଧାନସଭା ଉପ ନିର୍ବାଚନରେ ଏହି ପ୍ରସ୍ତାବିତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ଆୟୋଗ ଚିନ୍ତା କରୁଛି। ଏଇଥିପାଇଁ ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳମାନଙ୍କ ମତାମତ ଲୋଡିଛି। ଉଲ୍ଲେଖଯୋଗ୍ୟ, କୋଭିଡ-୧୯ ପ୍ରକୋପ ପାଇଁ ନିର୍ବାଚନ ଆୟୋଗ ୬୫ ବର୍ଷ ବୟସ ଓ ତାହା ଠାରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କୁ ପୋଷ୍ଟାଲ ବ୍ୟାଲେଟ୍‌ରେ ଭୋଟ ଦେବା ପାଇଁ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଛି।

## ଟ୍ରମ୍ପଙ୍କ ଟେବୁଲରେ ବେଜିଂ ବିଧେୟକ

**ୱାଶିଂଟନ :** ହଂକଂରେ ଚୀନ୍ ରାଷ୍ଟ୍ରୀୟ ସୁରକ୍ଷା ଆଇନ ଲାଗୁ କରିବା ପରେ ଆମେରିକା ସେଥିରେ ହସ୍ତକ୍ଷେପ କରିଛି। ହଂକଂରେ ବେଜିଂ ବିରୋଧୀ ଆନ୍ଦୋଳନ କ୍ରମେ ଉଗ୍ରରୂପ ନେଇଥିଲା ବେଳେ ଆମେରିକା ସିନେଟ୍‌ରେ ବେଜିଂ ବିରୋଧରେ କଡ଼ା ବିଲ ଅନୁମୋଦନ ଲାଭ କରିଛି। ଚୀନ ହଂକଂରେ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପରେ ସାମିଲ ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିବାଦୀୟ ଆଇନ ଲାଗୁ କରିଛି। ହଂକଂ ଭଳି ଅର୍ଦ୍ଧସ୍ୱୟଂଶାସିତ ଅଞ୍ଚଳରେ ପ୍ରତିବାଦର ସ୍ୱର ଚାପିଦେବା ପାଇଁ ଏହି ଆଇନ ଲାଗୁ କରାଯାଇଛି ବୋଲି ଲୋକମାନେ ଅଭିଯୋଗ କରୁଛନ୍ତି। ଆମେରିକା ସଂସଦରେ ଅନୁମୋଦିତ ବିଲ ହଂକଂ ବିକ୍ଷୋଭକାରୀଙ୍କ ପ୍ରତି ବେଜିଂ ପୁଲିସର କାର୍ଯ୍ୟାନୁଷ୍ଠାନକୁ କେତେଦୂର ଅଟକାଇପାରିବ, ତା'କୁ ନେଇ ନାନା ଆଶଙ୍କା ମୁଣ୍ଡ ଟେକିଛି। ଚୀନ୍‌ର କମ୍ୟୁନିଷ୍ଟ ପାର୍ଟିର ଅଧିକାରୀମାନଙ୍କ ଉପରେ ଆମେରିକା ଆଇନର ପ୍ରଭାବ ପଡ଼ିବ ବୋଲି ମନେହୁଏ ନାହିଁ। ଆମେରିକା ବିଧେୟକ କାର୍ଯ୍ୟକାରୀ ଫଳରେ ହଂକଂସ୍ଥିତ ବ୍ୟାଙ୍କଗୁଡିକ ସହିତ କାରବାର କରୁଥିବା ବିଦେଶୀ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆମେରିକା ସିନେଟରେ ଗୁରୁବାର ଏହି ବିଧେୟକ ଅନୁମୋଦନ ଲାଭ କରିଛି। ଏବେ ଉକ୍ତ ବିଲ ହ୍ୱାଇଟ୍ ହାଉସ୍ ଟେବୁଲରେ ଅଛି। ଚୀନର ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ଝାଓ ଲିଜିୟାନ କହିଛନ୍ତି, ବିଦେଶୀ ଶକ୍ତିର କୌଣସି ଚାପ ଚୀନ୍‌ର ସଂକଳ୍ପ ଏବଂ ରାଷ୍ଟ୍ରୀୟ ସାର୍ବଭୌମତ୍ୱ ତଥା ହଂକଂର ସମୃଦ୍ଧି ଏବଂ ସ୍ଥିରତା ରକ୍ଷା କରିବାର ଇଚ୍ଛାଶକ୍ତିକୁ ଦୋହଲାଇପାରିବ ନାହିଁ। ଏହା ସହିତ ଆମେରିକା ଅନ୍ତର୍ଜାତୀୟ ନିୟମ ପାଳନ କରିବା, ହଂକଂ ପ୍ରସଙ୍ଗରେ ହସ୍ତକ୍ଷେପ ନକରିବା ଏବଂ ପ୍ରତିବନ୍ଧକ ସମ୍ପର୍କିତ ବିଧେୟକରେ ହସ୍ତାକ୍ଷର ନ କରିବାକୁ ଅନୁରୋଧ କରିଛନ୍ତି। ଏହା ପୂର୍ବରୁ ହଂକଂବାସୀଙ୍କ ସ୍ୱାଧୀନତା ଆଞ୍ଚ ଆଣୁଥିବା ଭଳି ବିବାଦୀୟ ବିଲ ବେଜିଂ ସଂସଦର ଅନୁମୋଦନ ଲାଭ କରିବା ପରେ ଲଣ୍ଡନ ଉଦ୍‌ବେଗ ପ୍ରକାଶ କରିଥିଲା। ହଂକଂବାସୀଙ୍କ ଭାଗ୍ୟକୁ ସ୍ୱେଚ୍ଛାଚାରୀ ଶାସକଙ୍କ ହାତକୁ ଟେକି ଦେଇଥିବାରୁ ନିଜକୁ ଦୋଷୀ ମନେକରି ଲଣ୍ଡନ ପ୍ରାୟ ୩୦ ଲକ୍ଷ ହଂକଂବାସୀଙ୍କୁ ଅସ୍ଥାୟୀ ନାଗରିକତା ପ୍ରଦାନ କରିବାକୁ ରାଜି ହୋଇଥିଲା। ମାତ୍ର ଲଣ୍ଡନର ନିଷ୍ପତ୍ତି ଆନ୍ତର୍ଜାତିକ ଆଇନ ଓ କୂଟନୈତିକ ବୁଝାମଣାକୁ ଉଲ୍ଲଙ୍ଘନ କରୁଛି ବୋଲି ବେଜିଂ ଦୂତାବାସ ଚିଠିରେ ଦର୍ଶାଇଛି। ଚିଠିରେ ଏହା ମଧ୍ୟ ଲେଖାଯାଇଛି ଯେ ବେଜିଂ କେବେ ବ୍ରିଟେନବାସୀଙ୍କୁ ଖୋଲାଖୋଲି ନାଗରିକତା ପ୍ରଦାନ ବିଷୟ ଘୋଷଣା କରିନି। ଅତଏବ ହଂକଂବାସୀଙ୍କୁ ରାଜନୈତିକ ଆଶ୍ରୟ ଦେବା ନିଷ୍ପତ୍ତିରୁ ଲଣ୍ଡନ ଓହରିଯିବା ଉଚିତ ହେବ।

# ୩୩ ଲଢୁଆ ଜେଟ୍ କିଣିବ ଭାରତ

**ନୂଆଦିଲ୍ଲୀ :** ଲଦାଖ ସୀମାରେ ଭାରତ-ଚୀନ ସେନା ମୁହାଁମୁହିଁ ଅବସ୍ଥାରେ ଥିଲା ବେଳେ ଭାରତ ତାର ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ନିମନ୍ତେ ରୁଷିଆ ଠାରୁ ୨୧ଟି ମିଗ୍-୨୯ ଏବଂ ୧୨ଟି ସୁଖୋଇ ଏମ୍‌କେଆଇ ଲଢୁଆ ଜେଟ୍ କିଣିବାକୁ ଯାଉଛି। ଏ ସଂକ୍ରାନ୍ତ ଏକ ପ୍ରସ୍ତାବକୁ ପ୍ରତିରକ୍ଷା ଅଧିଗ୍ରହଣ କମିଟି (ଡିଏସି) ସୁପାରିଶ କରିଛି। ଗୁରୁବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା କମିଟି ବୈଠକରେ ଏହି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ୨୧ଟି ମିଗ-୨୯ ଲଢୁଆ ଜେଟ୍ କିଣିବା ଏବଂ ସେଗୁଡିକୁ ଅପଗ୍ରେଡ କରିବା ପାଇଁ ରାଜକୋଷରୁ ୭,୪୧୮ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଭାରତର ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ) ସହଯୋଗରେ ନିର୍ମାଣ ହେବାକୁ ଥିବା ୧୨ଟି ସୁ-୩୦ ଏମ୍‌କେଆଇ ପାଇଁ ୧୦,୭୩୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପଡ଼ୋଶୀ ଦେଶଗୁଡ଼ିକ ପକ୍ଷରୁ ଭାରତର ନିରାପତ୍ତା ଓ ସାର୍ବଭୌମତ୍ୱ ପ୍ରତି ବିପଦ ଆଶଙ୍କା କରାଯିବା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛି। ପ୍ରଧାନମନ୍ତ୍ରୀଙ୍କ 'ଆତ୍ମନିର୍ଭର ଭାରତ' ଅଭିଯାନ ପ୍ରତି ସମ୍ମାନ ଜଣାଇ ପ୍ରତିରକ୍ଷା ମନ୍ତ୍ରଣାଳୟ ରୁଷିଆଠାରୁ ସିଧାସଳଖ ମିଗ-୨୯ କିଣିବାକୁ ରାଜି ହୋଇଥିଲା ବେଳେ 'ହାଲ୍' ବାଟ ଦେଇ ହାଲୁକା ଏମ୍‌କେଆଇ ଦେବ। ପ୍ରତିରକ୍ଷା କମିଟି ମୋଟ ୩୮,୯୦୦ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁର କରିଛି। ରୁଷିଆ ନିକଟରୁ ଏମ୍‌କେଆଇ କିଣାଯିବା ପରେ ସେଥିରେ 'ହାଲ' ସ୍ୱଦେଶୀ ଜ୍ଞାନକୌଶଳ ପ୍ରୟୋଗ କରି ତାକୁ ନୂଆରୂପ ପ୍ରଦାନ କରିବ।



ଭାରତର ପ୍ରତିରକ୍ଷା ଗବେଷଣା ସଂସ୍ଥାନ 'ଡିଆରଡିଓ' ଏ ଦିଗରେ 'ହାଲ୍'କୁ ପୂର୍ଣ୍ଣ ସହଯୋଗ କରିବ। ଏହାଛଡ଼ା ଡିଆରଡିଓ ସହାୟତାରେ କିଛି ଘରୋଇ କମ୍ପାନୀ ଭାରତର ପ୍ରତିରକ୍ଷା ବିଭାଗ ପାଇଁ ଯୁଦ୍ଧାସ୍ତ୍ର ନିର୍ମାଣ ପାଇଁ ବୁଝାମଣା କରିଛନ୍ତି। ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ସମୃଦ୍ଧ କରିବା ପାଇଁ ଡିଆରଡିଓ ପକ୍ଷରୁ ସମଯୋପଯୋଗୀ ଅସ୍ତ୍ରଶସ୍ତ୍ର ନିର୍ମାଣ କୌଶଳ ଉଦ୍ଭାବନ କରିଛି। ସେଗୁଡ଼ିକ ମଧ୍ୟରୁ ମଧ୍ୟମ କ୍ଷମତାସମ୍ପନ୍ନ କ୍ଷେପଣାସ୍ତ୍ର, ଡିଫେନ୍ସ ରେଡିଓ ସିଷ୍ଟମ, ଭୂପୃଷ୍ଠରୁ ଦୂରଭେଦୀ କ୍ରୁଇଜ ମିସାଇଲ୍, ନୌସେନା ଓ ବାୟୁସେନା ପାଇଁ ଅସ୍ତ୍ର ମିସାଇଲ୍ ସମେତ ପିନାକା କମାଣ ପାଇଁ ପ୍ରାୟ ୨୦,୪୦୦ କୋଟି ଟଙ୍କା ବରାଦ କରାଯାଇଛି। ସୂଚନାଯୋଗ୍ୟ, ଭାରତ-ଚୀନ ବିବାଦ ବୃଦ୍ଧି ପାଇବା ପରେ ଭାରତୀୟ ବାୟୁସେନା ୩୩ଟି ଫାଇଟର୍ ସୁ-୩୦ ଏମ୍‌କେଆଇ ଓ ୨୧ଟି ମିଗ-୨୯ କିଣିବା ପାଇଁ ମନ ବଳାଇଥିଲା। ପଡ଼ୋଶୀ ଦେଶକୁ ସାବାଡ଼୍ କରିବା ପାଇଁ ବାୟୁସେନାକୁ ଆଧୁନିକ ଅସ୍ତ୍ରଶସ୍ତ୍ର ଓ ଲଢୁଆ ଜେଟ୍‌ର ଆବଶ୍ୟକତା ରହିଛି ବୋଲି ବାୟୁସେନା ମୁଖ୍ୟ ଭଦୌରିଆ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ। ଭଦୌରିଆଙ୍କ ପାଟିରୁ ଅତ୍ୟାଧୁନିକ ଲଢୁଆ ଜେଟ୍ କଥା ଉଠିବା ମାତ୍ରେ ରୁଷିଆ ଭାରତକୁ ମିଗ-୨୯ର ନୂତନ ସଂସ୍କରଣ ବିକିବା ପାଇଁ ଆଗ୍ରହ ବ୍ୟକ୍ତ କରିଥିଲା। ୧୯୮୫ରେ ଭାରତ ରୁଷିଆଠାରୁ ପ୍ରଥମ ମିଗ-୨୯ ପାଇଥିଲା। ତତ୍କାଳୀନ ମିଗ୍ ବିମାନର ଚତୁର୍ଥ ସଂସ୍କରଣ ଏବେ ଭାରତ ହାତକୁ ଆସିବାର ଅଛି।

# ଭୂମିହୀନ ଚାଷୀଙ୍କ ପାଇଁ 'ବଳରାମ'

**ଭୁବନେଶ୍ୱର :** ଭୂମିହୀନ ଚାଷୀଙ୍କ ପାଇଁ ରାଜ୍ୟ ସରକାର ଏକ ଭଲ ଖବର ଆଣିଛନ୍ତି। 'କାଳିଆ' ଯୋଜନା ପରେ ରାଜ୍ୟ ସରକାର 'ବଳରାମ' ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ବଳରାମ ଯୋଜନା ନେଇ ଆଜି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଭୂମିହୀନ ଚାଷୀମାନଙ୍କୁ ଋଣ ଯୋଗାଇ ଦେବେ। ରାଜ୍ୟ ସରକାର ଭୂମିହୀନ ଚାଷୀମାନଙ୍କୁ ଏକ ହଜାର ୪୦ କୋଟି ଟଙ୍କାର ଋଣ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଜଏଣ୍ଟ ଲିଆବିଲିଟି ଗ୍ରୁପ୍ ମାଧ୍ୟମରେ ଚାଷୀମାନେ ଋଣ ପାଇପାରିବେ। ପ୍ରାୟ ୭ଲକ୍ଷ ଚାଷୀଙ୍କୁ ଋଣ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ରାଜ୍ୟ ସ୍ତରରେ ଇଜେମ ଏବଂ ଜିଲ୍ଲାସ୍ତରରେ ଆତ୍ମା ସଂସ୍ଥା ଏହି କାର୍ଯ୍ୟକ୍ରମର ସଂଯୋଜନା କରିବେ। ଗ୍ରାମାଞ୍ଚଳ ଏବଂ ଛୋଟ ଛୋଟ ସହର ଅଞ୍ଚଳ ମାନଙ୍କରେ ବିଭିନ୍ନ ବ୍ୟାଙ୍କ୍ ଏବଂ ପ୍ରାଥମିକ କୃଷି ସମବାୟ ସଂସ୍ଥାର ପ୍ରାୟ ୭୦୦୦ ଶାଖା ଥିବାର ଜଣାପଡିଛି। ପ୍ରତି ବ୍ୟାଙ୍କ ଶାଖାକୁ ଚଳିତ ବର୍ଷ ଅତି କମରେ ୧୦ଟି ଜେଏଲ୍‌ଜିଙ୍କୁ ଋଣ ଦେବା ପାଇଁ କୁହାଯାଇଛି। ଏହାଫଳରେ ପ୍ରାୟ ୭୦,୦୦୦ ଗ୍ରୁପ୍ ଚଳିତ ବର୍ଷ କୃଷି ଋଣ ପାଇପାରିବେ। ଗୋଟିଏ ଗ୍ରୁପ୍‌ରେ ୫ଜଣ ଚାଷୀ ରହିବେ। ବର୍ଷକୁ ୩.୫ଲକ୍ଷ ଚାଷୀ ହିସାବରେ ୨ ବର୍ଷ ମଧ୍ୟରେ ପ୍ରାୟ ୭ଲକ୍ଷ ଭୂମିହୀନ ଚାଷୀଙ୍କୁ କୃଷି ଋଣ ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରତି ଗ୍ରୁପ୍ ୧.୬୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇପାରିବେ। କୃଷକ ସାଥୀ ଏବଂ ଗ୍ରାମ କୃଷି କର୍ମଚାରୀମାନେ ଗ୍ରୁପ୍ ଗଠନ କରି ସେମାନଙ୍କୁ ବ୍ୟାଙ୍କ ମାନଙ୍କ ସହ ସଂଯୋଜିତ କରିବେ ଯେ ଋଣ ଯୋଗାଣ ଏବଂ ଋଣ ପୈଠ ଆଦିରେ ସହାୟତା କରିବେ। ଏହି କାର୍ଯ୍ୟ ପାଇଁ ସେମାନଙ୍କୁ ଜିଲ୍ଲାସ୍ତରୀୟ ଆତ୍ମା ସଂସ୍ଥା ମାଧ୍ୟମରେ ପ୍ରୋତ୍ସାହନ ଦେବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏହି କ୍ଷେତ୍ରସ୍ତରୀୟ କର୍ମଚାରୀମାନଙ୍କୁ ସଠିକ୍ ଭାବେ ତାଲିମ ଓ ଅନୁପ୍ରେରଣା ଦେବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପଠୀ ନିର୍ଦ୍ଦେଶ ଦେଇଥିଲେ। ଭୂମିହୀନ ଚାଷୀମାନଙ୍କୁ ଏହି ଋଣ ସାଧାରଣ କୃଷି ଋଣ ଆକାରରେ ଦିଆଯିବ। ଏହାର ସୁଧ ହାର ଏବଂ ସୁଧ ରିହାତି ଆଦି ରାଜ୍ୟ ସରକାରଙ୍କ କୃଷି ଋଣ ନିୟମ ଅନୁଯାୟୀ ହେବ। ନାବାର୍ଡର ଓଡ଼ିଶା ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ର ଶେଖର କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଏହି ଯୋଜନା ଏକ ଅଭିନବ ପ୍ରୟାସ। ଅନ୍ୟ କୌଣସି ରାଜ୍ୟରେ ଏହା କାର୍ଯ୍ୟକାରୀ ହୋଇନାହିଁ। ଏହି ଯୋଜନା ସଫଳ ହେଲେ ସମଗ୍ର ଦେଶ ପାଇଁ ଏକ ମଡେଲ ହେବ। ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ ମୀନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ୍ ଯାଦବ, ନାବାର୍ଡର ମୁଖ୍ୟ ପରିଚାଳନା ପ୍ରବନ୍ଧକ ଚନ୍ଦ୍ର ଶେଖରଙ୍କ ସମେତ ରାଜ୍ୟ ସମବାୟ ବ୍ୟାଙ୍କ, ରାଜ୍ୟସ୍ତରୀୟ ବ୍ୟାଙ୍କ ସମନ୍ୱୟ କମିଟି ଏବଂ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନାମ ଲେଖା ପାଇଁ ଆଧାର ବାଧ୍ୟତାମୂଳକ ନୁହେଁ

**ଭୁବନେଶ୍ୱର :** ଚଳିତବର୍ଷ ନାମଲେଖା ପାଇଁ ଆଧାର ନମ୍ବର ବାଧ୍ୟତାମୂଳକ ନୁହେଁ। କେବଳ ଜନ୍ମ ପ୍ରମାଣ ପତ୍ର ଦେଇ ଅଭିଭାବକମାନେ ପିଲାଙ୍କର ସ୍କୁଲରେ ନାମଲେଖାଇ ପାରିବେ। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ସ୍କୁଲରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏନେଇ ରାଜ୍ୟ ସରକାର ସ୍ୱତନ୍ତ୍ର ଏସ୍‌ଓପି ଜାରି କରିଛନ୍ତି। ଗତ ୪ ବର୍ଷ ହେଲା ରାଜ୍ୟର ସରକାରୀ ସ୍କୁଲଗୁଡିକରେ ନାମଲେଖା ସମୟରେ ଆଧାର ନମ୍ବର ବାଧ୍ୟତାମୂଳକ କରାଯାଇ ତାହାକୁ ୟୁଡାଇସ୍‌ରେ ସଂଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଚଳିତବର୍ଷ କରୋନା ସଂକ୍ରମଣକୁ ରୋକିବା ଲାଗି ସରକାର ବାୟୋମେଟ୍ରିକ ବ୍ୟବସ୍ଥା ବନ୍ଦ କରିଥିବାରୁ ଆଧାର ନମ୍ବର ବ୍ୟବସ୍ଥା ବନ୍ଦ କରାଯାଇଛି। ଫଳରେ ଯେଉଁ ପିଲାମାନଙ୍କର ଆଧାର ନମ୍ବର ନାହିଁ ସେମାନେ ନାମଲେଖାଇବା ସମୟରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏପରି ସମସ୍ୟାର ସମାଧାନ କରିବା ଲାଗି ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ଯେଉଁ ପିଲାମାନେ ନାମଲେଖାଉଛନ୍ତି ସେମାନଙ୍କର ଯଦି ଆଧାର ନମ୍ବର ନାହିଁ ତେବେ ସେହି ପିଲାଙ୍କର ଜନ୍ମପ୍ରମାଣ ପତ୍ର ମାଧ୍ୟରେ ଅଭିଭାବକମାନେ ପିଲାର ନାମ ଲେଖାଇ ପାରିବେ। ମାତ୍ର ପରବର୍ତ୍ତି ସମୟରେ ଆଧାର ବ୍ୟବସ୍ଥା ଆରମ୍ଭ ହେବା ପରେ ପିଲାର ଆଧାର କାର୍ଡ କରି ନମ୍ବର ସ୍କୁଲରେ ଦାଖଲ କରିବାକୁ କୁହାଯାଇଛି। ଏହି ସମସ୍ୟା ସମ୍ପର୍କରେ ଗଣଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ କରୋନା ଲାଗି ପରୀକ୍ଷା ବାତିଲ ହୋଇଥିବା ବେଳେ ଅନେକ ପରୀକ୍ଷାର ରେଜଲ୍ଟ ପ୍ରକାଶରେ ମଧ୍ୟ କୋହଳ କରାଯାଇଛି। ତେଣୁ ଆଧାର ନମ୍ବର ନଥିଲେ ପିଲାଙ୍କୁ ନାମଲେଖାରୁ ବଞ୍ଚିତ କରାଯାଇ ପାରିବ ନାହିଁ। ଜନ୍ମପତ୍ର ଏବଂ ରେସିଡେନ୍ସ ପ୍ରମାଣ ପତ୍ର ମାଧ୍ୟମରେ ପିଲାର ନାମଲେଖା ହୋଇପାରିବ। ମାତ୍ର ନାମଲେଖା ସମୟରେ ପିଲାର ଆଧାର କାର୍ଡ ନାହିଁ ଏବଂ ଆଧାର କାର୍ଡ ବ୍ୟବସ୍ଥା ଆରମ୍ଭ ହେବା ପରେ ପିଲାର ଆଧାର ନମ୍ବର ସ୍କୁଲରେ ଦାଖଲ କରିବେ ବୋଲି ଅଭିଭାବକମାନେ ଏକ ସ୍ୱାକ୍ଷରନାମା ଦାଖଲ କରିବେ। ବିଶେଷକରି ନାମଲେଖା ସମୟରେ କୌଣସି ସମସ୍ୟା ଯେପରି ଅଭିଭାବକମାନେ ସମ୍ମୁଖୀନ ନହୁଅନ୍ତି ସେଥିଲାଗି ସବୁ ସ୍କୁଲକୁ ଅବଗତ କରାଯାଇଛି।


## ମଧୁବାବୁ ପେନ୍‌ସନ୍ ଯୋଜନାରେ କିନ୍ନରଙ୍କୁ ମିଳିବ ଭତ୍ତା

**ଭୁବନେଶ୍ୱର :** ଏଣିକି କିନ୍ନରମାନଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ କିନ୍ନରମାନଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ କରାଯାଇଛି। ଭତ୍ତା ପାଇବା ପାଇଁ କିନ୍ନରମାନେ ମଧୁବାବୁ ପେନସନ୍ ୱେବସାଇଟରେ ଏବେଠାରୁ ଆବେଦନ କରିପାରିବେ ବୋଲି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି। ଏନେଇ ଶୁକ୍ରବାର ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ କିନ୍ନରଙ୍କ ପାଇଁ ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ଆଜି ପୂରଣ କରିଛନ୍ତି। କିନ୍ନରମାନଙ୍କୁ ବୟସ ଅନୁସାରେ ୫୦୦ରୁ ୯୦୦ ଟଙ୍କା ପର୍ଯ୍ୟନ୍ତ ଭତ୍ତା ଦିଆଯିବ। ଏହି ଯୋଜନାରେ ରାଜ୍ୟର ପ୍ରାୟ ୬ ହଜାର କିନ୍ନର ଉପକୃତ ହେବେ। ସେହିପରି ସେହିପରି ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଆଉ ଏକ ହଜାର ଟଙ୍କା ଲେଖାଏଁ ଦିଆଯିବ। ରାଜ୍ୟର ୪୮ ଲକ୍ଷ ହିତାଧିକାରୀଙ୍କୁ ଏହି ଟଙ୍କା ପ୍ରଦାନ କରାଯିବ। ମନ୍ତ୍ରୀ କହିଛନ୍ତି ଯେ ଏ ବାବଦରେ ଟଙ୍କା ଆସି ସାରିଛି। ଖୁବ୍ ଶୀଘ୍ର ଏହି ଟଙ୍କା ଦେବା ପାଇଁ ବ୍ୟବସ୍ଥା କରାଯିବ। ପୂର୍ବରୁ ହିତାଧିକାରୀଙ୍କୁ ୪ ମାସ ପାଇଁ ୧ ହଜାର ଟଙ୍କା ଲେଖାଏଁ ମିଳିଥିଲା। ବର୍ତ୍ତମାନ ଆଉ ୧ ହଜାର ଟଙ୍କା ଆସନ୍ତା ୪ ମାସ ପାଇଁ ସହାୟତା ଭାବେ ମିଳିବ।

## 'ଦୈନିକ ୧୫ ହଜାର କରୋନା ଟେଷ୍ଟିଂ କରାଯାଉ'

**ଭୁବନେଶ୍ୱର :** ସାରା ରାଜ୍ୟରେ କରୋନା ମହାମାରୀ ଗୋଷ୍ଠୀ ସଂକ୍ରମଣ ଆଡ଼କୁ ଗତିକରୁଛି। ତେଣୁ ରାଜ୍ୟରେ ଦୈନିକ ଆରଟିପିସିଆର ଟେଷ୍ଟି ଅନ୍ୟୁନ ୧୫ହଜାର ବଢ଼ାଇବାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ପାଇଁ ବଳରାମ ଯୋଜନା ପରି ସୁଭଦ୍ରା ଏବଂ ରାଜ୍ୟର ବେକାରୀ, ପ୍ରବାସୀ ତଥା ଭୂମିହୀନ ଶ୍ରମିକଙ୍କ ପାଇଁ ସୁଦର୍ଶନ ଯୋଜନା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ ସଂଗରୋଧ କେନ୍ଦ୍ରକୁ ସୁବ୍ୟବସ୍ଥିତ କରିବାସହ କରୋନା ଯୋଦ୍ଧା ଓ ସଂଗରୋଧ କେନ୍ଦ୍ରରେ ଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କର ସ୍ୱାବ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଉ। ସେହିପରି ସରକାରଙ୍କ ବଳରାମ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରି ସେ କହିଲେ ଯେ ନିର୍ବାଚନର ଅବ୍ୟବହିତ ପୂର୍ବରୁ କାଳିଆ ଯୋଜନାରେ ସରକାର ଚାଷୀଭାଇଙ୍କ ନିମନ୍ତେ ପ୍ୟାକେଜ ଘୋଷଣା କରି ନିର୍ଦ୍ଧାରିତ ୭୫ଲକ୍ଷରୁ ୪୨ଲକ୍ଷ ଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେଇ ନିର୍ବାଚନ ବୈତରଣୀ ପାରହେଲେ। ନିର୍ବାଚନ ପରେ ୪୨ଲକ୍ଷରୁ ମାତ୍ର ୩୭ଲକ୍ଷ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଆର୍ଥିକ ପ୍ରୋତ୍ସାହନ ଦେବା ଘଟଣା ନିର୍ବାଚନ ପରେ ସରକାରଙ୍କ ଅସଲ ଚିତ୍ରକୁ ରାଜ୍ୟବାସୀ ବିଶେଷକରି ଚାଷୀଭାଇମାନେ ବୁଝିପାରିଛନ୍ତି। କରୋନା ଜନିତ ତ୍ରୁଟିକୁ ଲୋକଙ୍କ ନଜରରୁ ଏଡ଼େଇବାକୁ ଯାଇ ରାଜ୍ୟ ସରକାର ପୁନଶ୍ଚ ବଳରାମ ଯୋଜନା ଘୋଷଣା କରିଛନ୍ତି। ଓଡ଼ିଶା ସରକାର ସବୁବେଳେ ଦେବତାମାନଙ୍କ ନାମରେ ଏକାଧିକ ଯୋଜନା କରି ନିର୍ବାଚନ ବୈତରଣୀ ପାର ହେବାକୁ ଯୋଜନା କରୁଛନ୍ତି। କାଳିଆ, ବଳରାମ ଯୋଜନା ତ କଲେ ଏବେ ମା ସୁଭଦ୍ରା ଓ ସୁଦର୍ଶନଙ୍କୁ କାହିଁକି ଭୁଲିଗଲେ ? ଭାରତୀୟ ରିର୍ଜଭ ବ୍ୟାଙ୍କର ନିର୍ଦ୍ଦେଶ ଅନୁସାରେ ଅଗଷ୍ଟମାସ ପର୍ଯ୍ୟନ୍ତ ଏସ୍‌ଏଚ୍‌ଜିର ମା'ଭଉଣୀଙ୍କ ଠାରୁ ଅର୍ଥ ଆଦାୟ ଓ ପରିଶୋଧ ନ କରିବାକୁ ନିର୍ଦ୍ଦେଶ ଥିବାବେଳେ ମାଇକ୍ରୋ ଫାଇନାନ୍ସ ସଂସ୍ଥା, ବିଭିନ୍ନ ବେସରକାରୀ ଅର୍ଥ ଲଗାଣ ସଂସ୍ଥା ଓ ବ୍ୟାଙ୍କଗୁଡ଼ିକ ଆରବିଆଇର ନିୟମକୁ ନମାନି ଟଙ୍କା ଆଦାୟ କରିବା କେତେକ ସ୍ଥଳରେ ଫର୍ମପୂରଣ ନିମନ୍ତେ ବାଧ୍ୟକରିବା ଓ ମାନସିକ ଚାପ ପ୍ରୟୋଗ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

# 'ଲକ୍ଷଣ ଲୁଚାଇଲେ ଚିରଦିନ ପାଇଁ ଲୁଚିଯିବେ'




**ଭୁବନେଶ୍ୱର :** ଓଡ଼ିଶାରେ କରୋନା ସଂକ୍ରମଣର ସ୍ଥିତି ବିପର୍ଯ୍ୟସ୍ତ ହୋଇନାହିଁ। କିନ୍ତୁ କରୋନାକୁ ନେଇ ଉଭୟ ଭୟ ଓ ସାବଧାନତା ମଧ୍ୟରେ ଚଳିବାକୁ ପଡିବ। ଭୟ କମାଇବାକୁ ପଡିବ ଓ ସାବଧାନତାର ପରିମାଣ ବଢ଼ାଇବାକୁ ପଡିବ। ତା' ନହେଲେ ଆଗାମୀ ଦିନରେ ଭୟାବହ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ ବୋଲି ରାଜ୍ୟ ସରକାର ଚେତାବନୀ ଦେଇଛନ୍ତି। କ୍ଷଣିକ ଟାଇମ୍ ପାସ୍ ଚକ୍କରରେ ଲାଇଫକୁ ଫେଲ୍ କରନ୍ତୁ ନାହିଁ ଓ କରୋନା ଲକ୍ଷଣ ଲୁଚାଇଲେ ଚିରଦିନ ପାଇଁ ଆପଣ ଲୁଚିଯିବେ ବୋଲି ସରକାରଙ୍କ କୋଭିଡ୍ ମୁଖପାତ୍ର ସୁବ୍ରତ ବାଗଚୀ ସତର୍କ କରାଇ ଦେଇଛନ୍ତି। ଆଜି ସାମ୍ବାଦିକ ସମ୍ମିଳନରେ ଶ୍ରୀ ବାଗଚୀ କହିଛନ୍ତି ଯେ, ଆଶାଦିଦିମାନଙ୍କ ସହାୟତାରେ ଜୁନ୍ ୧୬ରୁ ଘରକୁ ଘୁ ବୁଲି କୋଭିଡ୍ ସର୍ଭେ ଚାଲିଛି। ଏହା ଚଳିତମାସ ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ୪୫ଦିନ ଚାଲିବ। ରାଜ୍ୟରସବୁ ଗାଁ ଓ ସବୁ ଘରେ ଏହି ସର୍ଭେ ହେବ। ଏଥିପାଇଁ ରାଜ୍ୟ ସରକାର 'ଟ୍ରେସ୍, ଟେଷ୍ଟ ଓ ଟ୍ରିଟ୍' ଫର୍ମୁଲା ଆପଣାଇଛନ୍ତି। ଏହି ସର୍ଭେ ବେଳେ କୋଭିଡ୍ ଲକ୍ଷଣ ସହ ବୟସଜନିତ ରୋଗ ଯଥା ଡାଇବେଟିସ୍, ବ୍ଲଡପ୍ରେସର ଓ ଯକ୍ଷ୍ମା ଆଦି ରୋଗୀଙ୍କୁ ମଧ୍ୟ ଚିହ୍ନଟ କରାଯିବ। ଏହି ସର୍ଭେ ବେଳେ ସହଯୋଗ କରନ୍ତୁ ଓ ସାମାନ୍ୟତମ ଲକ୍ଷଣ ଥିଲେ ତାକୁ ଲୁଚାନ୍ତୁ ନାହିଁ ବୋଲି ଶ୍ରୀ ବାଗଚୀ କହିଛନ୍ତି। ଯଦି କାହାକୁ ସାମାନ୍ୟତମ ଲକ୍ଷଣ ଦେଖାଯାଉଛି ସେମାନେ କ୍ୱାରେଣ୍ଟାଇନ୍‌ରେ ରହିବା ସହ ଯାଞ୍ଚ ପାଇଁ ଯାଉଥିବା ଆଶାଦିଦିମାନଙ୍କୁ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ସହରାଞ୍ଚଳର ବସ୍ତିଗୁଡିକରେ ଏହି ସର୍ଭେ ଶତପ୍ରତିଶତ କରାଯିବ। ଶ୍ରୀ ବାଗଚୀ ଆହୁରି ମଧ୍ୟ କହିଛନ୍ତି ଯେ, ଏବେ କରୋନା ଲକ୍ଷଣ ଦେଖାଯାଉ ନଥିବା ସଂଖ୍ୟା ଅଧିକ ରହୁଛି। ତେଣୁ ବିବେକର ସହ କାମ କରିବାକୁ ପଡିବ। କରୋନା ସଂକ୍ରମଣ ଆଶଙ୍କ ବଢ଼ିଛି, ଏଥିପାଇଁ ସତର୍କ ରହିବାକୁ ପଡିବ। କାରଣ ସୁସ୍ଥ ଦେଖାଯିବା ଓ ମୃତ୍ୟୁ ମଧ୍ୟରେ ମାତ୍ର ୨୪ ଘଣ୍ଟାରୁ କମ୍ ଅବଧି ରହୁଛି। ସୁସ୍ଥ ଥିବା ଲୋକଙ୍କୁ ଭେଣ୍ଟିଲେଟରକୁ ଯିବାକୁ ୨୪ଘଣ୍ଟାରୁ ବି କମ୍ ସମୟ ଲାଗୁଛି। ଏବେ ଘରେ ରହିବ ବୋର ଲାଗୁଥିବ। ସେଥିପାଇଁ ଦୁଇଚକିଆ ଯାନ ଧରି ଟାଇମ୍ ପାସ୍ କରିବାକୁ କୁଆଡେ ପଳାଇବା ଅର୍ଥ ଜୀବନ ପ୍ରତି ବିପଦ ଆଣିବା। ଟାଇମ୍ ପାସ୍ ପାଇଁ ଲାଇଫ୍ ଫେଲ୍ ହୋଇଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଶ୍ରୀ ବାଗଚୀ ଏହି ଅବସରରେ କହିଛନ୍ତି ଯେ, ସମଗ୍ର ଭାରତରେ ଜୁନ୍ ୨୪ ତାରିଖରେ ସଂକ୍ରମିତଙ୍କ ସଂଖ୍ୟା ୪ଲକ୍ଷ ୭୨ ହଜାର ୯୮୫ ଥିବା ବେଳେ ଏବେ ଏହା ବୃଦ୍ଧି ପାଇ ୬.୨୮ଲକ୍ଷରେ ପହଞ୍ଚିଛି। ଭାରତ ଏବେ ବିଶ୍ୱର ତୃତୀୟ ସର୍ବାଧିକା ସଂକ୍ରମିତ ପାଲଟିଛି। ଆମେରିକାରେ ଗତକାଲି ୨୪ଘଣ୍ଟା ମଧ୍ୟରେ ୫୨ ହଜାର ଲୋକ ସଂକ୍ରମିତ ହୋଇଥିବା ବେଳେ ଭାରତରେ ୨୪ଘଣ୍ଟା ମଧ୍ୟରେ ସର୍ବାଧିକ ୨୧ ହଜାର ଲୋକ କରୋନା ସଂକ୍ରମିତ ହୋଇଛନ୍ତି ବୋଲି ଶ୍ରୀ ବାଗଚୀ କହିଛନ୍ତି।

# ଖୁବ୍‌ଶୀଘ୍ର ଓଡ଼ିଶାରେ ପ୍ଲାଜ୍‌ମା ଥେରାପି



**ଭୁବନେଶ୍ୱର :** ଓଡ଼ିଶାରେ କରୋନା ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ପାଇଁ ଅତ୍ୟାଧୁନିକ ପ୍ଲାଜ୍‌ମାଥେରାପି ଉପଲବ୍ଧ କରିବା ନିମନ୍ତେ ପଦକ୍ଷେପ ଆରମ୍ଭ ହୋଇଛି। ଏହିକ୍ରମେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଥେରାପି ମାଧ୍ୟମରେ କରୋନା ରୋଗୀଙ୍କ ଚିକିତ୍ସା ପଦ୍ଧତି ନିରୂପଣ କରିବା ପାଇଁ ଏକ ବୈଷୟିକ କମିଟି ଗଠନ କରିବା ନିମନ୍ତେ ମନ୍ତ୍ରୀ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି। ଏହି ଚିକିତ୍ସା ପଦ୍ଧତି ନିରୂପଣ ସହ ସଫଳ ରୂପାୟନ ନିମନ୍ତେ ଏକ ମାର୍ଗଦର୍ଶିକା ପ୍ରସ୍ତୁତି, ଜନସଚେତନତା ସୃଷ୍ଟି ଓ ଏଥିରେ କେଉଁ ରୋଗୀ ଉପକୃତ ହେବେ ସେ ସମ୍ପର୍କରେ କମିଟି ନିର୍ଦ୍ଦିଷ୍ଟ ତଥ୍ୟ ସରକାରଙ୍କୁ ପ୍ରଦାନ କରିବେ। ଏହି ଚିକିତ୍ସା ଉପଲବ୍ଧ ନିମନ୍ତେ ରାଜ୍ୟର ୪ଟି ପ୍ରମୁଖ ଚିକିତ୍ସା ଅନୁଷ୍ଠାନ ତଥା କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ, ଅଶ୍ୱିନୀ ହସ୍ପିଟାଲ ଓ ଭୁବନେଶ୍ୱରଠାରେ ଥିବା ସମ୍ ହସ୍ପିଟାଲ ଓ କିମ୍ସ ହସ୍ପିଟାଲରେ ପ୍ରାଥମିକ ପର୍ଯ୍ୟାୟରେ ଆରମ୍ଭ କରାଯିବା ସହ ପ୍ଲାଜମା ବ୍ୟାଙ୍କ ପ୍ରତିଷ୍ଠା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ବରିଷ୍ଠ ଚିକିତ୍ସା ତଥା ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଶୋକ ମହାପାତ୍ର, କିମ୍ସ ମେଡିକାଲ କଲେଜର ନିର୍ଦ୍ଦେଶକ ସୁବ୍ରତ ଆଚାର୍ଯ୍ୟ, ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ପ୍ରଫେସର ସିବିକେ ମହାନ୍ତି, ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ସଂଘମିତ୍ରା ପତି, ଛାତି ରୋଗ ବିଶେଷଜ୍ଞ ପ୍ରଫେସର ଏମ୍‌ଆର ପଟ୍ଟନାୟକ, ଭେଷଜ ବିଶେଷଜ୍ଞ ପ୍ରଫେସର ଜୟନ୍ତ ପଣ୍ଡା ପ୍ରମୁଖ ପ୍ଲାଜମାଥେରାପି ସମ୍ପର୍କରେ ତାଙ୍କ ମତାମତ ଉପସ୍ଥାପନ କରିଥିଲେ। ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡଙ୍ଗୀ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, କରୋନା ରୋଗୀଙ୍କ ଚିକିତ୍ସା ନିମନ୍ତେ ଇତି ମଧ୍ୟରେ ରାଜ୍ୟ ସରକାର ନିକଟରେ ରେମଡିସିଭିର ଓ ଫ୍ଲାଭିଫ୍ଲୁ ଔଷଧର ପ୍ରୟୋଗ ଗୁରୁତର ଓ ଅତି ଗୁରୁତର ରୋଗୀଙ୍କ ନିମନ୍ତେ ଆରମ୍ଭ କରିଥିବା ନିଷ୍ପତ୍ତି ନେଇଛନ୍ତି।

# ଖଣି ଅଞ୍ଚଳର ଲୋକମାନଙ୍କ ପାଇଁ ଖୁସି ଆଣିଦେଇଛି ଉତ୍କଳ ଆଲୁମିନା


**ରାୟଗଡା,(ଅମୂଲ୍ୟ ନିଶଙ୍କ) :** ଉତ୍କଳ ଆଲୁମିନା ଇଟଂରନ୍ୟାସନାଲ୍ ଲିମିଟେଡ୍ (ୟୁଏଆଇଏଲ୍) ଏକ ସାମୁହିକ ସିଏସ୍‌ଆର୍ ନୀତିକୁ କାର୍ଯ୍ୟକାରୀ କରିଛି। ଏହାର ମୁଖ୍ୟ ଉଦ୍ୟମ ହେଉଛି ଉପେକ୍ଷୀତଙ୍କ ଜୀବନରେ ପରିବର୍ତନ ଆଣିବା। ଏହାର ବିକାଶମୂଳକ ଅଭିଯାନ ଜରିଆରେ ଏହା ଏହି ଅଂଚଳର ଲୋକମାନଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣୁଛି। ୟୁଏଆଇଏଲ୍‌ର ବିକାଶମୂଳକ ଅଭିଯାନଗୁଡ଼ିକରେ ଗ୍ରାମବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନଜୀବିକା ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରାଯାଉଛି। ୟୁଏଆଇଏଲ୍‌ର ପ୍ରୋଜେକ୍ଟ ସମ୍ଭବ ଯାହା ୨୦୧୯ ସେପ୍ଟେମ୍ବରରେ ଆରମ୍ଭ କରାଯାଇଥିଲା ସେଥିରେ ତୋଟା ବିକଶିତ କରି ଜୀବନଜୀବିକାର ବିକଳ୍ପ ଉତ୍ସ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ରତଛୁଆଁ, ହାତିଖମଣ, ଯୋଗୀପରିତୁଣ୍ଡ ଓ ନାରିଙ୍ଗଯୋଡ଼ୀ ଗ୍ରାମର ମୋଟ ୧୯ ଚାଷୀ କଳଦୀ, ପିଜୁଳି, ଅମୃତଭଣ୍ଡା, ଓ ଛୁଇଁ ବୃକ୍ଷରୋପଣ ସହିତ ସାର ଓ କୀଟନାଶକ ସହାୟତା ହାସଲ କରିଛନ୍ତି। ଫଳ ତୋଟାର ପରିଚାଳନା ପାଇଁ ଚାଷୀମାନଙ୍କୁ କୃଷି ଭିତିକ ଆଗ୍ରୋ-ଆଡଭାଇଜରି ସେବା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଏବେ ୮.୩୭ ଏକର ଜମିରେ ପରିବ୍ୟାପ୍ତ ରହିଛି। ଚାଷୀମାନଙ୍କ ଆୟ ସ୍ତର ବଢ଼ାଇବା ଲାଗି ଆଉ ଏଭଳି ଏକ ପ୍ରକଳ୍ପ ହେଉଛି ପ୍ରୋଜେକ୍ଟ ସୁଗନ୍ଧ ଯାହା ଜରିଆରେ ଲେମନ୍ ଗ୍ରାସ୍ ଚାଷ କରାଯାଉଛି। ୨୦୧୮-୧୯ରୁ ସ୍ୱଳ୍ପ ପରିମାଣର ୧୨ ଜଣ ଚାଷୀ, ୨୦ ଏକର ଜମି ଓ କେବଳ ଗୋଟିଏ ଗ୍ରାମକୁ ନେଇ ଏହା ଆରମ୍ଭ ହୋଇଥିଲା ଏବଂ ଏହା ବହୁତ ଦୂର ଯାତ୍ରା କରିପାରିଛି। ବର୍ତମାନ ଏହା ୮ ଗ୍ରାମ, ୮୦ ଏକର ଏବଂ ୭୦ ଚାଷୀଙ୍କ ପାଖରେ ପହଂଚିପାରିଛି। ଏହି ସହିତ, ଫରୱାର୍ଡ ଲିଙ୍କେଜ୍ ପାଇଁ ଲେମନ୍ ଗ୍ରାସ ତେଲ ବାହାର କରିବା ଲାଗି ୟୁଏଆଇଏଲ୍ ପକ୍ଷରୁ ଏକ ୟୁନିଟ୍ ସ୍ଥାପନ କରାଯାଇଛି। କାଶିପୁର ବ୍ଲକ୍‌ର ଯୋଗୀପରିତୁଣ୍ଡ ଗ୍ରାମରେ ଏହି ୟୁନିଟ୍‌କୁ ପ୍ରୋଜେକ୍ଟ ସୁଗନ୍ଧ ଅଧୀନରେ ଉତ୍କଳ ଆଲୁମିନା ସହଯୋଗରେ ଜଣେ ସ୍ଥାନୀୟ ଉଦ୍ୟୋଗୀ ସ୍ଥାପନ କରିଛନ୍ତି। ୨୦୨୦ ଜୁନ୍ ୨୩ରେ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଥିଲା ଓ ଏହି ଅବସରରେ ଅତିଥି ଭାବେ ଶ୍ରୀଯୁକ୍ତ ଏନ୍





ନାଗେଶ, ୟୁନିଟ୍ ମୁଖ୍ୟ ଓ ସଭାପତି, ୟୁଏଆଇଏଲ୍ ଓ ତପନ କୁମାର ମହାଲିକ, ଆଇଆଇସି, ଅଣ୍ଡିରାକାଂଚ ପୋଲିସ ଷ୍ଟେସନ ଯୋଗ ଦେଇଥିଲେ। ଏହି ଅବସରରେ ଉତ୍କଳର ଅଧିକାରୀ ଟି ଏମ୍ ପ୍ରକାଶ, ମୁକେଶ ଝା, ଶିବ ଶଙ୍କର ମହାପାତ୍ର, ସୁକାନ୍ତ ମହାପାତ୍ର ଓ ସିଏସ୍‌ଆର୍ ଟିମ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଲେମନ୍ ଗ୍ରାସ୍ ଉତ୍ପାଦନ ବଢ଼ାଇବା ଏବଂ ଏହା ସହିତ ଜଡ଼ିତ ଥିବା ଚାଷୀମାନଙ୍କୁ ତେଲ ବାହାର କରିବାର ସୁବିଧା ଦେବା ଲାଗି ସ୍ଥାନୀୟ ଲୋକମାନଙ୍କୁ ଶ୍ରୀ ନାଗେଶ ଏହି ଅବସରରେ ଆହ୍ୱାନ ଦେଇଛନ୍ତି। ନୂଆଗାଁର ହରିଶ୍ଚନ୍ଦ୍ର ଦିଶାରୀ ଓ ମସ୍ତରାମ ପୂଜାରୀ ଓ ଅଣ୍ଡିରାକାଂଚର ମହାରାଜ ନାଏଙ୍କ ଭଳି ସ୍ଥାନୀୟ ଲୋକ କଂପାନିର ଏହି ସ୍ୱତନ୍ତ୍ର ଅଭିଯାନକୁ ପ୍ରଶଂସା କରିଛନ୍ତି। ସେହି ଦିନ ଏକ ସୌର ପାନୀୟ ଜଳ ପ୍ରକଳ୍ପକୁ ମଧ୍ୟ ଉଦ୍‌ଘାଟନ କରାଯାଇଥିଲା। ପାନୀୟ ଜଳ ସଂଗ୍ରହ କରିବା ଲାଗି ଗ୍ରାମୀଣ ମହିଳାମାନେ କରୁଥିବା କଷ୍ଟକୁ ଏହି ପ୍ରକଳ୍ପ କମ୍ କରିବ। "ବିଭିନ୍ନ ପ୍ରକାର ନିରନ୍ତର ବିକାଶମୂଳକ ପ୍ରକଳ୍ପ ଜରିଆରେ ଆମର ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକର ଲୋକମାନଙ୍କୁ ସହାୟତା ପ୍ରଦାନ କରିବା ଲାଗି ଆମେ ନିରନ୍ତର ଭାବେ କାର୍ଯ୍ୟ କରୁଛୁ ଯାହାକୁ ସ୍ଥାନୀୟ ଲୋକଙ୍କ ସମ୍ପୂର୍ଣ୍ଣ ସମର୍ଥନ ଓ ସହଯୋଗ ମିଳିଛି ଏବଂ ଆଗାମୀ ଦିନରେ ଆମେ ଏଭଳି ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବୁ ବୋଲି ଶ୍ରୀ ନାଗେଶ କହିଛନ୍ତି। ଉତ୍କଳ ଆଲୁମିନା ଇଟଂରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ) ହେଉଛି ଆଦିତ୍ୟ ବିର୍ଲା ଗ୍ରୁପ୍‌ର ପ୍ରମୁଖ ଧାତବ ସଂସ୍ଥା ହିଣ୍ଡାଲକୋର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ଏକ କଂପାନି। ଓଡ଼ିଶାର ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ୍ ଅଧୀନରେ ଥିବା ଦୋରାଗୁଡ଼ାର ଏକ ବିଶୋଧନାଗାର ପ୍ରକଳ୍ପ ହେଉଛି ୟୁଏଆଇଏଲ୍। ଏଥିରେ ରହିଛି ଏକ ୧.୫ ଏମଟିପିଏ ଆଲୁମିନା ବିଶୋଧନାଗାର, ବାପହିଲମାଳିରେ ଏକ ବକ୍ସାଇଟ ଖଣି ଯେଉଁଥିରେ ଗଗଚ୍ଛିତ ରହିଛି ୨୫ ବର୍ଷ ପର୍ଯ୍ୟନ୍ତର ବକ୍ସାଇଟ ଏବଂ ଏକ ୯୦ ମେଗାୱାଟର କ୍ୟାପଟିଭ କୋ-ଜନେରେସନ ପାୱାର ପ୍ଲାଂଟ୍। ବର୍ତମାନ ଏହି ବିଶୋଧନାଗାରର ୦.୫ ଏମଟିପିଏ ସଂପ୍ରସାରଣ ଯୋଜନା ଅଗ୍ରଗତି ସ୍ତରରେ ରହିଛି ଏବଂ ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ମଂଜୁରୀ ମିଳିସାରିଛି। ୟୁଏଆଇଏଲର ଆଲୁମିନାକୁ ହିଣ୍ଡାଲକୋର ମହାନ ଏବଂ ଆଦିତ୍ୟ ସ୍ମେଲଟରରେ ବ୍ୟବହାର କରାଯାଉଛି। ଇଶ୍ୱର ସବୁଠୁ ଶ୍ରେଷ୍ଠ ପ୍ରଯୁକ୍ତି ଯୋଗାଣକାରୀ ରିଓ-ଟିଂଟୋ-ଆଲକାନର ଷ୍ଟେଟ ଅଫ ଆର୍ଟ ପ୍ରଯୁକ୍ତି ବ୍ୟବହାର କରାଯାଇଥିବା ଏକ ବିଶ୍ୱସ୍ତରୀୟ ଏବଂ ଏଠାରେ ଶ୍ରେଷ୍ଠ ମାନର ବକ୍ସାଇଟକୁ ସମନ୍ୱିତ ଖଣି ଓ ବିଶୋଧନାଗାର ମଧ୍ୟରେ ସମନ୍ୱିତ ଲଜିଷ୍ଟଇକ୍‌କୁ ନେଇ ବିଶ୍ୱର ସବୁଠୁ କମ୍ ଟନ୍ ପିଛା ପରିଚାଳନା ଖର୍ଚରେ ପ୍ରସ୍ତୁତ କରାଯାଉଥିବା ବିଶୋଧନାଗାର ହେଉଛି ଉତ୍କଳ ଆଲୁମିନା। ବିଶ୍ୱରେ ଏଭଳି ଅନ୍ୟତମ ୧୮ କିଲୋମିଟରର ଏକ ଲମ୍ବା କନଭେୟରରେ ଜରିଆରେ ବାପହିଲମାଳି ଖଣିରୁ କଂପାନି ବକ୍ସାଇଟ ସଂଗ୍ରହ କରୁଛି। ଏହି ୟୁନିଟକୁ ଆଇଏସଓ ୯୦୦୧, ୧୪୦୦୧ ଏବଂ ଓଏଚଏସଏଏସ ୧୮୦୦୧ ସାର୍ଟିଫିକେସନ ମିଳିଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୬ - ୧୨ ଜୁଲାଇ, ୨୦୨୦

# ସନ୍ଦେହରେ ମଧ୍ୟସ୍ଥି ଭୂମିକା

**କା**ହିଁ କେଉଁ ସମୟରୁ ବାଣିଜ୍ୟ ବ୍ୟବସାୟ ହେଉ କି ଜମିବାଡି କିଣା, ବାହାଘର ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମଧ୍ୟସ୍ଥିମାନେ ଏହି ଦାୟିତ୍ୱ ତୁଲାଉଥିଲେ। ନିଜର ପରିଶ୍ରମ ପାଇଁ ଏମାନେ କିଛି କିଛି ପାରିଶ୍ରମିକ ବି ପାଉଥିଲେ। ମଧ୍ୟସ୍ଥି ଭୂମିକାଟି ସହଜ ମନେ ହେଉଥିଲେ ବି ସେତେ ସହଜ ନୁହେଁ। କାରଣ ଗୋଟିଏ ପକ୍ଷକୁ ସହଯୋଗ କରିବାକୁ ଯାଇ ବିପରୀତ ପକ୍ଷକୁ କେତେ ସତମିଛ କହିବାକୁ ପଡିଥାଏ। ତଥ୍ୟ ଉପସ୍ଥାପନ ବେଳେ ନିଜେ ସମର୍ଥନ କରୁଥିବା ପକ୍ଷର ସବୁ ଗୁଣ, ଦ୍ରବ୍ୟ ଓ କାର୍ଯ୍ୟକୁ ବାରମ୍ବାର ପ୍ରଶଂସା, ଗୁଣାତ୍ମକ ବିଷୟ କହିବାକୁ ହୁଏ। ମଧ୍ୟସ୍ଥିଙ୍କ କଥା ଓ ତଥ୍ୟ ଆଧାରରେ କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ଏଥିରେ ନେବାଲୋକ ଓ ଦେବାଲୋକଙ୍କ ହିତ ସାଧନ ହେଲା ତ ହେଲା କିନ୍ତୁ ମଧ୍ୟସ୍ଥିଙ୍କୁ ମଧ୍ୟ ପରିଶ୍ରମ ଅନୁଯାୟ ପ୍ରାପ୍ୟ ମିଳିଲା। ସ୍ୱାଧୀନତା ପୂର୍ବରୁ ଦେଶ ଦେଶ ମଧ୍ୟରେ, ଦେଶ ରାଜ୍ୟ ମଧ୍ୟରେ, ରାଜ୍ୟ ଜିଲ୍ଲା ମଧ୍ୟରେ ଅନେକ ସମସ୍ୟାର ସମାଧାନ ପାଇଁ ମଧ୍ୟସ୍ଥିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ହେଲେ ନିଜ ଗୁଜୁରାଣ ମେଣ୍ଟାଇବାକୁ ଯେଉଁ ବ୍ୟକ୍ତି ଏହି କାର୍ଯ୍ୟ କରୁଥିଲେ ଆଜିର ସମୟ ଭଳି ପୁରୁଣା ଦିନରେ ଏମାନଙ୍କ ଗୁରୁତ୍ୱ ବା ମହତ୍ତ୍ୱ ସେତେ ଅଧିକ ନଥିଲା। ବରଂ ଏଭଳି କାର୍ଯ୍ୟ ତୁଲାଉଥିବା ବ୍ୟକ୍ତି ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ପରିଗଣିତ ହେଉନଥିଲା ବେଳେ ସାମ୍ପ୍ରତିକ ସମୟରେ ମଧ୍ୟସ୍ଥିଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ଆଜିକାଲ ପ୍ରତ୍ୟେକ କାର୍ଯ୍ୟ ପାଇଁ ଯେମିତି ମଧ୍ୟସ୍ଥିଙ୍କ ସହଯୋଗ ଅପରିହାର୍ଯ୍ୟ ହୋଇପଡିଛି। ଶାସନ, ପ୍ରଶାସନ ସବୁଥିରେ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମଧ୍ୟସ୍ଥି ବା ଦଲାଲିରାଜ ପାଇଁ ସବୁଠି ଦୁର୍ନୀତିର କାୟା ପୂର୍ବରୁ ଦାରୁ ପାଲଟିବା ଭଳି ଅବସ୍ଥାରେ ପହଞ୍ଚିଛି। ହେଲେ ସେତେବେଳେ ସାମାନ୍ୟ ପାରିଶ୍ରମିକ ଲୋଭରେ ଏହି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ସମାଜରେ ଠକ, ଟାଉଟର କୁହାଯାଉଥିଲା ବେଳେ ଏବେ ଏହାର ପରିଭାଷା ବଦଳି ଯାଇଛି। କୁତ୍ସା ବଦଳରେ ଏହା ଏକ ସମ୍ଭ୍ରାନ୍ତ କାର୍ଯ୍ୟ ବୋଲି ବିବେଚନା ଯୋଗୁଁ ଏଭଳି କ୍ଷେତ୍ରକୁ ଅନେକ ଶିକ୍ଷିତ ଯୁବକ ଯୁବତୀଙ୍କ ପ୍ରବେଶ ହେଉଛି। ଯେଉଁମାନେ ନିଜ ବୁଦ୍ଧିମତାର ପ୍ରୟୋଗ ମାଧ୍ୟମରେ ଅସାଧ୍ୟ କାର୍ଯ୍ୟ ସାଧନ କରୁଥିବା ଜଣାପଡିଛି। ନିଜ ନିଜର ସ୍ୱତନ୍ତ୍ର କୌଶଳ ଜରିଆରେ ଗୋଟିଏ ପକ୍ଷକୁ ଅଧିକରୁ ଅଧିକ ଫାଇଦା ଦେବା ପାଇଁ ମଧ୍ୟସ୍ଥିମାନେ ସବୁ ପ୍ରକାର ବିଚକ୍ଷଣ ବୁଦ୍ଧି, ଜ୍ଞାନର ବ୍ୟବହାର କରୁଛନ୍ତି। କେବେ ଲାଞ୍ଚ ଜରିଆରେ ହେଉ କି ଆଉକେବେ ନିଜର ସ୍ୱତନ୍ତ୍ର ପରିଚୟ ଦ୍ୱାରା ଅନ୍ୟ ପାଖରେ ବିଶ୍ୱାସଭାଜନ ହୋଇ କାର୍ଯ୍ୟ ହାସଲ କରାଯାଉଛି। ଶୁଣାଯାଏ ସୁନ୍ଦରୀ ତରୁଣୀମାନେ ଏହି ମଧ୍ୟସ୍ଥି ଭୂମିକା ତୁଲାଇବାରେ ସର୍ବାଗ୍ରେ ରହିଛନ୍ତି। ତେଣୁ କାର୍ଯ୍ୟ ଆବଣ୍ଟନ କରୁଥିବା ପକ୍ଷ ଯୁବ ମଧ୍ୟସ୍ଥି ଅପେକ୍ଷା ଯୁବତୀ ମଧ୍ୟସ୍ଥିଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେଉଥିବା ଖବର ସାମ୍ନାକୁ ଆସେ। ଦେଶ ହେଉ କି ରାଜ୍ୟ ସବୁଠି ମଧ୍ୟସ୍ଥିଙ୍କ ଭୂମିକା ବେଶ ପ୍ରଭାବୀ ହୋଇପାରିଛି। ଯେଉଁଥିପାଇଁ ମଧ୍ୟସ୍ଥିତ ଓ ଦଲାଲି ଏକ ସୁକାର୍ଯ୍ୟ ଓ ମର୍ଯ୍ୟାଦାସମ୍ପନ୍ନ ବୋଲି ବିଚାରଧାରାର ପ୍ରବେଶ ଫଳରେ ଏହା ଯେ ଏକ ଭଲ ବୃତ୍ତି ବୋଲି ଭାବିବାକୁ ପଡୁଛି। ଯେକୌଣସି ଦପ୍ତରକୁ ଗଲେ ସହଜରେ କାର୍ଯ୍ୟ ହାସଲ ପାଇଁ ଦଲାଲଙ୍କ ନିକଟରେ ଅଖଣ୍ଡ କ୍ଷମତା ଥିବା ଭଳି ସ୍ପଷ୍ଟ ଜଣାପଡେ। ଯେଉଁ କାର୍ଯ୍ୟ ହେବା ପାଇଁ ବ୍ୟବସ୍ଥା ମାସାଧିକ ସମୟ ନିଏ, ଦଲାଲ ଏହାକୁ ତ୍ୱରିତ କରିଦେଉଛନ୍ତି। ଯାହାଫଳରେ ଜନସାଧାରଣ ସରକାରୀ ଦପ୍ତରକୁ ବାରମ୍ବାର ଧାଇଁବାରୁ ରକ୍ଷା ମିଳେ ଓ କାର୍ଯ୍ୟ ସହଜରେ ହେଉଛି। ତଫାତ ଏତିକି ଯେ, କାର୍ଯ୍ୟରେ ସଫଳ ବ୍ୟକ୍ତି ଅଧିକ କିଛି ଅର୍ଥ ବିନିମୟ କରିଛନ୍ତି ଏହି କାର୍ଯ୍ୟ ପାଇଁ।

ସମ୍ପାଦକୀୟ
ତାରକ ମହାନ୍ତି



ତେବେ ସମ୍ପ୍ରତି ପ୍ରତି କାର୍ଯ୍ୟ ପାଇଁ ଦଲାଲଙ୍କ ସହଯୋଗ ଅପରିହାର୍ଯ୍ୟ ପଛରେ ଅନେକ କାରଣ ରହିଛି। ତନ୍ମଧ୍ୟରୁ ଅନ୍ୟାୟ ଭାବେ ହେଉଥିବା ଅର୍ଥ ଉପାର୍ଜନ ଅନ୍ୟ ଜରିଆରେ ହେଉଥିବାରୁ ଧରାପଡିବା ଓ ବଦନାମ ହେବାର ଭୟ କମ। ତେଣୁ କହିବାକୁ ଗଲେ ସରକାରୀ ହେଉ କି ଘରୋଇ କାର୍ଯ୍ୟରେ ଦଲାଲମାନେ ଅତି ଚତୁରତାର ସହ କାର୍ଯ୍ୟ ସମ୍ପାଦନ କରି ଉଭୟ ପକ୍ଷଙ୍କ ସହଯୋଗ କରିବା ସହ ନିଜ ପାଇଁ ଭଲ ଉପାର୍ଜନ ମଧ୍ୟ କରିପାରୁଛନ୍ତି। ଚାକିରି ହେଉ ପଦୋନ୍ନତି, ବଦଳି ହେଉ କି ବଦଳି ବାତିଲ ସବୁଥିରେ ମଧ୍ୟସ୍ଥି ଭୂମିକା ତୁଲାଉଥିବା ବ୍ୟକ୍ତି ଦୁଇ ପକ୍ଷର ପ୍ରିୟପାତ୍ର ହୋଇଥାଏ। ସହରରେ ଘର ଖଣ୍ଡେ କରିବା ହେଉ ମିଚ ବିଲ ଯୋଗାଡ, ଠିକାଦାରୀ ପାଇଁ ସୁପାରିଶ, ଥାନାରୁ ଅଭିଯୁକ୍ତଙ୍କୁ ମୁକୁଳାଇବା କ୍ଷେତ୍ରରେ ମଧ୍ୟ ଦଲାଲଙ୍କ ଗୁରୁତ୍ୱ ରହୁଛି। ଦୋକାନ ଘର ଖଣ୍ଡେ ଯୋଗାଡ କରିବାଠୁ ଆରମ୍ଭ କରି ମନ୍ତ୍ରୀଙ୍କ ସୁପାରିଶ ପର୍ଯ୍ୟନ୍ତ ପ୍ରାୟ ସବୁ କାମରେ ଆଜିକାଲି ଏହି ମଧ୍ୟସ୍ଥି ବା ଦଲାଲ ନିଜ ଆଧିପତ୍ୟ ବିସ୍ତାର କରିଛନ୍ତି। ଜମିବାଡି କିଣାବିକାରେ ଦଲାଲି ବ୍ୟବସ୍ଥାର ପ୍ରଚଳନ କାହିଁ କେବେଠାରୁ ଚାଲିଆସୁଥିବା ଜଣାଯାଏ। ହେଲେ ପ୍ରତି କାର୍ଯ୍ୟ ପାଇଁ ଦଲାଲଙ୍କ ଆବିର୍ଭାବ ପରିସ୍ଥିତିକୁ ଭିନ୍ନ ମୋଡ ଦେଉଛି। ନିଜର କଥାଚାତୁରୀ ଓ କାର୍ଯ୍ୟଶୈଳୀ ଦ୍ୱାରା ଦଲାଲମାନେ ଅସମ୍ଭବ କାର୍ଯ୍ୟ ସମ୍ଭବ କରୁଥିଲା ବେଳେ ଆଉକେହି ପଦ ମର୍ଯ୍ୟାଦା ଆଳରେ ଏଭଳି କାର୍ଯ୍ୟ କରିବାକୁ ପଛଘୁଞ୍ଚା ଦେଉନଥିବା ଦେଖାଯାଉଛି। କୌଶଳ ଓ ପରିବେଶ ଭିନ୍ନ ହୋଇଥିଲେ ବି ଦଲାଲି ଜରିଆରେ ଅଧିକ ଉପାର୍ଜନ ହେଉଥିବା କଥାଟି ସୁସ୍ପଷ୍ଟ। ବ୍ୟବସାୟିକ ବାଣିଜ୍ୟ ବ୍ୟତିରେକ ସର୍ଜନା ଜଗତରେ ଦଲାଲିର ପ୍ରଚଳନ ଆଶ୍ଚର୍ଯ୍ୟ ମନେହୋଇପାରେ। ଓଡ଼ିଆ ସାହିତ୍ୟରେ ଆଜିକାଲି ଏଭଳି କିଛି ଘଟୁଛି, ଯେଉଁଥିରେ ସାହିତ୍ୟ ଦଲାଲମାନେ ମାଲାମାଲ ହେଉଛନ୍ତି। କେନ୍ଦ୍ର ସାହିତ୍ୟ ଅକାଦେମୀ ହେଉ କି ରାଜ୍ୟ ସାହିତ୍ୟ ସବୁଠି ଏବେ ଦଲାଲିରାଜ ଚାଲିଥିବାର ସାମାଜିକ ଗଣମାଧ୍ୟମରେ ଦୈନିକ ଦୃଷ୍ଟିଗୋଚର ହେଉଛି। ଅଭିଯୋଗ ହେଉଛି କିଛି ନିର୍ଦ୍ଦିଷ୍ଟ ବରିଷ୍ଠ ସାହିତ୍ୟିକ ନିଜ ପସନ୍ଦର କବି ଲେଖକ ମାନଙ୍କ ପାଇଁ ପୁରସ୍କାର, ସମ୍ମାନ ଯୋଗାଡ କରିବା ସହ ସେମାନଙ୍କ ଲେଖା କେଉଁଠି ପ୍ରକାଶ ପାଇବ ତାହା ସ୍ଥିର କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ, ସାହିତ୍ୟ ପଦମର୍ଯ୍ୟାଦା ଯୋଗୁ ସୃଷ୍ଟି ହୋଇନଥାଏ। ହୁଏତ ରାଜତନ୍ତ୍ର ସମୟରେ ଏହା ସମ୍ଭ୍ରାନ୍ତଙ୍କ ବିଳାସ ପାଇଁ ଉଦ୍ଦିଷ୍ଟ ଥାଇପାରେ, ମାତ୍ର ସାମ୍ପ୍ରତିକ ସମୟରେ ଅନେକ ପ୍ରତିଭାବାନ ସ୍ରଷ୍ଟା ଭଲ ଲେଖୁଛନ୍ତି। ହେଲେ ବିଡମ୍ବନାର ବିଷୟଟି ଏଇଆ ଯେ, ଭଲ ଲେଖକ ଓ ଖରାପ ଲେଖକର ସଂଜ୍ଞା ନିରୂପଣ ଏହି ତଥାକଥିତ ସାହିତ୍ୟ ଦଲାଲଙ୍କ ହାତରେ ଥିବାରୁ ନିମ୍ନମାନର ଲେଖା ଉଚ୍ଚ ସୋପାନରେ ପହଞ୍ଚୁଥିଲା ବେଳେ ଜଣେ ଭଲ ଲେଖକ ପରିଚୟ ସଙ୍କଟରେ ପଡିଯାଉଛି। ପ୍ରଶ୍ନ ଉଠେ ସାହିତ୍ୟରେ ଦଲାଲି କାହିଁକି ? କେଉଁ ସ୍ୱାର୍ଥ ନିହିତ ଅଛି ଏଥିରେ ? ଯୋଗ୍ୟ ଲେଖକଟିଏ ନିଜର ହକ ପାଉନଥିବା ବେଳେ ଶିଷ୍ୟତ୍ୱ ନେଇଥିବା ଅନାଲୋଚିତ କବି ଲେଖକ ଅନୁବାଦକ ପୁରସ୍କାର ସମ୍ମାନ ପାଉଛନ୍ତି କିପରି। ଯାହାକୁ ବିଭିନ୍ନ ସମୟରେ ସମାଲୋଚନା ମଧ୍ୟ ହେଉଛି। ତେଣୁ ସାହିତ୍ୟରେ ଦଲାଲିରାଜ ସପକ୍ଷରେ କୌଣସି ସର୍ଜନଶୀଳ ବ୍ୟକ୍ତି ରହିବା ଅନୁଚିତ। ମୁକ୍ତ ଚିନ୍ତନ ଓ ସ୍ୱାଧୀନ ବିଚାର ଉପରେ ହସ୍ତକ୍ଷେପ କରି ଗୋଷ୍ଠିବାଦ ଦ୍ୱାରା ସାହିତ୍ୟର ହିତ ହୁଏନାହିଁ। ସାମୟିକ ଭାବେ ଯେଉଁ ସ୍ୱାର୍ଥ ହାସଲ ହୁଏ ତାହା ସାମଗ୍ରିକ ମନେକରିବା କେତେ ଯାଥାର୍ଥ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଖୁସି ନା ବିଡମ୍ବନା !



ଡ. ମୌସୁମୀ ପରିଡା

ଜଗତ ପ୍ରସିଦ୍ଧ ଘୋଷଯାତ୍ରାର ପରିସମାପ୍ତି ଘଟିଲା। ନିଳାଦ୍ରୀ ବିଜେ କଲେ ମହାପ୍ରଭୁ। ଅତୀତରେ ଯାହା ଘଟିନଥିଲା, ତାହା ଏଥର ଘଟି ବିସ୍ମୟ ପାଲଟିଗଲା। ଏତେ ବଡ କାମ ଯଥାରୀତିରେ ସଂପନ୍ନ ହେଲା ଯେମିତି କିଛି ବି ବ୍ୟତିକ୍ରମ ନାହିଁ କି ନଥିଲା ଆଗରୁ! କରୋନା ଭୂତାଣୁ ତାର କରାଳ ଛାୟା ସହିତ ଦ୍ରୁତ ଗତିରେ ମାଡି ଚାଲିଥିଲାବେଳେ ବଡଦାଣ୍ଡରେ ରଥଚକ ଗଡିଲା। ଜୟ ଜୟକାର ଧ୍ୱନିରେ ପ୍ରକମ୍ପିତ ହେଲା ଭକ୍ତଶୂନ୍ୟ ବଡଦାଣ୍ଡ। ଏପଟେ ମଣିଷ ମନରେ କରୋନାର ହାହାକାର, ଦାନାକନାର ସଂଘର୍ଷ।ସେପଟେ ମହାପ୍ରଭୁଙ୍କ ଜନ୍ମବେଦୀରେ ଷୋଡଶ ଶୃଂଗାର, ପୋଡପିଠାର ମହାଆୟୋଜନ, ଏପଟେ ମାନବସମାଜ ଉପରେ ଅସହାୟତା ଓ ଅମାନବୀୟତାର ଆତଂକରାଜ। ତେବେ ବି ଭକ୍ତ ମନରେ ଆବେଗ ପ୍ରଭୁଙ୍କୁ ଟି.ଭି ପର୍ଦ୍ଦାରେ ଦର୍ଶନ କରି ନିଜକୁ ଧନ୍ୟ ମନେକରିବାକୁ!

ଈଶ୍ୱର ବି ଭାବଗ୍ରାହୀ। ଡାକ ଶୁଣିଲେ ଗଜକୁ ଉଦ୍ଧରିଥିବା, ନିଆଁରୁ ମୃଗୁଣୀକୁ ମୁକାଳିଥିବା, ଏମିତି ଅନେକ ଅଲୌକିକ କାମ କରି ଉଦାହରଣ ପାଲଟିଥିବା ମହାପ୍ରଭୁ। କରୋନାର ବିପତ୍ତିବେଳେ ଘୋଷଯାତ୍ରାକୁ ନେଇ ଅନେକ ବାଦ ବିବାଦର ସାମ୍ନା କରିବାକୁ ପଡିଲା ଏଥର। ଏସବୁ ପରେ ସ୍ଥିତି ସ୍ୱାଭାବିକ ହେଲା। ଖୁସିଖୁସି ମହାପ୍ରଭୁମାନେ ରଥାରୂଢ ହେଲେ, ଯାତ୍ରାକାର୍ଯ୍ୟ ସୁରୁଖୁରୁରେ ସଂପନ୍ନ ହେଲା। ମହାପ୍ରଭୁ ରତ୍ନସିଂହାସନକୁ ଗୋଟି ପହଣ୍ଡିରେ ଲେଉଟି ଆସିଲେ ପୁନରାୟ। ସାଧାରଣ ମଣିଷଟି ସେମିତି ତା ଦୁଃଖ ଯନ୍ତ୍ରଣାକୁ ମୁଣ୍ଡେଇ ଘର ଭିତରେ ରହିଗଲା! ନା ତା ପ୍ରିୟ ପ୍ରଭୁଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ କରିପାରିଲା ନା ତା ଭିତରର ସମସ୍ତ ରାଗଅନୁରାଗ ତାଙ୍କ ସାମ୍ନାରେ ବାଢିଦେଇ ତୃପ୍ତ ହୋଇପାରିଲା! ଏସବୁ ପରେ ବି କିଛି ପ୍ରଶ୍ନ ରହିଗଲା ମନତଳେ ଅଭାବ ସୃଷ୍ଟି କରି!

ରଥଯାତ୍ରା ପୂର୍ବରୁ କେତେ ହଟଚମଟ, ହଁ, ନା, ତର୍କ ବିତର୍କ, ଆବେଗପ୍ରବଣତା, କୋର୍ଟ କଚେରୀ ମାମଲା, ରାଜନୀତି, କୂଟନୀତି, ପୁରାଣ ଶାସ୍ତ୍ର ଇତିହାସ ଏସବୁ ବାଦ୍ ଏ କରୋନା ଭୟରେ ବ୍ୟସ୍ତବିବ୍ରତ, ତ୍ରସ୍ତ ମଣିଷ ସମାଜ ପାଇଁ ପୁଣି କିଛି ଅଘଟଣ ଘଟିଯିବାର ଭୟ ଇତ୍ୟାଦି ସାଧାରଣ ଭକ୍ତର ମନମାନସକୁ ଆକୁଳିତ କରି ରଖିଥିଲା। କରୋନାର ଭୟରେ ଲୋକେ ତ୍ରାହି ତ୍ରାହି ଡାକୁଥିବାବେଳେ ମଧ୍ୟ ମହାପ୍ରଭୁଙ୍କୁ ଥରେ ଚର୍ମଚକ୍ଷୁରେ ଦେଖିବାକୁ ବ୍ୟାକୁଳ ଥିଲା।

ସୁପ୍ରିମ କୋର୍ଟଙ୍କ ରାୟ ପରେ ମଧ୍ୟ ରଥକାର୍ଯ୍ୟ ଚାଲୁ ରହିଥିଲା କାରଣ ବିଶ୍ୱାସ ଥିଲା ଘୋଷଯାତ୍ରା ତ ହେବ ନିଶ୍ଚୟ। ବ୍ୟାକୁଳିତ ଭକ୍ତମାନେ ବି କହିଲେ- ରଥ ଚକ ଗଡୁ, ଜଗା ଯାତକୁ ଯାଉ, ଆମେ ପଛେ ଘରେ ରହିବୁ। ତାହା ହିଁ ହେଲା। ଏଥର ନିର୍ଦ୍ଦିଷ୍ଟ କଟକଣା ଭିତରେ ରଥଯାତ୍ରା କରିବାକୁ ପ୍ରଶାସନକୁ ଦାୟିତ୍ୱ ଦିଆଗଲା। ସେଥିପାଇଁ କିଛି ନିର୍ଦ୍ଦେଶାନାମା ପ୍ରଣୟମ ହେଲା। ୧୪୪ ଧାରା ଜାରି କରି ମହାପ୍ରଭୁ ଚାଲିଲେ ଜନ୍ମବେଦୀକୁ। ଭକ୍ତମାନଙ୍କ ପାଇଁ ବଡଦାଣ୍ଡ ମନା ରହିଲା। ତେବେ କାହା ପାଇଁ ଥିଲା ଏତେ ଆୟୋଜନ! ପିଲାମାନେ କଷ୍ଟରେ ଥିଲେ ବାପ କଣ ଖୁସି କରେ ଓଡିଆ ଘରମାନଙ୍କରେ? ପିଲାମାନେ ଭୟଭୀତ ଥିଲେ ବାପା କଣ ସେମାନଙ୍କୁ ଘର ଭିତରେ ତାଲା ପକେଇ ଯାତ୍ରାରେ ବାହାରେ!

ଏକଥାଟି କେମିତି ଦିଶୁନି କାହାରିକୁ ସମସ୍ତ ଆବେଗପ୍ରବଣତା ଭିତରେ! ଭଗବାନ୍ କଣ ଅନ୍ୟର ଆୟତ୍ତାଧୀନ? ଯିଏ ଭକ୍ତର ଅଧୀନରେ, ଯିଏ ସାଧାରଣ ଭକ୍ତଙ୍କ ସହ ସମଗ୍ର ଜୀବଜଗତ ( ଯେଉଁମାନେ ମନ୍ଦିର ଭିତରକୁ ପ୍ରବେଶ କରିପାରନ୍ତି ନାହିଁ), ଅଶରୀରି, ଦେବତାଙ୍କୁ ଦର୍ଶନ ଦେବା ପାଇଁ ବାହାରନ୍ତି ରଥରୂଢ ହୋଇ, ସେ ଏଥର ସେବାୟତ ଓ ପୋଲିସ୍‌ମାନଙ୍କ ଗହଣରେ ରହିଗଲେ! ଭକ୍ତ ସାଲବେଗଙ୍କ ପରି ଅନ୍ୟଧର୍ମର ଭକ୍ତମାନେ ରହିଗଲେ ପ୍ରଭୁଙ୍କ ଦର୍ଶନରୁ ବଂଚିତ ହୋଇ। ସାଧାରଣ ଭକ୍ତଟେ ରହିଗଲା ଟି.ଭି ପର୍ଦ୍ଦା ଆଗରେ। ମନକୁ ବୁଝେଇନେଲା ସେଇ ଘର ତାର ବଡ ଦାଣ୍ଡ, ମହାପ୍ରଭୁ ତା ଆଖି ସାମ୍ନାରେ! ଭକ୍ତ ସବୁପ୍ରକାରେ ମନକୁ ବୁଝେଇନେଇପାରେ! ଅଭାବ ଦୁଃଖରେ, କଷ୍ଟ ଯାତନାରେ..ସବୁବାଗରେ।

ଏଥର ନା ପ୍ରଭୁଙ୍କ ଅଙ୍ଗଲଗା ତୁଳସୀ ନା ଫୁଲ କିଛି ମିଳିଲାନି। ଅବଶ୍ୟ ଆଗରୁ ଦଶଟି ଟଙ୍କା ବିନିମୟରେ ଭକ୍ତଟେ ତୁଳସୀ ପତ୍ରରୁ ଚିମୁଟେ ପାଉଥିଲା।ଏଥରକ ଏସବୁ ବିକ୍ରୀ ହୋଇଛି ଭଲ ଦାମ୍‌ରେ। ଧନୀ ଭକ୍ତଙ୍କ ଗହଣରେ। ସାଧାରଣ ଭକ୍ତ କିନ୍ତୁ ଖୁସି ସେ ଟି.ଭି ପର୍ଦ୍ଦା ଉପରେ ପ୍ରଭୁଙ୍କୁ ଦେଖୁଚି ବୋଲି!

ପ୍ରକୃତରେ କଣ ସାଧାରଣ ଭକ୍ତଟେ ଖୁସି ଥିଲା ଯେ ଧାର ଧାର ଲୁହରେ ଭଜନ ଗାଏ, ନିଜ ଦୁଃଖ ଜଣାଏ, ଯାବତୀୟ ପାଗଳାମୀ କରିପାରେ ତା ଠାକୁର ଆଗରେ? ପ୍ରଭୁ ବି କଣ ଭକ୍ତଶୂନ୍ୟ ବଡଦାଣ୍ଡକୁ ଆସି, କରୋନା-ଜର୍ଜରିତ ସଂସାରରେ ଭକ୍ତମାନେ ଦୁଃଖ ଓ ଅଭାବରେ ଆଉଟୁପାଉଟୁ ହେଉଥିବାବେଳେ ବେଶ୍ ଜାକଜକମରେ ବାହାରିପଡିଲେ ମାଉସୀ ଘର ବୁଲିବାକୁ! ଏ କାଳେ ଭାବବିନୋଦିଆ ଠାକୁର! ସାଧାରଣ ଭକ୍ତର ବୈକଲ୍ୟକୁ କଣ ବୁଝିପାରିଲେନି ନା ଖେଳନା ପାଲଟିଗଲେ କୁଟନୀତିର ଶିକାର ହୋଇ! ଏବେ ତ କରୋନା ରୋଗୀ ହୁ ହୁ ହୋଇ ବଢିଚାଲିଛନ୍ତି ଦେଶରେ। କରୋନା ଚାଲିଯିବ ବୋଲି ଯେଉଁମାନେ ହାତ ହଲେଇ କହୁଥିଲେ ସେମାନେ କି ଜବାବ୍ ଦେବେ? ଭକ୍ତିରେ ଅନ୍ଧ ହେବା ବୁଝାପଡୁଛି ହେଲେ ଭଗବାନ୍‌ଙ୍କୁ ନେଇ ରାଜନୀତି କରିବା ବୁଝାପଡୁନି।

ଯେଉଁମାନେ କହୁଥିଲେ ରଥ ଯାତ୍ରା ଅନୁଷ୍ଠିତ ନହେଲେ ଅମୁକ ହୋଇଯିବ, ସମୁକ ହୋଇଯିବ, ସେମାନଙ୍କୁ ମନେପକେଇଦେବାକୁ ପଡିବ ବ୍ରହ୍ମ ପରିବର୍ତ୍ତନ ବେଳର ଘଟଣା। ଯାବତୀୟ ଅଘଟଣ ଘଟିଗଲା। ଦାରୁମାନଙ୍କ ଚୟନଠାରୁ ଆରଂଭ କରି ବ୍ରହ୍ମ ପରିବର୍ତ୍ତନ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି ହେଲା। ଏସବୁ କଲେ ମହାପ୍ରଭୁଙ୍କ ପାଖ ଲୋକେ। ସେମାନଙ୍କର ମହାପ୍ରଭୁଙ୍କ ଉପରେ ବେଶୀ ଅଧିକାର। କାରଣ ସେମାନେ ଠାକୁରଙ୍କର ସେବା କରନ୍ତି, ତାଙ୍କୁ ଘରର ମୁରବୀ ବୋଲି ମାନନ୍ତି। ତେବେ ଠାକୁର ବି କଣ ପକ୍ଷପାତ କରନ୍ତି? ସାଧାରଣ ଭକ୍ତକୁ ଛଡା ତୁଳସୀଟିକେ ମିଳେନି ସହଜେ। କେବେକେବେ ମାଡ ଖାଇ ଫେରେ ଶ୍ରୀମନ୍ଦିରରୁ। ଯେଉଁମାନେ ଭଗବାନ୍‌ଙ୍କ ଭକ୍ତଙ୍କୁ ଅପମାନିତ କରି ଘଉଡେଇ ଦେଇଛନ୍ତି ଅତୀତରେ ଆଜି ସେମାନେ ନାନା ପ୍ରକାରର ସୁନା ଅଳଙ୍କାରରେ ସଜ୍ଜିତ ହୋଇ ନିଜ ପିଲାମାନଙ୍କୁ ରଥ ଉପରେ ଛିଡା କରି ସେଲ୍ଫି ନେଉଛନ୍ତି, ସେଇମାନଙ୍କ ପାଇଁ ଏ ବର୍ଷର ରଥଯାତ୍ରା! ସେଇମାନଙ୍କ ଆତ୍ମସନ୍ତୋଷ ପାଇଁ ମହାପ୍ରଭୁଙ୍କ ଆଗମନ, ପ୍ରତ୍ୟାଗମନ। ଶୂନଶାନ୍ ବଡଦାଣ୍ଡକୁ ଆସି ଜଗନ୍ନାଥ ଖୁସି ଥିବେ କି ନଥିବେ ସେକଥା ଆମେ ଛାର ଭକ୍ତମାନେ କଣ ବା ବୁଝିବୁ!

ତେବେ ମନରେ ପ୍ରଶ୍ନ ଉଠୁଛି ଏଥରର ନବକଳେବର ପରଠାରୁ ଘଟୁଛି ଯାବତୀୟ ଅଘଟଣ..ବାତ୍ୟା, ଭୂକମ୍ପଠୁ ଆରଂଭ କରି କରୋନା ମହାମାରୀଯାଏଁ, ତେବେ ଯାର ଉତ୍ତର କଣ ହେବ। ସେମାନେ ହୁଏତ କହିବେ- କଳିଯୁଗ ଶେଷ ହେଲାବେଳକୁ କିଛି ତ ମରିବେ! ପ୍ରଭୁ କଳ୍କୀ ଅବତାର ନେଲେଣି! ନହେଲେ ଆଉ କୋଉ କାରଣ ଦେଖେଇ ପାଟି ଚୁପ୍ କରିଦେବେ। କାରଣ ଆମମାନଙ୍କ ଭିତରେ ପ୍ରଚୁର ସହନଶକ୍ତି। ଆମେ ଅନ୍ୟାୟ ସହିପାରୁ ଦିନେ ଦୁଇଦିନ ପ୍ରତିବାଦ କରିଦେଇ। ପ୍ରତିବର୍ଷ ଆମେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରି କରି ଥକିଗଲୁଣି। ଏବେ ପୁଣି କରୋନା.. ପୋକ ମାଛି ପରି ମରିପଡୁଛନ୍ତି ଲୋକେ। ମାର୍ଚ୍ଚ ମାସ ଦ୍ୱିତୀୟାର୍ଦ୍ଧଠୁ ଶ୍ରୀ ମନ୍ଦିର ପ୍ରବେଶ ନିଷେଧ ହୋଇଥିବାବେଳେ ଭକ୍ତମାନେ ଅନେକ ଦୂରରୁ ପତିତପାବନଙ୍କୁ ଦର୍ଶନ କରି ମନକୁ ସାନ୍ତ୍ୱନା ଦେଉଛନ୍ତି- ସୁଦିନ ଫେରିବ ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ।

ଅଥଚ ଭକ୍ତର ଆବେଗ ପହଂଚିପାରିଲାନି ମହାପ୍ରଭୁଙ୍କ ପାଖେ। ନା କରୋନା ଟଳିଲା ନା ପ୍ରଶାସନିକ ନିୟମକାନୁନ୍। କିନ୍ତୁ ରଥ ଉପରେ ଆବଶ୍ୟକତାଠୁ ଅଧିକ ସେବାୟତମାନେ ନିଜର ପତିଆରା ବିସ୍ତାର କରୁଥିଲେ ଏଥର। ନା ମୁହଁରେ ମାସ୍କ ଥିଲା ନା ସାମାଜିକ ଦୂରତା। କୌଣସି ନିୟମ କାନୁନ୍ କଣ ଏମାନେ ଆରମ୍ଭରୁ ଶେଷଯାଏଁ ପାଳନ କରନ୍ତି? ତେବେ ବି ସବୁ ଠିକ୍ ବୋଲି କୁହାଯିବ ଏବେ। ସାଧାରଣ ଭକ୍ତଟେ ଭକୁଆ ଥିଲା ଓ ସେମିତି ରହିଯିବ। ମହାପ୍ରଭୁ ଜାଗିବେ କି ନାଁ ଜଣାନାହିଁ। କିନ୍ତୁ ଭକ୍ତି ମଳିନ ପଡିବନି। ପ୍ରଶ୍ନ କିନ୍ତୁ ରହିବ- ମହାପ୍ରଭୁ, ତମେ ବି କଣ ପାତର ଅନ୍ତର କର? ତମେ ତ ନେପୋଟିଜିମ୍ କରୁନଥିଲ ପୁରାଣ ଶାସ୍ତ୍ରରେ..! ଏବେ କଣ ଯୁଗ ଅନୁସାରେ ବଦଳିଗଲଣି! ତମ ସେବାୟତମାନେ ଯାହା କରିବେ ସେସବୁ ଠିକ୍। ସାଧାରଣ ଭକ୍ତର ଦୁଃଖ ଦୁର୍ଦ୍ଦଶା ତମ କାନରେ ପଡୁନି ବୋଧେ! ସେମାନଙ୍କ ପାଇଁ ପାପପୂଣ୍ୟ, ବିଚାର ଅବିଚାରର ଶିକୁଳି, ସେବାୟତଙ୍କ ପାଇଁ ସବୁ ଛାଡ। ମନ୍ଦିର ଭିତରେ କଣ କ୍ରୀଡନକ ସାଜି ବସିଛ?ଭକ୍ତର ଯାବତୀୟ ଯାତନା ସତ୍ତ୍ୱେ ତମେ ଜାଣ ସେ ତମକୁ ଛାଡିବନି। ତମେ କେମିତି ତାକୁ ଛାଡିଗଲ?

ଏଥରର ଘୋଷଯାତ୍ରା ଭିନ୍ନ, କେବଳ ସେବାୟତମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ସେମାନେ ଆନନ୍ଦରେ ବିହ୍ୱଳିତ ଥିଲେ। ଏପଟେ ଭକ୍ତଟେ ନୀରବରେ ଅଶ୍ରୁମୋଚନ କରୁଥିଲା ଦୁଃଖରେ, ଅସହାୟତାରେ। ଏସବୁ ଇତିହାସରେ ରହିଯିବ। କେହି ହୁଏତ ଭୁଲିଯିବେ କରୋନା ଜର୍ଜରିତ ଲୋକଙ୍କ ଆର୍ତ୍ତସ୍ୱର। ଏମିତି ଅନେକ କଥା ଦ୍ୱନ୍ଦ୍ୱ ଭିତରେ ଏବେ। କଣ ପାଇଁ ଥିଲା ଏ ଘୋଷ ଯାତ୍ରାର ଉଦ୍ଦେଶ୍ୟ! ସାଧାରଣ ଲୋକ ପାଇଁ ତ ମନା ଥିଲା ବଡଦାଣ୍ଡ। ଅନେକ ଭୟଭ୍ରାନ୍ତି ଦ୍ୱାରା ସାଧାରଣ ଲୋକଙ୍କୁ ଭକୁଆ କରି ରଖାଗଲା। ଏଥର ସ୍ୱୟଂ ମହାପ୍ରଭୁ ବି ଭକୁଆ ବନେଇଦେଲେ! ଏବେ ବି ମନକୁ ଘାଂଟୁଛି କଥାଟିଏ- ସତରେ ଏ ଖୁସି ଥିଲା ନା ବିଡମ୍ବନା! ମହାପ୍ରଭୁ ନିଜେ ଖେଳ କରୁଛନ୍ତି ନା ଖେଳ ହେଉଛି ତାଙ୍କୁ ନେଇ! ଅଗଣିତ ଭକ୍ତଙ୍କୁ କନ୍ଦେଇ ଭଗବାନ୍ ଏବେ ରତ୍ନସିଂହାସନରେ। ଭକ୍ତର ଭଗବାନ୍ – ଏ ଉକ୍ତିଟି ଯଥାର୍ଥ କି ଆଜିକାଲି? ଏକଥା ମୋ ପରି ଅନେକ ଭକ୍ତଙ୍କ ମନକୁ ଘାରୁଥିବ ନିଶ୍ଚେ।

mousumi.mama7@gmail.com

# କଂଗ୍ରେସ-ଚୀନ ବୁଝାମଣା



ସୌମେନ୍ଦ୍ର ଜେନା


ନିକଟରେ ମହେଶ ଜେଠାମଲାନୀ ନାମକ ଜଣେ ସୁପ୍ରିମକୋର୍ଟ ଓକିଲ ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏବଂ ଚୀନର କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ରହିଥିବା ନିବିଡ ସଂପର୍କକୁ କେନ୍ଦ୍ରକରି ରାଷ୍ଟ୍ରୀୟ ଅନୁସନ୍ଧାନକାରୀ ସଂସ୍ଥା ଅନୁସନ୍ଧାନ କରିବା ଆବଶ୍ୟକ ବୋଲି କେନ୍ଦ୍ର ସରକାରଙ୍କଠାରେ ଦାବି କରିଛନ୍ତି । ତାଙ୍କ କହିବାନୁସାରେ ଗଣତନ୍ତ୍ର ଓ ଭାରତର ବିରୋଧୀ ଏବଂ ସଚରାଚର ପାକିସ୍ତାନର ସମର୍ଥନକାରୀ ଚୀନର କମ୍ୟୁନିଷ୍ଟ ପାର୍ଟି ସହ ଭାରତର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ନିବିଡ ସଂପର୍କ ରଖି କାର୍ଯ୍ୟକରିବା, ଦୁଇଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଶତ୍ରୁ ରାଷ୍ଟ୍ରକୁ ସୁହାଇଲା ପରି ବକ୍ତବ୍ୟ ରଖିବା ପଛରେ କେଉଁଠି ନା କେଉଁଠି କିଛି କଳାଦାଗ ରହିଛି , ଯାହାର ଅନୁସନ୍ଧାନ କରାଯିବା ଆବଶ୍ୟକ । ଏପରିକି ନୂଆଦିଲ୍ଲୀଠାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଦେଶର ଅନ୍ୟାନ୍ୟ ସମସ୍ତ ବିରୋଧୀଦଳ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡିକୁ ପ୍ରଶଂସା କରାଯାଇଥିବା ସ୍ଥଳେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ସରକାରଙ୍କୁ ପ୍ରଶ୍ନ କରି ଅନ୍ୟମାନଙ୍କୁ ଚକିତ କରିଦେଇଥିଲେ। ଏହାଛଡା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପି.ଚିଦାମ୍ବରମ୍ ଏବଂ ଶଶୀଥରୁର ମଧ କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଅଭିଯାନ ଏବଂ ଅନ୍ୟାନ୍ୟ ପଦକ୍ଷେପଗୁଡିକୁ ସମାଲୋଚନା କରିବାରେ ବ୍ୟସ୍ତଥିବା ଏବେ ପରିଲକ୍ଷିତ ହେଉଛି । କେବଳ ସେତିକି ନୁହେଁ କଂଗ୍ରେସଦଳ ସମର୍ଥିତ ଗଣମାଧ୍ୟମଗୁଡିକରେ ମଧ ସୋନିଆ ଗାନ୍ଧିଙ୍କ ଭାଷାରେ ସମ୍ବାଦ ପ୍ରକାଶ ପାଇବା ସହ ଦେଶର ସେନାବାହିନୀ ଉପରେ ପ୍ରଶ୍ନ ଉଠାଯାଇଛି । ଅତୀତରେ ପାକିସ୍ତାନରେ ଏୟାର ଷ୍ଟ୍ରାଇକ ପରେ ପରେ ଏମିତି କେତେକ ପ୍ରଶ୍ନ ଉଠାଯାଇଥିଲା । ଏବେ ସେମିତି କଂଗ୍ରେସ ନେତା ରାହୁଳ ଗାନ୍ଧି ପ୍ରତିଦିନ ନିଜ ଟ୍ୱିଟରରେ ଅନେକଗୁଡିଏ ଚୀନକୁ ସମର୍ଥନ କଲା ପରି ପ୍ରଶ୍ନ ଉଠାଉଛନ୍ତି । ବିଶେଷକରି ଲଦାଖରେ ଚୀନସେନାଙ୍କ ସହ ମୁହାଁମୁହିଁ ହେଲା ବେଳେ ଭାରତର ସେନା କାହିଁକି ବନ୍ଧୁକ ଧରି ଗଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି ।

ଦେଖିବାକୁ ଗଲେ ଅତୀତରେ ଡୋକଲାମ ବିବାଦ ବେଳେ ମଧ କଂଗ୍ରେସ ଦଳ ପକ୍ଷରୁ ଏମିତି ପରିସ୍ଥିତି ସୃଷ୍ଟି କରାଯାଇଥିଲା । ଦୁଇଦେଶ ମଧ୍ୟରେ ସୀମାରେ ଉତ୍ତେଜନା ଜାରି ଥିଲାବେଳେ କଂଗ୍ରେସ ନେତା ରାହୁଳ ଗାନ୍ଧି, ସୋନିଆ ଗାନ୍ଧି, ମନମୋହନ ସିଂହ ପ୍ରମୁଖ ନୂଆଦିଲ୍ଲୀରେ ଥିବା ଚୀନର ରାଷ୍ଟ୍ରଦୂତଙ୍କ ସହ ଏକ ବୈଠକରେ ସାମିଲ ହୋଇଥିଲେ, ଯାହା ସେତେବେଳେ ସମସ୍ତଙ୍କ ମନରେ ସନ୍ଦେହ ଜାତ କରିଥିଲା । ତତ୍କାଳୀନ ବିଦେଶମନ୍ତ୍ରୀ ସୁଷମା ସ୍ୱରାଜ ମଧ କଂଗ୍ରେସର ଉକ୍ତ ପଦକ୍ଷେପକୁ ସମାଲୋଚନା କରିଥିଲେ । ଏବେ ସେମିତି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏମିତି କେତେକ ପ୍ରଶ୍ନ ଉଠାଇଛନ୍ତି ଯାହା ଚୀନ ସରକାରଙ୍କୁ ଯଥେଷ୍ଟ ସହାୟକ ହେବ । ଅତୀତରେ ରାହୁଳ ଗାନ୍ଧିଙ୍କ ମନ୍ତବ୍ୟକୁ ପାକ୍ ପ୍ରଧାନମନ୍ତ୍ରୀ ଇମରାନ ଖାଁ ଜାତିସଂଘରେ ଉଲ୍ଲେଖ କରିଥିଲେ । ଆହୁରି ମଧ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ନେତା ମଣିଶଙ୍କର ଆୟାର ପାକିସ୍ତାନ ଗସ୍ତରେ ଯାଇ କଂଗ୍ରେସ ଦଳକୁ ଶାସନକୁ ଫେରାଇ ଆଣିବା ପାଇଁ ନିବେଦନ କରିବା ସହ ସରକାରକୁ ଫେରିଲେ କଂଗ୍ରେସ ଦଳ ପାକ୍ ସହ ଉତ୍ତମ ସଂପର୍କ ରଖିବ ବୋଲି ପ୍ରକାଶ କରିଥିଲେ । ଏକଥା ମଧ ସତ ଯେ ଭାରତର ଦୁଇ ପଡୋଶୀ ଶତ୍ରୁ ରାଷ୍ଟ୍ରଙ୍କୁ କଂଗ୍ରେସର ସରକାର ଭାରତର ଶାସନରେ ଥିଲାବେଳେ ହଜାର ହଜାର ବର୍ଗ କିମି ପରିମିତ ଜମି ଦଖଲ କରିବାକୁ ଛାଡି ଦେଇଥିଲେ । ସ୍ୱାଧୀନତା ପରେ ପାକିସ୍ତାନକୁ ଗିଲଗିଟ୍ ଓ ବଲଟିସ୍ତାନ, ୧୯୬୨ରେ ଚୀନକୁ ଅକସାଇଚୀନ ଅଞ୍ଚଳ ଛାଡିଦେଇଥିଲେ । ଏପରିକି ଅକ୍‌ସାଇଚୀନ ଅଞ୍ଚଳରେ ଘାସ କଅଁଳୁ ନଥିବା ଦୃଷ୍ଟିରୁ ସେସବୁ ଅଞ୍ଚଳ ମୂଲ୍ୟହୀନ ବୋଲି ଖୋଦ୍ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସଂସଦରେ ବକ୍ତବ୍ୟ ଦେଇଥିଲେ। କେବଳ କ୍ଷମତାରେ ରହିବା ଲାଗି ସ୍ୱାଧୀନତା କାଳର ଦୁଇବର୍ଷରେ ୨୧ଲକ୍ଷ ଲୋକଙ୍କ ପ୍ରାଣହାନୀ ହିଂସା ଯୋଗୁ ହୋଇଥିଲେ ହେଁ ଦେଶର ସ୍ୱାଧୀନତା ବିନା ରକ୍ତପାତରେ ହେଲା ବୋଲି କହି କଂଗ୍ରେସ ଦଳ ଦେଶବାସୀଙ୍କୁ ଦିନରେ ହାରକିନ ଦେଖାଇଲା । (କ୍ରମଶଃ)

## ହ୍ରୀ - ଲଜ୍ଜା : -

**କା**ହା ପାଇଁ? ପ୍ରଭୁ ଅହଂ ମାନ, ସମ୍ମାନର ମାନ୍ୟତାରୁ ପ୍ରଭୁ ପ୍ରରାୟଣତା ତାଙ୍କ ପାଇଁ ଶ୍ରେଷ୍ଠ ଥିଲା। ସେଥିପାଇଁ ସେ ସନ୍ଥଙ୍କ ସଙ୍ଗେ ଗୀତ ଗାଇ ପାରୁ ଥିଲେ, ନୃତ୍ୟ ବି କରି ପାରୁଥିଲେ। ଦିଗମ୍ବର ଜୈନ ସାଧୁ ନିରାବରଣ ହୋଇ ସମାଜରେ ବିଚରଣ କରିଥାନ୍ତି। ବିଲକୁଲ ଲଜ୍ଜାର ଭାବ ନଥାଇ ତ୍ୟାଗ, ତପସ୍ୟା, ଦେହ ଅନାସକ୍ତିର ଭାବରେ ସେମାନେ ବିଚରଣ କରିଥାନ୍ତି।


ଲଜ୍ଜାକୁ ନେଇ ଅନେକଙ୍କ ଜୀବନ ମଧ୍ୟ ଏକ ଭିନ୍ନ ମୋଡ ନେଇ ନେଇଥାଏ। ଚିନ୍ତାମଣି ସୁପ୍ରସିଦ୍ଧ ନୃତ୍ୟାଙ୍ଗନା ଥିଲେ। ବିଲ୍ୱମଙ୍ଗଳ ତାଙ୍କର ପ୍ରେମିତ ଥିଲେ। ଥରେ ବିଲ୍ୱମଙ୍ଗଳ ମୂସଳଧାର ବର୍ଷାରେ ଅଧରାତିରେ ଗୋଟିଏ ସ୍ରୋତ ସଢ଼ାଶବ ଉପରେ ବସି ନଦୀ ପାର ହୋଇ ଆସି ଚିନ୍ତାମଣିଙ୍କ କବାଟ ଠକଠକ କରିଥିଲେ। ଏଭଳି ଅବସ୍ଥାରେ ଆସିଥିବାର ଦେଖି ଚିନ୍ତାମଣି ଧିକ୍କାର କରି କହିଥିଲେ, ଆରେ ମୂଢ଼! ଯେଉଁ ମୃତ ଶରୀରରେ ଚଢ଼ି ତୁ ଏଠାକୁ ଆସିଛୁ ତା'ର ଦୁର୍ଗନ୍ଧ ଏବେବି ତୋ ଦେହରୁ ଆସୁଛି। ମୋର ଏଇ ଶରୀର ପଛରେ ତୁ ଯେଉଁ ଧାଇଁଛୁ ପାଗଳ ଭଳି ସେହି ଶରୀର ରୋଗ, ନିଷ୍ଠା, ବିକାରରେ ଭରା ଅଟେ। ନିଜ ଏହି ବୃତ୍ତିକୁ ଈଶ୍ୱର ଅଭିମୁଖ କର ତେବେ ତୋର କଲ୍ୟାଣ ହେବ। ଏହା ଶୁଣି ବିଲ୍ୱମଙ୍ଗଳ ଏବଂ ଶ୍ରୀପ୍ରଭୁଙ୍କ କୃପା, ଶରଣାଗତି ପ୍ରାପ୍ତ ହୋଇ ମୁକ୍ତି ମିଳିଥିଲା। ତାଙ୍କ ଜୀବନରେ ଏହି ବିରାଟ ପରିବର୍ତ୍ତନ କେବଳ ଲଜ୍ଜା ବୋଧ କରିବା ଦ୍ୱାରା ହୋଇ ପାରିଥିଲା। ତୁଳସୀ ଦାସଙ୍କ ଜୀବନରେ ମଧ୍ୟ ଏଭଳି କିଛି ଘଟଣା ଘଟିଥିଲା।



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା


ଅନୁବାଦ- ଉପାଳୀ ଦାଶ



କୌଣସି ନିନ୍ଦନୀୟ କର୍ମକରି ଧରାପଡିବା ପରେ ଅନେକ ଲଜ୍ଜା ବୋଧ କରି ଆତ୍ମହତ୍ୟା କରିଥାନ୍ତି। ପିଲାମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେବାରୁ ଆତ୍ମହତ୍ୟା କରିବା, ଉଚ୍ଚ ପଦସ୍ଥ କର୍ମଚାରୀ ଲାଞ୍ଚ ନେଇ ଧରାପଡିବା ଓ ଆତ୍ମହତ୍ୟା କରିବା ଇତ୍ୟାଦି ସମାଜରେ ଘଟିବା କାରଣ ହିଁ ଲଜ୍ଜା ଅଟେ। କିଏ କ'ଣ କହିବ? କେମିତି ମୁହଁ ଦେଖାଇବି? ଏପରି ଲଜ୍ଜାର ଭାବନା ମନକୁ ଆସିବାରୁ ମଣିଷ ଏଭଳି କିଛି କରିଥାଏ।

ଲଜ୍ଜା ମର୍ଯ୍ୟାଦାର ଏକ ଆବରଣ ଅଟେ। କାହା ଆଗରେ କେମିତି କଥା କହିବା, ନ କହିବା, କେମିତି ବସିବା, କେଉଁଠାରେ ଖାଇବା ଓ କେମିତି ଢଙ୍ଗରେ ବସି ଖାଇବା, କେଉଁଠି ଜୋରରେ ନ ହସିବା ଏସବୁ ନୀତିନିୟମ ପାଳନ କରି ଜୀବନ ବିତାଇବା ଲଜ୍ଜାର ପ୍ରଶିକ୍ଷଣ ଅଟେ। ଲଜ୍ଜାର ଲକ୍ଷ୍ମଣ ରେଖାରେ ବନ୍ଧା ହୋଇ ଉତ୍ତମ ଆଚାର, ବିଚାର, ବ୍ୟବହାର ହିଁ ଜୀବନକୁ ସମ୍ମାନ ଯୋଗ୍ୟ କରାଇଥାଏ। ଯାହାର ଜୀବନରେ ମାନ, ମର୍ଯ୍ୟାଦାୟ, ଶୀଳ, ବିନୟ, ବିବେକ ତଥା ସଦାଚାର ରହିଛି ସେହି ବ୍ୟକ୍ତି ବସ୍ତୁତଃ ସମ୍ପନ୍ନ ଅଟେ। ସେ ହିଁ ସୁଦୃଢ଼ ସମାଜର ଆଧାରଶୀଳ। ଯେଉଁ ସମାଜରେ ହ୍ରୀର ହ୍ରାସ ହୋଇଥାଏ ସେହି ସମାଜ ଅଳ୍ପାୟୁ ହୋଇଥାଏ। ସେହି ସମାଜର ପ୍ରଗତି ବା ଅଭ୍ୟୁଦୟ ଅସମ୍ଭବ ଅଟେ।

(କ୍ରମଶଃ)



ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।

କ୍ଷୀରୋଦ ଦାସ

ଭାଗ-୧୫

# ସମ୍ପର୍କର ସୂତା ଖିଅ

ମାମିନାର ମୁହଁ ଜଳିଗଲା। କିଛି ନ କହି ସେ ଉଠିଗଲା ସେଠୁ। 'ତମ ବାପା କ'ଣ ସବୁବେଳେ ଏଇ ଲୁଙ୍ଗି ଓ ଗାମୁଛା ପିନ୍ଧନ୍ତି ? ଦୁଇ ଚାରିଦିନ ପରେ ପଚାରିଲା ମମତା।

ମାମିନା ଆଖିକୁ ଲୁହ ଆସିଗଲା। ଉଠି ପଳେଇଲା ସେଘରୁ। ବାପା,ବୋଉ,ଭଉଣୀ ଧୀରେ ଧୀରେ ମମତାକୁ ଗ୍ରହଣ କରିନେଉଥିବା ବେଳେ ମମତା କିନ୍ତୁ ଦିନକୁ ଦିନ ଅତିଷ୍ଠ ହୋଇ ପଡୁଥିଲା ଅନ୍ଧାରୁଆ ଗାଁ'ର ଦିକ୍ ଦିକ୍ ହୋଇ ଜଳୁଥିବା ମଇଳା ଲଣ୍ଠନ ଆଲୁଅରେ, କୂଅମୂଳେ ଠିଆହୋଇ ଗାଇ, ମଣିଷ, ଗଛ, ଆକାଶ ଗହଣରେ ଗାଧୋଇବାରେ, ଟୋପାଏ ବର୍ଷାରେ କାଦୁଅ ପଚପଚ ଗୁଗୁଚିଆ, ଗନ୍ଧିଗଛ ଭରପୁର କେନାଲ ବନ୍ଧକୁ ଝାଡ଼ାଯିବାରେ, ପୃଥିବୀ ଉପରେ ଅପାତତଃ ପେଟେଇ ପଡ଼ିଥିବା ଚାଳଘର ଭିତରେ ଛିଣ୍ଡାକନ୍ଥା ବିଛାଯାଇ ଶେଯ ପ୍ରସ୍ତୁତ କରାଯାଇଥିବା ଖଟ ଉପରେ ଶୋଇବାରେ ।

ସୁରେନ୍ଦ୍ର ବୁଝାଉଥିଲା ତାକୁ- 'ମମତା, ଏଇଟା ସହର ନୁହେଁ, ଗାଁ'ର କାଦୁଅ, କଳା ପଡ଼ିଯାଇଥିବା ଲଣ୍ଠନ,ଅନ୍ଧାର,ଗୁଗୁଚିଆ,ଘାସ,କୂଅ ପୋଖରୀର ପାଣି ହିଁ ଲୋକମାନଙ୍କର ଜୀବନ । ତା' ଭିତରେ ପ୍ରାପ୍ତି ହିଁ ସେମାନଙ୍କର ଜିଜ୍ଞାସା । ତା' ଭିତରେ ଦୁଃଖ ସୁଖ,ହସକାନ୍ଦ,ଜୟ-ପରାଜୟ,ଜନ୍ମମୃତ୍ୟୁ ହିଁ ସେମାନଙ୍କର ନିତ୍ୟ ଜୀବନ ଚର୍ଯ୍ୟା । ସେଥିରେ ସାମିଲ୍ ହୋଇଯାଅ ମମତା... ଦେଖିବ ସବୁକିଛି ହାଲ୍‌କ ଲାଗିବ, ଜୀବନକୁ ଶ୍ରଦ୍ଧା କରିବାକୁ ଇଚ୍ଛା ହେବ... ।'

ଏସବୁ ପଶୁନଥିଲା ମମତା କାନରେ । ଗୋଟେ ଅସ୍ୱସ୍ତିକର ପରିବେଶ ଭିତରେ ସେ ଯେପରି ସନ୍ତୁଳି ହୋଇଯାଉଥିଲା । କୁଆଡ଼େ ଗଲା ଜୀବନକୁ ଉପଭୋଗ କରିବାର ସାମଗ୍ରୀ ସବୁ ? ତିନି ମହଲା କୋଠା,କୋଠାର ବାଲ୍‌କୋନି,ଲନର ଛାତି ଉପରେ ଆରାମଦାୟକ ସୋଫା,ଦିନ ଦଶଟା ବେଳକୁ ଡ଼ାଇନିଂ ଟେବୁଲ୍ ଉପରେ ଅତିକମ୍‌ରେ ଛ' ପ୍ରକାର ଜଳଖିଆ,କାଇନେଟିକ୍ ହୋଣ୍ଡାରେ କଲେଜ,ଦୁଇଟା ବେଳକୁ ସ୍ୱାଦିଷ୍ଟ ଲଞ୍ଚ,ସନ୍ଧ୍ୟାବେଳେ ସାଉଥ୍ ଇଣ୍ଡିଆନ୍ କି ଷ୍ଟାର ହୋଟେଲ୍‌ରେ ଟିଫିନ୍ ରାତି ଏଗାରଟା ଯାଏ ରଙ୍ଗୀନ୍ ଟିଭିରେ ହିନ୍ଦୀଫିଲ୍ମ,ଡ଼ିନର ଏବଂ ତୁଳି ତଳ୍ପ ଶଯ୍ୟା।

ଏସବୁ ଏଠି ଅଛି କି ? - ମମତା ପ୍ରଶ୍ନ କଲା ନିଜକୁ

ସକାଳ ଛ' ରୁ ରାତି ଦଶଯାଏ ମମତା ପଛରେ ଲାଗି ଲାଗି ନୟାନ୍ତ ହୋଇ ପଡୁଥିଲେ ବୋଉ ଓ ମାମିନା ଅପା। ବୋହୂ ଝାଡ଼ାଯିବ, ଗାଧୋଇବ,ସକାଳ ଜଳଖିଆ,ଦ୍ୱିପ୍ରହରରେ ଭାତଖିଆ, ରାତିଖିଆ, ଶୋଇବା ବିଛଣା ପାଇଁ ବୋଉ ବ୍ୟସ୍ତ ହୋଇ ପଡୁଥିବାବେଳେ ମମତାର ବ୍ୟବହାରରେ ପ୍ରତିକୂଳ ପରିବର୍ତ୍ତନ ଲକ୍ଷ୍ୟ କରୁଥିଲା ସୁରେନ୍ଦ୍ର।

କେତେ ସହସା ଭାଙ୍ଗିଯାଏ ଗୋଟେ ନିର୍ଭର ପ୍ରତିଶ୍ରୁତି ? ଭୁଷୁଡ଼ି ପଡ଼େ ସ୍ୱପ୍ନର କମନୀୟ ଇମାରତ୍ ? ଓହ୍ଲାଇଯାଏ ମନମତାଣିଆ ରଙ୍ଗୀନ ନିଶା ଆଖି ଉପରୁ ?

ଝୁମ୍ପୁଡ଼ି ଘରକୁ ମନ୍ଦିର ବୋଲି ଭାବିବାକୁ,ବୋଉର ଚରଣ ଧୂଳି ସ ସକାଳେ ମୁଣ୍ଡରେ ମାରିବାକୁ,ବାପାଙ୍କ ପାଦ ସେବା କରିବାକୁ,ମାମିନା ଅପାକୁ ନିଜ ଭଉଣୀ ବୋଲି ମାନିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିବା ମଣିଷ ଜଣକ କିଏ ? ମାମତା ଟି !

ଧୀରେ ଧୀରେ ସୁରେନ୍ଦ୍ର ଆଖି ସାମ୍ନାରେ ମୂର୍ତ୍ତିମନ୍ତ ହେଉଥିଲା ବାସ୍ତବତାର ଅସଲ ଚେହେରା।

କୋକିଳ ଆଇ, ଶୁକୁଟୀ ବଡ଼ବୋଉ, ମାଳଖୁଡୀ, ନବଣୀ ଖୁଡୀ ହେରିକା ଆସି ପହଞ୍ଚି ସାରିଥାନ୍ତି ପୋଖରୀ ତୁଠରେ। ଦାନ୍ତରେ ଗୁଡାଖୁ ଢିଅ ମାରୁମାରୁ ଶୁକୁଟୀ ବଡ଼ବୋଉ କହିଲା- "ଆଲୋ ହେମନ୍ତ ବୋଉ ଆଜି କୁଆଡ଼େ ଗଲା କି ?"

ମାଳଖୁଡୀ କହିଲା - ତା' ବାପ ଘରକୁ ଯାଇଚି କାଲିଠାରୁ। ତା' ବୋଉ ଦେହ ଅସୁଖ ବୋଲି ବାତିନି ଆଇଥେଲା।

ଚାରି ଛ'ଟା ଲଙ୍ଗଳା ଛୁଆ ଗୋଡାହାତ ବାଡ଼େଇ ପୋଖରୀ ଭିତରେ ପହଁରୁଥିଲେ। ପାଣି ଛିଟିକୁଥିଲା ଉପରକୁ। କୋକିଳ ଆଇ ପାଟିକଲା - "ଏ ଅବିଜା ଛୁଆଗୁରାଙ୍କୁ କ'ଣ ପାରିହେବ ? ବେମୁରୁବା ପିଲାଙ୍କ ପରି କେମିତି ଘଣ୍ଟାଏ ହେଲାଣି ପାଣି ଭିତରେ ଉତ୍‌ପାତିଆ ହଉଚନ୍ତି ଦେଖୁନା... !"

ଶୁକୁଟୀ ବଡ଼ବୋଉ କହିଲା- ସେ କଥା କୁହନା ମ ଖୁଡ଼ୀ ! ଯେ ଆଜିକାଲିକା ଛୁଆ ପରା ଓଳିଆରୁ ପଡି ଗଜା ! ଦେଖୁନା ସେ ସନିଆ ଭାଇ ପୁଅ ସୁରିଆକୁ !

କ'ଣ ହେଲା କି ଅପା ? -ପାଟିରୁ କୁଳୁକୁଞ୍ଚା ପାଣି ପିଚ୍ କିନା ଛାଡ଼ିଦେଇ ପଚାରିଲା ନବଣୀ ଖୁଡୀ।

ଶୁକୁଟୀ ବଡ଼ବୋଉ ଛିଗୁଲେଇଲା- "ଆହା, କାହିଁକି ଏମିତି ଜାଣିସିଆଣିଆ ବନୁଚୁ କିଲୋ ? କାହାଘରେ କିଏ ଛିଙ୍କିଲା କି ପାଡ଼ିଲା ସେକଥା ଜଣା, ଏ ଖବର ଅଜଣା ?

ନବଣୀ ଖୁଡ଼ୀ ମୁହଁ ଛିଞ୍ଚାଡ଼ି କହିଲା - 'ତମର ଏଇ ପର୍‌କୁତି ମତେ ମୋଟୁରୁ ଭଲ ଲାଗେ ନାଇଁ ଅପା। କଥାଟି କହିବ ଯେ ବାର ଅବଲ୍ୟ କାଢ଼ିବ ! ସନିଆଭାଇ ପୁଅ ପରା ବାହା ହେଇଛି !

"ଆଲୋ କି ବାହା ବା ? ଆଁ ? ରାଜି ରୁଜାରେ ପଳେଇ ଆସିବା କ'ଣ ବାହାରେ ଲେଖା ? ତୋ ମୁହଁକୁ ଟିକେ ନାଜ ନାଇଁ ଯେ କହୁଚୁ ବାହା ହେଇଚି !

-ଶୁକୁଟୀ ବଡ଼ବୋଉ କହିଦେଇ ଅଣ୍ଟା ପାଣିଆ ହେଲା।

ଲୁଗାଟିକୁ ଆଣ୍ଠୁଯାଏ ଟେକାଟେକି କରି ଘସିମାଜି ହଉହଉ କମୀ ଦେଠେଇ କହିଲା- "ଖୁଡୀ ମ, ତେମେ ପରା ଯାଇଥେଲ ତା' ଘରକୁ ସେଦିନ ? କେମିତି କା ବୋହୂ ମ ?

କୋକିଳ ଆଇ ଜିଭ ଛେଲି ସାରି ପାଣି କୁଳୁକୁଳୁ କରି କହିଲା- "ଚମ ଚିକଣ ଚହଟି ଗୋରୀ ! ଆଲୋ ଗୋରୀ ହେଲେ କ'ଣ ହେବ ବା ? ଶଣ୍ଣା ଟିକେ ଶିଖିଚି ? ହେଲା ଏବେ ବରଣମାଳା ଦେଇ ମନ୍ଦିରରେ ବାହାହେଲା, ନୂଆ ବୋହୂଟା ଶାଢ଼ୀ ଖଣ୍ଡେ ପିନ୍ଧିବନି ? ମୁଣ୍ଡରେ ଟିକେ ଓଢ଼ଣା ଦବନି ? ସହରରେ କ'ଣ ଆଉ ବୋହୂ ଅଛନ୍ତି ? ଆଲୋ ମା, ଜାମା ପେଣ୍ଟ ପିନ୍ଧିଦେଇ, ଗୋଡହାତ ଟେକିଦେଇ ଅଣ୍ଡିରୀଙ୍କ ପରି ବଇଚି ! ଗୁରୁଜନ ମାନ୍ୟ ନାଇଁ। ବଡ଼ଲୋକିଆ ଟୋକିଟାକୁ ପରା ଏ ଟୋକା ଧନଲୋଭରେ ଉଠେଇ ଆଣିଚି ! କହନ୍ତିନି, ଆରେ ନିଇଠା, ହଗି ଗଲାବେଳେ ପିନ୍ଧିଛୁ ମଠା ! ବାପର ବାଡ଼ି ଗୁବରେ ଗୁବେ ଜମି ନାଇଁ, ପୁଅ ଲକ୍ଷେପତିର ଜୋଇଁ !! ଛିଆଲୋ ଛି !"

ନବଣୀ ଖୁଡୀ ବେକପାଣିଆ ହେଇ ଧୀରେ କହିଲା- 'ହଇଲୋ ମାଳ, ମୁଁ କ'ଣ ଶୁଛୁଛି ତା'ର ମାସ ଗଡିଗଲାଣି ? ଆଲୋ ଇୟେ କି ଅଲିଖିତ କଥା ବା ? ବାହାଘର ପନ୍ଦର କୋଡିଏ ଦିନ ହେଇନି, ଇୟେ ପୁଣି କ'ଣ ?

'ହଁ ଲୋ ଅପା, ମୁଁ ତ ସେଇଆ ଶୁଣୁଚି ! ରହୁନା ଆଉ ମାସ ଦି'ଟା ! ଆପେ ଫୁଟି ବାହାରିବ ! ବାହାଘର ସିନା ମାସେ ପୁରିନି, ଆଗରୁ ଚଉଠି କରିବା କ'ଣ ମନା ତାଙ୍କ ପାଇଁ ? ମାଳ ଖୁଡୀ ହସି ହସି କହିଲା।

କୋକିଳ ଆଇ ଯୋଗକଲା- "ଟୋକିଟା ଭାରି ଖୁମାଣିଆ ବା ! ପହିଲେ ପହିଲେ ଶାଶୁ ଶଶୁର ନାକ ଟେକୁଥିଲେ। ଏବେ ମନକୁ ବୁଝେଇ ବୋହୂକୁ, ଯେତେ ଆଦର କଲେ ବୋହୂରାଣୀ ଗୋଡ଼ କଚାଡୁଛି ! ମତେ ନାଗୁଚି ଟୋକି ଏଇ ଦି'ଚାରିଦିନ ଭିତରେ ଟୋକାକୁ ନେଇ ଫେରାର ହୋଇଯିବ।"

ପାଣି ଉପରକୁ ଉଠି ଆସି ଓଦା ଲୁଗା ପାଲଟୁ ପାଲଟୁ ମାଳ ଖୁଡୀ କହିଲା-ସୁରିଆଟା ଭଲ ପିଲାଟା ମ ଅପା ! ସେ କଟକିଆଣୀ ତାକୁ କିମିଆଁ କରି ପୀରତି ଜାଲରେ ଛନ୍ଦି ପକେଇଲାନି ଯେ ତା' ପାଇଁ ସର୍ବନାଶ ଡାକି ଆଣିଲା। ଟୋକା ପରା ଚାକିରୀ ବାକିରୀ କିଛି କରିନାଇଁ। ଶୁଛୁଛି କଟକରେ କୁଆଡେ ଗୀତ ଇସ୍କୁଲ୍ ଖୋଲି ହାରମାନିଆ ବଜେଇ ପିଲାଙ୍କୁ ଗୀତନାଚ ଶିଖଉଚି ! ବାପ ରକତକୁ ପାଣିକରି ଖଟିଖଟି ପୁଅକୁ ମଣିଷ କରିଥେଲା ଯେ ପୁଅ ଦେଖେଇଲା ତା କରାମତି !"

*କ୍ରମଶଃ*

## କିଶୋର କବିତା



## ଷାଠିଏ ଗ୍ରାମର ବିଶ୍ୱ



ବିନୟ ଭୂଷଣ ପାଣିଗ୍ରାହୀ



ଜନ୍ମବେଳେ ମୋ ଓଜନ
ପାଖାପାଖି ତିନିକିଲୋ ଥିଲା,
ଡାକ୍ତର ବି କହିଥିଲେ କାଳେ
ଶିଶୁଟି ବଢ଼ିଛି ଭଲ
ମାଆ'ର ଜରାୟୁ ଭିତରେ।
ଜନ୍ମନେଇ ଭାବିଲାନି ମାଆ
ବୋଝଟେ ଓହ୍ଲାଇ ଗଲା
କଷ୍ଟ ଯିଏ ଦେଉଥିଲା
ଦିନରାତି ଦଶମାସ କାଳ,
କାହିଁକିନା,
ଭୂମିଷ୍ଠ ହେବା ପରେ ପରେ
ଆରମ୍ଭ ହେଇଥିଲା
ତା'କଷ୍ଟର ଦ୍ୱିତୀୟ ପର୍ଯ୍ୟାୟ
ଯାହାର ଅବଧି ଥିଲା କୋଡିଏ ବରସ
ଯା'ଭିତରେ ପାଞ୍ଚହାତ ଲମ୍ବା ହେଲି
ଷାଠିଏ କିଲୋର ହାଡ଼-ମାଂସ-ରକ୍ତ
ଦେହରେ ଯୋଡିଲା।

ଓ.ଟି.ର ଲାଇଟ ଲିଭିଲା।

ସର୍ଜନ ବାହାରିବା ମାତ୍ରେ
ପଚାରିବା ପୂର୍ବରୁ ମୁଁ କିଛି
ସେ କହିଲେ,
'ଚିନ୍ତାର କାରଣ ନାହିଁ
ଅପରେସନ ଭଲ ହେଲା
ରୋଗୀ ଏବେ ବିପଦମୁକ୍ତ,
ବାହାର କରିଦେଲି ଜରାୟୁ ଟା
ଏଇ ଦେଖ;
କେତେବେଶୀ ନଷ୍ଟ ହେଇଥିଲା।'



ଦେଖିଲି,
ନଉ ଜରଜର ମାଉଁସ ପିଣ୍ଡୁଳେ
ପାଖାପାଖି ବୋହିଗଲା ଲୁହ ଦୁଇଧାର,
ମାଆଁଠୁ ଲଗା - ମୋ' ଠୁଁ ଅଲଗା
ସେଇ ପିଣ୍ଡକୁ ଛୁଇଁଲା କ୍ଷଣି
ସେ ଲୁହ ଲହୁ ହେଇଗଲା।

ଭାବିଲି;
ସୃଷ୍ଟିର ସର୍ବଶ୍ରେଷ୍ଠ ଆଶ୍ଚର୍ଯ୍ୟ ଏହି
ଷାଠିଏ ଗ୍ରାମର ବିଶ୍ୱ
ମୋ' ମାଆ ପେଟରେ ହିଁ ଥିଲା
ଯା'ଭିତରେ, ତିନିକିଲୋ ହେବାଯାଏ
ମୁଁ ଚଣ୍ଡାଳ ମହା ଆନନ୍ଦରେ
ବଢୁଥିଲି ଚିନ୍ତାମୁକ୍ତ ହେଇ,
ଏବେ ମୁଁ ଅଛି, ମାଆ ଅଛି
ମା'ପେଟ ଭିତରର ମୋର ସେଇ ସ୍ୱର୍ଗ
ମୋ' ଆଖି ସାମ୍ନାରେ ଏବେ
ଅଥଚ ଅବରୁଦ୍ଧ ମୋ' ଲାଗି
ଅନ୍ତତଃ ଏଥର ଏ ଜନ୍ମଟା ପାଇଁ।

*ହରସିଂହପୁର, ପୀରହାଟ ବଜାର,*
*ଭଦ୍ରକ*
*ଭ୍ରାମ୍ୟଭାଷ : ୯୯୩୭୫୪୮୪୩୧*

# ନର୍ସ ଲୋପାମୁଦ୍ରା

ମନୋଜ କୁମାର ବେହେରା





ଆଜି ସକାଳେ ଲୋପାମୁଦ୍ରାର ଉଠିବାର ଟିକେ ଡେରି ହୋଇଗଲା । କିନ୍ତୁ ସେ ତୁରନ୍ତ ସବୁ କାମ ସାରି ଠିକ୍ ସମୟରେ ଯାଇ ପହଞ୍ଚିଲା ହସପିଟାଲ୍‌ରେ । ସେ ସମୟରେ ନମ୍ରତା ତାଙ୍କୁ ଡାକି କରି କହିଲେ

ଲୋପାମୁଦ୍ରା ! ଆରେ.. ଲୋପାମୁଦ୍ରା ତୁମେ କୁଆଡେ ଗଲ । ଟିକେ ଓ୍ୱାର୍ଡ ଭିତରକୁ ଯାଇ ଦେଖିକରି ଆସିଲ। ଲୋପାମୁଦ୍ରା ଗୋଟେ ସରକାରୀ ହସପିଟାଲ୍‌ରେ ନର୍ସର ଚାକିରୀ କରୁଥିଲା । ସେ ସିଷ୍ଟରଙ୍କୁ ଦେଖି ନମସ୍କାର କଲା ଆଉ କହିଲା ହଁ ମୁଁ ଯାଉଛି ଦେଖିକି ଆସୁଛି । ଡଃ. ଜେନାଙ୍କର ତତ୍ୱାବଧାନରେ ୨୪ ଜଣିଆ ଷ୍ଟାଫ୍‌ମାନଙ୍କର ଡ୍ୟୁଟି ଲିଷ୍ଟ ତିଆରି କରା ଯାଇଥିଲା । ୮ଜଣ ମେମ୍ବର ଗୋଟିଏ ସିଫ୍ଟରେ କାମ କରିବେ। ଯେମିତି କାହାକୁ କିଛି କଷ୍ଟ ନହେବ ସେମିତି ଡ୍ୟୁଟି ଭାଗ କରାଯାଇଥିଲା । ପ୍ରଥମ ସିଫ୍ଟ ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ । ସକାଳର ଡ୍ୟୁଟିଟା ଭାରି କଷ୍ଟ । କାହିଁକିନା ସକାଳେ ପେସେଣ୍ଟ ମାନଙ୍କର ଭିଡ ଲାଗି ରହେ। ଆଉ ରୁମ୍‌ର ସଫା ସୁତରା କାରାଯାଇଥାଏ। ରୋଗୀଙ୍କୁ ଔଷଧ ଖାଇବାକୁ ଦେବା,ଡାକ୍ତରଙ୍କର ପରିଦର୍ଶନର ସମୟ, ବେଡ୍‌ରେ ଚାଦର ବଦଳେଇବା ଇତ୍ୟାଦି। କରୋନା ରୋଗ ପାଇଁ ତାଙ୍କ ହସପିଟାଲ୍‌ରେ ଗୋଟିଏ ନୂଆ ମଲଟିସ୍ପେଶାଲିଟର ଓ୍ୱାର୍ଡ ଖୋଲାଗଲା କେବଳ କରୋନା ରୋଗୀଙ୍କ ପାଇଁ।

ଲୋପାମୁଦ୍ରାକୁ ମଧ୍ୟ ସେଇ ଓ୍ୱାର୍ଡରେ କାମ କରିବାକୁ ଡକା ଯାଇଥିଲା। ଲୋପାମୁଦ୍ରା ବହୁତ ଶାନ୍ତ ଶିଷ୍ଟ ପିଲାଟିଏ ଥିଲା ତା' ବାପା ଏହି ହସପିଟାଲ୍‌ରେ କାମ କରୁଥିଲେ । ତା' ବାପାଙ୍କର ଅକାଳ ମୃତ୍ୟୁ ହେବା ପରେ ସେ ତା' ବାପାଙ୍କ ଜାଗାରେ ଚାକିରୀ ପାଇଥିଲା କରୋନା ଓ୍ୱାର୍ଡରେ କାମ କରି ଲୋପାମୁଦ୍ରା ବହୁତ ପ୍ରଶଂସା ପାଇଥିଲା । ଏହି ସମୟରେ ତାଙ୍କ ହସପିଟାଲ୍‌ରୁ ୫୦ଜଣ କରୋନା ରୋଗୀ ସୁସ୍ଥ ହୋଇ ଘରକୁ ଫେରି ଯାଇଥିଲେ ଆଉ ୪ ଜଣଙ୍କର ମୃତ୍ୟୁ ହୋଇଥିଲା । କିନ୍ତୁ ସେ ଓ୍ୱାର୍ଡକୁ କେବଳ ଲୋପାମୁଦ୍ରା ହିଁ ଯାଉଥିଲା ଅନ୍ୟ ଷ୍ଟାଫ୍‌ମାନେ କିଏ କହୁଥିଲା ମୋର ଛୋଟ ଛୁଆଟେ ଅଛି,ଆଉ କିଏ କହୁଥିଲା ମୋର ଏବେ ବାହାଘର ଅଛି। କିନ୍ତୁ ସେ କାହାକୁ କିଛି କହେନି ନିଜ କାମ ନିଜେ କରେ।

ତା'ର ପରିବାର କହିଲେ ସେ,ତା ମା',ଭାଇ ଆଉ ୩ ଭଉଣୀ। କିନ୍ତୁ ସେ ସବୁବେଳେ ଦୁଃଖରେ ରହୁଥିଲା। ତା'ର ଭାଇର ମଦ ଅଭ୍ୟାସ ଥିଲା ତେଣୁ ତା ମା' କହିଲେ ଲୋପାମୁଦ୍ରା ତୁ ଯାଇ କରି ଚାକିରୀ କର ତୋ ବାପାଙ୍କ ଜାଗାରେ। କିନ୍ତୁ ଭାଇ ସବୁବେଳେ ତାକୁ ଅପମାନ କରୁଥାଏ। କିଛି ବର୍ଷ ଚାକିରୀ କଲାପରେ ସେ ତା'ର ୩ ଭଉଣୀଙ୍କର ବିବାହ କରିଦେଲା ଏବଂ ତା' ଭାଇର ମଧ୍ୟ ବାହାଘର କରିଦେଲା । ଆଉ ସେ ରହିଗଲା ଖାଲି ତା' ମାଆ ପାଖରେ।

କିନ୍ତୁ ତା'ର ଦୁଃଖ ଏଠି ସରିନାହିଁ। ତା' ଭାଇକୁ ସିନା ବାହା କରିଦେଲା କିନ୍ତୁ ତା' ଭାଇର ତିନୋଟି ଛୁଆ ହେଲା ସେମାନଙ୍କର ଦେଖା ଶୁଣା,ତାଙ୍କର ପାଠ ପଢା ଦାୟିତ୍ୱ ମଧ୍ୟ ଲୋପାମୁଦ୍ରା ଉପରେ ପଡିଲା।

ଏମିତି ସେ କେତେବେଳେ ସକାଳ ତ କେତେବେଳେ ରାତି ଡ୍ୟୁଟି କରୁଥିଲା। ଘରକୁ ଆସିଲା ବେଳେ ସେ ବହୁତ ଥକି ପଡୁଥିଲା କାହିଁକିନା ରୋଗୀଙ୍କର ସେବା,ଘରେ ଆସି ରୋଷେଇ କରିବା,ଭାଇର ଛୁଆଙ୍କୁ ପଢେଇବା,ରାତିରେ ଶୋଇଲା ବେଳେ ମା'ଙ୍କର ଗୋଡ ଘଷି ଦେବା, ଆଉ ତା'ପରେ ଭାଇର ଗାଳି ଶୁଣିବା। ଏମିତିରେ ରାତିରେ ତାକୁ ଯମା ନିଦ ଆସେନି।

କରୋନା ସଂକ୍ରମଣ ଯୋଗୁଁ ଅନ୍ୟ ରୋଗୀଙ୍କ ଆସିବା ମଧ୍ୟ କମିଗଲା ହସପିଟାଲ୍‌ରେ । କିନ୍ତୁ ସେ ବିନା ଦ୍ୱିଧାରେ ନିଜ ସିଫ୍ଟକୁ ବଦଳେଇଲା ନାହିଁ। ସେ ସିଷ୍ଟରଙ୍କୁ ସବୁବେଳେ କହୁଥିଲା କ'ଣ ପାଇଁ ଆମେ ଡରିବା ଏହି ରୋଗ ପାଇଁ । ସେଦିନ ଆଉ ଦିଜଣ ନୂଆ କରୋନା ରୋଗୀ ଆସି ଆଡମିଟ୍ ହେଲେ କିନ୍ତୁ ତାଙ୍କ ପାଖକୁ ଯିବା ପାଇଁ କାହାର ସାହାସ ହେଉନଥିଲା । ସେ ସମୟରେ ସିଷ୍ଟର ନମ୍ରତା କହିଲେ,ମୋର ଗୋଟିଏ ଛୋଟ ଛୁଆ ଅଛି ! ମୁଁ ସେଠିକି ଯାଇ ପାରିବିନି। ଲୋପାମୁଦ୍ରା କହିଲା ହଉ ଦିଦି ମୁଁ ଯାଉଛି, ସେ ଯାଇ ରୋଗୀର ଜ୍ୱର ମାପିଲା, ସାଲାଇନ୍ ଲଗେଇଦେଲା, ଖାଦ୍ୟ ଦେଲା, ଘୋଡେଇ ହେବା ପାଇଁ ଚାଦର ଦେଲା, ଔଷଧ ଦେଇ କରି ଆସି ବସିଲା । ଯେତେବେଳେ ଏହି ଓ୍ୱାର୍ଡରେ ପ୍ରଥମ କରୋନା ରୋଗୀର ମୃତ୍ୟୁ ହୋଇଥିଲା ସେତେବେଳେ କେହି ଡରରେ ଆସିଲେନି ଆଗକୁ । ଲୋପାମୁଦ୍ରା ନିଜେ ଆଗକୁ ଆସି ମୃତ ଶରୀରକୁ ବିଶେସ କଭର ଜରିରେ ଘୋଡାଇ ତା'ର ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ସବୁ କାମ କରିଥିଲା ନିଜେ। ହସପିଟାଲ୍‌ରେ ସମସ୍ତେ କହୁଥିଲେ ଲୋପାମୁଦ୍ରା ଗୋଟିଏ ଦେବୀ ସଦୃଶ୍ୟ,କିନ୍ତୁ ରୋଗୀ ମାନେ କହୁଥିଲେ ସେ ଆମର ମା'। ତା'ର କାମରେ ସମସ୍ତେ ବହୁତ ଖୁସି ହେଉଥିଲେ । ଏ କରୋନା ସମୟରେ ବହୁତ କାମ କରିବାକୁ ପଡୁଥିଲା ଲୋପାମୁଦ୍ରାକୁ।

ଜାଣିଛୁ କାଲି ରାତିରେ ଜଣେ କରୋନା ରୋଗୀଙ୍କର ମୃତ୍ୟୁ ହୋଇଯାଇଛି। ଡଃ. ଜେନା କହିଛନ୍ତି ସମସ୍ତଙ୍କର ଟେଷ୍ଟ ହେବ। କେବଳ ଲୋପାମୁଦ୍ରାକୁ ଛାଡି ଅନ୍ୟ ମାନେ ଯାଇ ନିଜ ନିଜ ରୁମ୍‌ରେ ଥିଲେ। ସମସ୍ତଙ୍କର ରିପୋର୍ଟ ନେଗେଟିଭ୍ ଆସିଥିଲା। କିନ୍ତୁ ଡଃ. ଜେନା କହିଲେ ତୁମର ଆଉ ଥରେ ଟେଷ୍ଟ ହେବାକୁ ବ୍ଲଡ୍ ଯାଇଛି ଯେପର୍ଯ୍ୟନ୍ତ ରିପୋର୍ଟ ନ ଆସିଛି ତୁମେ ଘରକୁ ଯାଇ ପାରିବନି। ତୁମେ ଯାଇ ଗେଷ୍ଟ ହାଉସ୍‌ରେ ରେଷ୍ଟ ନିଅ। ଏପଟେ ପ୍ରଥମ ରିପୋର୍ଟରେ ଲୋପାମୁଦ୍ରାର କରୋନା ପଜିଟିଭ୍ ବାହାରିଛି ବୋଲି ପୁରା ହସପିଟାଲ୍‌ରେ ଚହଳ ପଡି ଯାଇଥିଲା । ସେଥିପାଇଁ ତାକୁ ଓ୍ୱାର୍ଡ ଭିତରକୁ ଯିବା ପାଇଁ ମନା କରାଗଲା ।

ରାତିରେ କରୋନା ଓ୍ୱାର୍ଡରେ ଜଣେ ୭୦ ବର୍ଷୀୟା ମହିଳା ରୋଗୀ ଆସି ପହ ? ? ୍ଲେ । ତାଙ୍କର କିଡନୀ ରୋଗ ମଧ୍ୟ ଥିଲା । କିନ୍ତୁ ସେ ଆସିବାର ଏତେ ସମୟ ହେଇ ଗଲାଣି କିନ୍ତୁ କୌଣସି ନର୍ସ କିମ୍ବା ଡାକ୍ତରଙ୍କ ଆସୁ ନଥିଲେ ତାଙ୍କୁ ଦେଖା କରିବା ପାଇଁ। ସେ ଟିକେ ବଡ ପାଟିରେ ଡାକୁଥିଲେ କିନ୍ତୁ ଏ ଡାକ ଶୁଣି ଲୋପାମୁଦ୍ରା ଆସିଲା ଆଟେଣ୍ଡ କରିବାକୁ। ରେଗୀଙ୍କର ଜ୍ୱର ମାପିଲା,ବ୍ଲଡ୍ ପ୍ରେସର ମାପିଲା,ରୋଗୀଙ୍କୁ ଖାଇବା ଦେଲା,ଆଉ ଔଷଧ ଦେଇ ଚୁପ୍ କରି ପଳେଇ ଆସି ଗେଷ୍ଟ ହାଉସକୁ ଆସି ଶୋଇ ପଡିଲା । କିନ୍ତୁ ସେ କିଛି ବାହାନା ଦେଖାଇ ଓ୍ୱାର୍ଡକୁ ଯାଇ ରୋଗୀଙ୍କର ସେବା କରି ଚୁପ୍ କରି ପଳେଇ ଆସେ ଯେପର୍ଯ୍ୟନ୍ତ ତା'ର ରିପୋର୍ଟ ନ ଆସିଛି। ଘରକୁ ତ ଯାଇ ପାରିବନି। ତେଣୁ ଏ ସବୁ କରୁଥିଲା। ଦିନେ ସକାଳେ ଡଃ. ଜେନା ଶୀଘ୍ର ପଳେଇ ଆସିଥିଲେ ତାଙ୍କୁ ଦେଖି କରି ଆଖି ମଳି କରି ଆସି ଛିଡା ହେଲା ତାଙ୍କ ପାଖରେ। ସାର୍ କ'ଣ ହେଲା,ଡକେଇଥିଲେ ପରା..ସାର୍ କହିଲେ ଲୋକମାନେ କ'ଣ ମିଛରେ ତତେ ଦେବୀ ବୋଲି କୁହନ୍ତି । ସାର୍ ମୁଁ କିଛି ବୁଝି ପାରିଲିନି ? ତୁମର କରୋନା ରିପୋର୍ଟ ନେଗେଟିଭ୍ ଆସିଛି । ଲୋପାମୁଦ୍ରା ! ଭଗବାନଙ୍କୁ ପ୍ରଣାମ କଲା। ଆଉ ଖୁସି ମନରେ ଦୌଡି କରି କଲା ତା'ର ନିଜ ଓ୍ୱାର୍ଡକୁ ରୋଗୀଙ୍କ ସେବା କରିବାପାଇଁ।

*୨୧୭,ୟୁନିଟ-୯(ଫ୍ଲାଟ)*
*ବାୟାବାବା ମଠ ଲେନ*
*ଭୁବନେଶ୍ୱର-୨୨*
*ଫୋନ-୭୯୭୮୮୩୦୬୧୧*

## ପ୍ରତୀକ୍ଷାର ଶେଷ ଲଗ୍ନ

ପ୍ରଦୀପ ବନ୍ଧ



ସତରେ ଏ ଯାଯାବର ଜୀବନଟା
ବଡ଼ ବିଚିତ୍ର କେତେବେଳେ
କେଉଁଠି ଜୀଇଁବାକୁ ହେବ
କିଏ ଜାଣିଛି ?
ଏଠି ସବୁ ଥାଇ କିଛି ନଥାଏ
କାନ ଥିଲେ ସୁନା ନଥାଏ ତ
ସୁନା ଥିଲେ କାନ
ଏ ଅଳେଇ ବିଲରେ ଚାଷ କରି
ବର୍ତ୍ତିବା ଭାରି କଷ୍ଟ।

ଜହ୍ନ ବେଳେବେଳେ
ଖଣ୍ଡିଆଚାଳ କଣା ଦେଇ ପଶିଆସେ
ତାରାମାନେ ବି ଡେଇଁ ଡାଇଁ
ଅଭିମାନରେ ଲୁଚିଯାଆନ୍ତି
କଳା ବାଦଲର ପେଟ ତଳେ।

ଆରପାରିରେ ହାତଠାରି ଡାକୁଥିବା
କାଳୀ ବୁଢ଼ୀର ବହେ ଗାଳି
ଆଉ ସବୁ ପ୍ରତୀକ୍ଷାର ଅନ୍ତରାଳରେ
ହଜିଯାଉଥିବା ଶବ୍ଦମାନେ
ଆଜି ଟିକି ଟିକି ପର ଲଗେଇ
ଉଡିବା ଆରମ୍ଭ କଲେଣି।



ହେଲେ ସବୁତକ ସ୍ନେହ ସରାଗରୁ
ଜମାଟ ବାନ୍ଧିଥିବା
ଆଉ ଏକ ବେଲାଳ ସେନର
କରୁଣ ଚିତ୍କାର
ମୋତେ ଶୁଆଇ ଦେଉନି।

ଆଜି ପୃଥିବୀକୁ ଦି ଫାଳ କରି
ମୁଣ୍ଡ ଟେକି ଟିକେ ଅଦୃଶ୍ୟ ଉହାଡରେ
ସ୍ୱପ୍ନ ଦେଖିବାର ସୁଯୋଗ ଦେଇଛି
ଏହି ପ୍ରତୀକ୍ଷାର ଶେଷ ଲଗ୍ନରେ

ଅମା ଅନ୍ଧାରକୁ ଟିକେ
ମୁରୁକି ହସରେ ପେଲି ଦେଇଛି
ସମୁଦ୍ରର ଆରପାରିକୁ
ରମ୍ଭା ଠାରୁ ଉର୍ବଶୀ ମାନଙ୍କର
ଭିତରେ
ନିଜର ଅନିଚ୍ଛା ପଣକୁ
ମଳେଇର ବଳୟରେ
ଲୁଚେଇ ଦେଇ
ମଳୟ ପବନର
ଅତର ଛିଞ୍ଚା ବାସ୍ନାକୁ
ମନ ଭରି ଛିଞ୍ଚି ଚାଲିଛି।

କାଳେ ନୂଆ ସକାଳରେ
ସହର ସାରା ନବ ବାସ୍ନା
ବିଚ୍ଛୁରିତ ହୋଇ
ଅନ୍ତ ହେବ ତା'ର ସେହି
ପ୍ରତୀକ୍ଷାର ଶେଷ ଲଗ୍ନ।

*ସାନମଚ୍ଛୁଆଘାଇ, ରାଜଘରପୋଖରୀ*
*ବାସୁଦେବପୁର, ଭଦ୍ରକ*
*ଦୂରଭାଷ : ୮୦୭୨୭୮୩୨୨୦*

# ‘ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ରାଜ୍ୟ ସରକାର’



**ଭୁବନେଶ୍ୱର :** ଦୀର୍ଘ ୨୦ ବର୍ଷ ନିରଙ୍କୁଶ ଶାସନ ପରେ ବି ତୃଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଯୋଗୁଁ ଆଜି ଓଡିଶାର ଛାତ୍ର ଓ ଯୁବକମାନେ ଶିକ୍ଷା, ରୋଜଗାର, ଉଦ୍ୟମତାର ବହୁ ପଛରେ । ଓଡିଶାର ବୈଷୟିକ ବିଦ୍ୟାଳୟ(ବିପିୟୁଟି)ର ଶେଷ ସେମିଷ୍ଟାର ଛାତ୍ରଛାତ୍ରମାନଙ୍କ ପାଇଁ ଅନଲାଇନ କରିବା ନିଷ୍ପତି ଅତ୍ୟନ୍ତ ତୃଟିପୂର୍ଣ୍ଣ । ବିପିୟୁଟିର ଛାତ୍ରଛାତ୍ରୀମାନଙ୍କ ଅନଲାଇନ ପରୀକ୍ଷା ପାଇଁ ଦେଇଥିବା ୨୭ ପୃଷ୍ଠାର ନିୟମାବଳୀକୁ ପୂରଣ କରିବା ବହୁ ଛାତ୍ରଛାତ୍ରୀମାନଙ୍କ ପକ୍ଷରେ ଅସମ୍ଭବ ବ୍ୟାପାର । ନୀୟମାବଳୀ ଲେଖାଯାଇଥିବା କଂପ୍ୟୁଟର ଆବଶ୍ୟକତା ଯେମିତିକି ୪ ଜିବି ରାମ, ୱେବ କ୍ୟାମ, ମାଇକ, ୩ ଘଣ୍ଟା ଲଗାତାର ବିଦ୍ୟୁତ ସରାବରାହ ଗ୍ରାମାଞ୍ଚଳରେ ରହୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ପୂରଣ କରିବା ସମ୍ଭବ ପର ନୁହେଁ । ଏହି ସୁବିଧା ନଥିବା ଛାତ୍ରଛାତ୍ରୀଙ୍କ ପାଇଁ ହୋଇଥିବା ପରୀକ୍ଷା କେନ୍ଦ୍ରକୁ ଯିବାର ବ୍ୟବସ୍ଥା ଯଥା କଣ୍ଟେନମେଣ୍ଟ ଜୋନ ତଥା ବାହାର ରାଜ୍ୟରୁ ଆସି ପାଠ ପଢୁଥିବା ପିଲାଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ । ରାଜ୍ୟସରକାର ସବୁ ଜାଣି ସରଳ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ବୋଲି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, କରୋନା ସମୟରେ ଏଭଳି ପରକ୍ଷା କେନ୍ଦ୍ର କରିବା କିମ୍ଵା ନୂତନ ପରୀକ୍ଷା ପ୍ରଣାଳୀର ମଡେଲ ଫର୍ମାଟ ଏପର୍ଯ୍ୟନ୍ତ ଛାତ୍ର ଏବଂ ଶିକ୍ଷକ ମାନଙ୍କୁ ଠିକ୍ ଭାବରେ ଅବଗତ ନକରାଯିବା ବିପିୟୁଟିକୁ ସନ୍ଦେହ ଘେରକୁ ଆଣୁଛି । କରୋନା ଭଳି ସଙ୍କଟ ସମୟରେ ଛାତ୍ରଛାତ୍ରୀମାନେ କଲେଜ ହଷ୍ଟେଲ ଛାଡି ଘରକୁ ଆସିଥିବାରୁ ଛାତ୍ରଛାତ୍ରୀଙ୍କ ପାଖରେ ପାଠ୍ୟ ପୁସ୍ତକ ଉପଲବ୍ଧ ନାହିଁ । ଏଭଳି ପରିସ୍ଥିତିରେ ନୂଆ ପ୍ରଣାଳୀରେ ଖୋଲା ବହି ପରୀକ୍ଷା (ଓପନ ବୁକ ଟେଷ୍ଟ) ଏକ ହାସ୍ୟାସ୍ପଦ ବିଷୟ । କଂପେଟ ଏଜୁଟେକ ନାମକ ସଂସ୍ଥା(ଯାହାକି ପୂର୍ବରୁ ଗ୍ଲୋବ ଏରିନା) କୁ ପରୀକ୍ଷା ପରିଚାଳନା ପାଇଁ ଯେଉଁ ଦାୟୀତ୍ୱ ଦିଆଯାଇଛି ସେ ସଂସ୍ଥା ସଂପର୍କରେ ବିପିୟୁଟି ଅଧିକ ତର୍ଜମା କରିବାର ଆବଶ୍ୟକତା ରହିଛି । ରାଜ୍ୟସରକାର ଓ ବିପିୟୁଟି କର୍ତ୍ତୃପକ୍ଷ ଛାତ୍ରଛାତ୍ରୀମାନଙ୍କୁ ହଇରାଣ କରିବା ଉଦ୍ଦେଶ୍ୟ ନରଖି କିଭଳି ସେମାନଙ୍କର ଭବିଷ୍ୟତକୁ ଆଗାମୀ ଦିନରେ ସଠିକ ଦିଗରେ ନେଇପାରିବେ ସେ ବିଷୟରେ ଚିନ୍ତା କରନ୍ତୁ । ହରିୟାଣା, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ସରକାର ତଥା ଆଇଆଇଟି, ଏନଆଇଆଇଟି ଭଳି ସଂସ୍ଥା ନର୍ମାଲାଇଜେସନ ପ୍ରଣାଳୀ ଆପଣାଇଛନ୍ତି । ଏହି ସବୁକୁ ଦୃଷ୍ଟିରେ ରଖି ବିପିୟୁଟି ନିଜର ପରୀକ୍ଷା ପ୍ରଣାଳୀକୁ ପରିବର୍ତନ କରି ଛାତ୍ରଛାତ୍ରୀଙ୍କ ହିତରେ କାର୍ଯ୍ୟକରୁ । ଯଦି ବିପିୟୁଟି ପରୀକ୍ଷା ପ୍ରଣାଳୀରେ ପରିବର୍ତନ ନଆଣେ ତେବେ ହଜାର ହଜାର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜେପି ଯୁବମୋର୍ଚ୍ଚା ଆଗାମୀ ଦିନରେ ତୀବ୍ର ପ୍ରତିବାଦ କରିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଏହି ଅବସରରେ ଯୁବମୋର୍ଚ୍ଚା ଭୁବନେଶ୍ୱର ଜିଲ୍ଲା ସଭାପତି ଅଭିଷେକ ଆଚାର୍ଯ୍ୟ ଏବଂ କଟକ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଭକ୍ତବତ୍ସଳ ବସ୍ତିଆ ଉପସ୍ଥିତ ଥିଲେ ।

# ଘରୋଇ ହସ୍ପିଟାଲ୍ ପାଇଁ ନୂଆ ଏସ୍ଓପି

**ଭୁବନେଶ୍ୱର :** ଭୁବନେଶ୍ୱରରେ ଥିବା ଘରୋଇ ହସ୍ପିଟାଲ୍ ଓ ନର୍ସିଂହୋମ୍ ପାଇଁ ବିଏମ୍ସି ନୂଆ ଏସ୍ଓପି ଜାରି କରିଛି । ବିଶେଷକରି ଓପିଡି ଓ ଆଇପିଡି ବିଭାଗକୁ ଗୁରୁତ୍ୱ ଦିଆଯାଇଛି । ନୂଆ ଏସ୍ଓପି ଅନୁଯାୟୀ ହଟ୍ସ୍ପଟ୍ ଜିଲାରୁ ଆସିଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଅନ୍ୟ ରୋଗୀଙ୍କ ସହ ଏକତ୍ର ଓପିଡିକୁ ଯିବାକୁ ବାରଣ କରାଯିବ । ଏଥିପାଇଁ ଓପିଡି ଗେଟ୍ ପାଖରୁ ହିଁ ଏହି ବ୍ୟବସ୍ଥା କରିବା ପାଇଁ ଏସ୍ଓପିରେ ବିଏମ୍ସି ଦର୍ଶାଇଛି । ଏହାସହ ଆସୁଥିବା ରୋଗୀଙ୍କଠାରେ ଫ୍ଲୁ ଲକ୍ଷଣ ଦେଖାଦେଲେ ହସ୍ପିଟାଲ୍ କର୍ତ୍ତୃପକ୍ଷ ସମ୍ପୃକ୍ତ ରୋଗୀଙ୍କ ନମୁନା ସଂଗ୍ରହ କରି କୋଭିଡ୍ ପରୀକ୍ଷଣ ପାଇଁ ପଠାଇବାର ବ୍ୟବସ୍ଥା କରିବା ସହିତ ଉକ୍ତ ରୋଗୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ରଖିବେ । ସେହିପରି ଟେଷ୍ଟିଂ ପାଇଁ ସ୍ୱାବ୍ ନମୁନା ଦେବାଠାରୁ ସମ୍ପୃକ୍ତ ଲୋକଙ୍କ ରିପୋର୍ଟ ନଆସିବା ପର୍ଯ୍ୟନ୍ତ ଉକ୍ତ ରୋଗୀଙ୍କୁ ଏକାନ୍ତବାସରେ ରଖିବାର ବନ୍ଦୋବସ୍ତ କରିବେ । ଏକାନ୍ତବାସ ପାଇଁ କୌଣସି ବ୍ୟବସ୍ଥା ହୋଇ ନପାରିଲେ ହସ୍ପିଟାଲ୍ଗୁଡ଼ିକ ତାଙ୍କୁ ସରକାରୀ କ୍ୱାରେଣ୍ଟାଇନ୍କୁ ପଠାଇ ପାରିବେ । ସେହିପରି ନେବା ଆଣିବା ଖର୍ଚ୍ଚ ହସ୍ପିଟାଲ କର୍ତ୍ତୃପକ୍ଷ ବହନ କରିବେ ବୋଲି ଏଥିରେ ଦର୍ଶାଯାଇଛି । ସେହିପରି ବସ୍ତି ଅଞ୍ଚଳର ରୋଗୀ ହୋଇଥିଲେ ସେମାନଙ୍କ କ୍ଷେତ୍ରରେ ଉପରୋକ୍ତ ନିୟମ ଲାଗୁ ହେବ ବୋଲି ବିଏମ୍ସି କହିଛି । ଏନେଇ ବିଏମ୍ସି ଡେପୁଟି କମିଶନର କମଲଜିତ୍ ଦାସ ମୋ-୯୪୩୯୪୩୧୬୭୨କୁ ହସ୍ପିଟାଲ୍ର ନୋଡାଲ୍ ଅଧିକାରୀ ଯୋଗାଯୋଗ କରିବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି । ସେହିପରି ଆଇପିଡିରେ ଚିକିତ୍ସାଧୀନ ରୋଗୀ କରୋନା ଆକ୍ରାନ୍ତ ଚିହ୍ନଟ ହେଲେ ସଙ୍ଗେ ସଙ୍ଗେ ତାଙ୍କୁ ସ୍ୱତନ୍ତ୍ର କ୍ୟାବିନ୍ରେ ରଖି କୋଭିଡ୍ ହସ୍ପିଟାଲ୍ ପଠାଇବାକୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ବିଏମ୍ସିର ଆଇଡିଏସ୍ପି ସେଲ୍କୁ ମଧ୍ୟ କଲ୍ କରି ଜଣାଇବାକୁ କୁହାଯାଇଛି । ଏହା ବ୍ୟତୀତ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ହସ୍ପିଟାଲ୍ କର୍ମଚାରୀଙ୍କ ଯଥାଶୀଘ୍ର କଣ୍ଟାକ୍ଟ ଟ୍ରେସିଂ କରିବାକୁ କୁହାଯାଇଛି । ସେହିପରି ଆଇପିଡି ପାଇଁ ଜାରି ହୋଇଥିବା ଏସ୍ଓପି ଅନୁଯାୟୀ ଯଦି ଆଇପିଡିରେ ଥିବା କୌଣସି ରୋଗୀଙ୍କ ରିପୋର୍ଟ କରୋନା ପଜିଟିଭ୍ ଆସେ ତେବେ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶନାମାନ ପାଳନ କରିବା ପାଇଁ କୁହାଯାଇଛି । ସେହିପରି ଆଇପିଡିରେ ଥିବା କୌଣସି ରୋଗୀଙ୍କଠାରୁ ଯଦି ସ୍ୱାବ୍ ପରୀକ୍ଷଣ ପାଇଁ ଯାଇଥାଏ, ରିପୋର୍ଟ ନଆସିବା ପର୍ଯ୍ୟନ୍ତ ତାଙ୍କୁ ଏକ ଭିନ୍ନ କ୍ୟାବିନ୍ରେ ରଖିବାକୁ ପରାମର୍ଶ ଦିଆଯାଇଛି । ଏଠାରେ ତାଙ୍କୁ ଏକୁଟିଆ ବ୍ୟବହାର ପାଇଁ ଶୌଚାଳୟ ଉପଲବ୍ଧ କରାଇବାକୁ କୁହାଯାଇଛି । ସେହିପରି ପଜିଟିଭ୍ କେଶ୍ ଆସିଲେ ତୁରନ୍ତ କଣ୍ଟାକ୍ଟ ଟ୍ରେସିଂ କରିବା ସହିତ ଏହାର ସମସ୍ତ ତଥ୍ୟ ବିଏମ୍ସିକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି । ଏହା ବ୍ୟତୀତ ଡାକ୍ତରଖାନାକୁ ଆସିଥିବା କର୍ମଚାରୀଙ୍କ ତଥ୍ୟ ପ୍ରଦାନ, ହସ୍ପିଟାଲରେ କର୍ମଚାରୀଙ୍କ ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା, ହାତ ସଫେଇ ଏବଂ ବିଶୋଧନ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ବିଏମ୍ସିର ଏସ୍ଓପିରେ ଉଲ୍ଲେଖ କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବେକାବୁ କରୋନା ...

ଆକ୍ରାନ୍ତ ହୋଇଥିଲା ବେଳେ ସେଠାରେ ଏ ପର୍ଯ୍ୟନ୍ତ ୮୬୭୧ ଜଣଙ୍କ ମୃତ୍ୟୁ ହେଲାଣି । ଏହା ପଛକୁ ରହିଛି ତାମିଲନାଡୁ । ଏହି ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୭୦୦୧ରେ ପହଞ୍ଚିଥିଲା ବେଳେ ଏ ପର୍ଯ୍ୟନ୍ତ ସେଠାରେ ୧୪୫୦ ଜଣ ପ୍ରାଣ ହରାଇଲେଣି । ଜାତୀୟ ରାଜଧାନୀ ଦିଲ୍ଲୀରେ ମଧ୍ୟ କରୋନା ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଉଛି । ଏ ପର୍ଯ୍ୟନ୍ତ ଦିଲ୍ଲୀରେ ଆକ୍ରାନ୍ତଙ୍କ ସଂଖ୍ୟା ୯୭,୨୦୦ରେ ପହଞ୍ଚିଥିଲା ବେଳେ ୩୦୦୪ ଜଣ ପ୍ରାଣ ହରାଇଲେଣି । ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର) ସୂତ୍ରରୁ ପ୍ରକାଶ ଯେ, ଦେଶରେ ଟେଷ୍ଟିଂ ଲ୍ୟାବ ସଂଖ୍ୟା ବୃଦ୍ଧି ପାଉଛି । ଏବେ ୧,୧୦୦ ଲ୍ୟାବ୍ରେ କୋଭିଡ୍ ନମୁନା ଟେଷ୍ଟିଂ କରାଯାଉଛି । ଏଥି ମଧ୍ୟରେ ୭୮୬ଟି ସରକାରୀ ଲ୍ୟାବ ଥିଲା ବେଳେ ୩୧୪ଟି ଘରୋଇ ଲ୍ୟାବ ରହିଛି ।

### ଓଡ଼ିଶାରେ ...

ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ଏଥିରେ ସର୍ବାଗ୍ରେ ଗଞ୍ଜାମ ଜିଲ୍ଲା ରହିଥିଲେ ବି ପ୍ରବାସୀ ଓଡ଼ିଆମାନେ ଓଡ଼ିଶାକୁ ଫେରିବା ପରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଜଣାପଡିଛି । ଅମାନିଆ ପ୍ରବାସୀଙ୍କ ପାଇଁ ମହାମାରୀ କରୋନା ତାର କରାଳ ରୂପ ଦେଖାଇ ଚାଲୁଛି ।

ସେହିପରି ରାଜଧାନୀ ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଲକଡାଉନ୍ ଓ ସଟ୍ଡାଉନ ଭଳି କରୋନା କଟକଣା ଥିବା ସତ୍ତ୍ୱେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ନେଇ ସବୁଠି ଉଦ୍ବେଗ ଦେଖାଦେଇଛି । କିଛି ଅମାନିଆଙ୍କ ଯୋଗୁ ରାଜଧାନୀରେ କରୋନା ବେକାବୁ ହୋଇପଡିଛି । ସାମାଜିକ ଦୂରତା ନ ରଖିବା ଓ ମାସ୍କ ପିନ୍ଧୁ ନଥିବା ଲୋକଙ୍କ ଯୋଗୁ ପ୍ରଶାସନର ଚିନ୍ତା ମଧ୍ୟ ବଢ଼ିଛି । ଜାଣିବା ଶୁଣିବା ଲୋକମାନେ ମଧ୍ୟ କରୋନା ନିୟମ ଉଲ୍ଲଘଂନ କରି ରାସ୍ତାରେ ବିନା କାରଣରରେ ବୁଲାବୁଲି କରୁଥିବାରୁ ପରିସ୍ଥିତି ଭୟଙ୍କର ଆଡକୁ ଗତି କରୁଛି । କେତେକ ବୟସ୍କ ବ୍ୟକ୍ତି ବିଏମ୍ସି ପ୍ରଣୟନ କରିଥିବା କରୋନା କଟକଣାକୁ ଖାତିର ନ କରି ଛକ, ବଜାରରେ ବୁଲିବା ମଧ୍ୟ ଚିନ୍ତାଜନକ । ରବିବାର ବିଏମ୍ସି ଅଞ୍ଚଳରୁ ପୁଣି ୧୯ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯ ହୋମ୍ କ୍ୱାରେଣ୍ଟାଇନ୍ ଓ ୮ ସ୍ଥାନୀୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି । ସେହିପରି ଗତ ମାର୍ଚ୍ଚ ୧୫ ତାରଖ ରାଜ୍ୟର ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ଅଞ୍ଚଳ ଅର୍ଥାତ୍ ଭୁବନେଶ୍ୱର ବଡ଼ଗଡ଼ ଅଞ୍ଚଳକୁ ପୁଣି କରୋନା ଲେଉଟିଛି । ରବିବାର ରାଜଧାନୀରେ ଚିହ୍ନଟ ହୋଇଥିବା କୋଭିଡ୍ ପଜିଟିଭ୍ଙ୍କ ମଧ୍ୟରୁ ବଡ଼ଗଡ଼ ନେତାଜୀ କ୍ଲବ୍ ନିକଟ କରୁଣାକରନଗର ଉପରସାହିର ଜଣେ ଆକ୍ରାନ୍ତ ଥିବା ନେଇ ବିଏମ୍ସି ସୂଚନା ଦେଇଛି । ଏହା ବ୍ୟତୀତ ଝାରପଡ଼ା, ସୁନ୍ଦରପଦା ଆଦି ଅଞ୍ଚଳରେ ପୂର୍ବରୁ ଏକାଧିକ କରୋନା ରୋଗୀ ଚିହ୍ନଟ ହୋଇଥିବାବେଳେ ରବିବାର ପୁଣି ଜଣେ ଲେଖାଏଁ ଆକ୍ରାନ୍ତ ଏଠାରୁ ଚିହ୍ନଟ ହୋଇଛନ୍ତି । ଫଳରେ ଏହି ସବୁ ସ୍ଥାନରେ କରୋନା ଗୋଷ୍ଠୀ ସଂକ୍ରମଣ ମୁହାଁ ହୋଇଥିବା ଆଶଙ୍କା ବୃଦ୍ଧି ପାଇବାରେ ଲାଗିଛି । ସେହିପରି କରୋନା ପୁରୁଣା ଅଞ୍ଚଳକୁ ଫେରିବା ସହ ନୂଆ ନୂଆ ଅଞ୍ଚଳକୁ ମଧ୍ୟ ଏହାର ସଂକ୍ରମଣ ବଢ଼ାଇବାରେ ଲାଗିଛି । ଚିହ୍ନଟ ଅନ୍ୟ ଆକ୍ରାନ୍ତଙ୍କ ମଧ୍ୟରେ ସାମନ୍ତରାପୁର ନିକଟସ୍ଥ ନୂଆଗାଁ ଅଞ୍ଚଳରୁ ଆଉ ୨ଜଣ, ଦୁଇଟି ଘରୋଇ ହସ୍ପିଟାଲରୁ ୪, କେନ୍ଦ୍ରୀୟ ହସ୍ପିଟାଲରୁ ଜଣେ, ପାହାଳ ଥାନା ନିକଟରୁ ଜଣେ, ବରମୁଣ୍ଡା ବସ୍ଷ୍ଟାଣ୍ଡରୁ ଜଣେ ଚିହ୍ନଟ ହୋଇଥିବାବେଳେ ସେମାନେ ସଙ୍ଗରୋଧରେ ଥିଲେ । ସେହିପରି ବଡ଼ଗଡ଼, ଝାରପଡ଼ା, ସୁନ୍ଦରପଦାକୁ ଛାଡ଼ି ଭରତପୁରର ତେଲୁଗୁସାହି ବସ୍ତି, ସମ୍ ହସ୍ପିଟାଲ ନିକଟସ୍ଥ ଘାଟିକିଆ, ୟୁନିଟ୍-୫ର ଏସ୍ସିପିଆର୍ କାର୍ଯ୍ୟାଳୟ ନିକଟ, ସିଟି କଲେଜ ଘାଟିକିଆ ଅଞ୍ଚଳ, ବିମାନ ବନ୍ଦର ନିକଟ ପଳାସପଲ୍ଲୀ ଅଞ୍ଚଳରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସିଟି କଲେଜ ନିକଟରୁ ଚିହ୍ନଟ କରୋନା ଆକ୍ରାନ୍ତ ଜଣେ ବ୍ୟାଙ୍କ୍ କର୍ମଚାରୀ ବୋଲି ଜଣାପଡ଼ିଛି । ସେହିପରି କଳ୍ପନା ଛକ ନିକଟସ୍ଥ ଏକ ସରକାରୀ କାର୍ଯ୍ୟାଳୟରୁ ଦୁଇଜଣ କୋଭିଡ୍ ଯୋଦ୍ଧା କରୋନା ଆକ୍ରାନ୍ତ ହୋଇଥିବାବେଳେ ସେମାନେ ନିକଟରେ ଅନ୍ୟ ଜିଲ୍ଲାରୁ ଫେରିଥିଲେ ବୋଲି ବିଏମ୍ସି ସୂଚନା ଦେଇଛି ।

### ଦିଲ୍ଲୀରେ ...

ବିଶ୍ୱର ଏହି ବଡ଼ କୋଭିଡ୍ ହସ୍ପିଟାଲ୍ରେ ଥିବା ବେଡ୍ଗୁଡ଼ିକ ମଧ୍ୟରୁ ୧୦ପ୍ରତିଶତ ବେଡ୍ ପାଇଁ ଅକ୍ସିଜେନ୍ ସୁବିଧା ରହିବ । ଏହାଛଡ଼ା ମାନସିକ ରୋଗୀଙ୍କ ସୁବିଧା ଅସୁବିଧା ପାଇଁ ମାନସିକ ରୋଗ ବିଶେଷଜ୍ଞ ଏବଂ ମନୋବିଜ୍ଞାନୀ ରହିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ଏହି କୋଭିଡ୍ କେୟାର ସେଣ୍ଟରଟି ଦୀନ ଦୟାଲ ଉପାଧ୍ୟାୟ ହସ୍ପିଟାଲ ଏବଂ ମଦନ ମୋହନ ମାଲବ୍ୟ ହସ୍ପିଟାଲ୍ ସହଯୋଗରେ ପରିଚାଳିତ ହେବ । ତୃତୀୟକ ହସ୍ପିଟାଲ ଭାବେ ଲୋକନାୟକ ଜୟପ୍ରକାଶ ନାରାୟଣ ହସ୍ପିଟାଲ ଏବଂ ରାଜୀବ ଗାନ୍ଧୀ ସୁପର ସ୍ପେସାଲିଟି ହସ୍ପିଟାଲ ସହ ଏହି କୋଭିଡ୍ କେୟାର ସେଣ୍ଟରକୁ ଯୋଡାଯାଇଛି । କୌଣସି ରୋଗୀର ସେଣ୍ଟରରେ ଅଧିକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ ସେମାନଙ୍କୁ ଏହି ଚାରୋଟି ହସ୍ପିଟାଲକୁ ନେଇ ଚିକିତ୍ସା କରାଯାଇହେବ । କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କୋଭିଡ୍ ସେଣ୍ଟର ପରିଦର୍ଶନରେ ଆସିଥିଲେ । ସେଣ୍ଟରର ଉଦ୍ଘାଟନ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ହର୍ଷବର୍ଦ୍ଧନ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବଂ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ୍ ଡେଭେଲପ୍ମେଣ୍ଟ ଅର୍ଗାନାଇଜେସନ(ଡିଆର୍ଡିଓ)ର ଅଧ୍ୟକ୍ଷ ଜି ସତୀଶ ରେଡ୍ଡି ଉପସ୍ଥିତ ଥିଲେ ।

### ଗୁରୁତ୍ୱପୂର୍ଣ୍ଣ ...

କରି ଚୀନ୍କୁ କଡ଼ାବର୍ତ୍ତା ଦେଇ କହିଥିଲେ ‘ବିସ୍ତାରବାଦର ଯୁଗ ଶେଷ ହୋଇଛି, ଏଭଳି ଶକ୍ତି ବିଲୁପ୍ତ ହୋଇଯାଇଛନ୍ତି ବୋଲି ଇତିହାସ ସାକ୍ଷୀ ରହିଛି ।’ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ତାଙ୍କ ସହିତ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ୍ ଏବଂ ଭାରତୀୟ ସ୍ଥଳ ସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରବଣେ ମଧ୍ୟ ଉପସ୍ଥିତ ଥିଲେ ।

### ଚୀନ୍ ବିରୋଧରେ ....

ଆୟୋଜନର ଠିକ୍ ପରଦିନ ଚୀନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାନ୍ତା । ଏମିତି ପ୍ରାୟ ୭୦ ଦିନ ଧରି ଭାରତ-ଚୀନ ସାଂସ୍କୃତିକ ସନ୍ଧ୍ୟା ପାଳନ କରାଯାଇଥାନ୍ତା । ମାତ୍ର ଭାରତ-ଚୀନ ସୀମାରେ ଯାହା ଘଟିଲା, ତାହା ଉଭୟ ଦେଶବାସୀଙ୍କ ମନରେ ନୈରାଶ୍ୟ ଭରିଦେଇଛି । କୂଟନୀତିଜ୍ଞ ମତରେ ଭାରତ-ଚୀନ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ଥିଲେ ମଧ୍ୟ ଆପୋସ ଆଲୋଚନା ମାଧ୍ୟମରେ ତାହାର ସମାଧାନ ସମ୍ଭବ । ପ୍ରକୃତ କଥା ହେଉଛି, ବର୍ତ୍ତମାନ ଚୀନ ସହିତ କୌଣସି ଦେଶ ଯୁଦ୍ଧ କରିବାକୁ ମନ ବଳାଇବେ ନାହିଁ । ଆର୍ଥିକ ଦିଗରୁ ଚୀନ ଆମଠାରୁ ୫ ଗୁଣ ଆଗରେ ଅଛି । ସୈନ୍ୟସଂଖ୍ୟାରେ ଚୀନ ଆମଠାରୁ ଚାରିଗୁଣ ଅଧିକ । ଚୀନ ପ୍ରଥମେ ଯୁଦ୍ଧ ଘୋଷଣା କଲେ ଆମେ ନିଶ୍ଚିତ ଲଢ଼ିବୁ । ଭାରତ-ଚୀନ ବିବାଦର ଇତିହାସ ଜମି ରହିଥିବା ପାଣି ଭଳି ଯାହା ଉପରେ କେବଳ ଆଶାର କିରଣ ପ୍ରତିଫଳିତ ହେଉଛି, ମାତ୍ର ଫଳ ଶୂନ । ବିଗତ ୫୮ ବର୍ଷ ଭିତରେ ଚୀନ ଚାରିଥର ଭାରତ ପ୍ରତି ବିଶ୍ୱାସଘାତକତା କରିଛି । ଏହାର ଏକମାତ୍ର କାରଣ ହେଉଛି ୪୦୫୬ କିମି ଲମ୍ବର ସୀମାନ୍ତ । ଯେ ବିଶ୍ୱର ଏଭଳି ସୀମାନ୍ତ ଯାହାର ମ୍ୟାପିଂ ଅଦ୍ୟାପି ଅସମ୍ପୂର୍ଣ୍ଣ । ଭାରତ ମ୍ୟାକ୍ମୋହନ ଲାଇନକୁ ବାସ୍ତବ ସୀମା ମାନି ଆସୁଥିଲା ବେଳେ ଚୀନ ତାକୁ ଗ୍ରହଣ କରିବାକୁ ନାରାଜ । ମ୍ୟାକ୍ମୋହନ ଲାଇନକୁ ନେଇ ୧୯୬୨ରେ ଭାରତ-ଚୀନ ଯୁଦ୍ଧ ହୋଇଥିଲା । ୧୯୫୪ରେ ଚୀନରେ ପ୍ରକାଶିତ ପୁସ୍ତକ ‘ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ମଡ଼ର୍ଣ୍ଣ ଚାଇନା’ରେ ଛପା ଯାଇଥିବା ନକ୍ସାରେ ଲଦାଖକୁ ଚୀନର ଇଲାକା ଭାବେ ଦର୍ଶାଯାଇଥିଲା । ୧୯୫୮ରେ ଚୀନରେ ପ୍ରକାଶିତ ଦୁଇଟି ପତ୍ରିକା ‘ଚାଇନା ପିକ୍ଟୋରିଆଲ’ ଓ ‘ସୋଭିଏତ୍ ୱିକ୍ଲି’ରେ ମଧ୍ୟ ଚୀନର ନକ୍ସା ଛପାଯାଇଥିଲା । ଉକ୍ତ ନକ୍ସାରେ ଭାରତର ଇଲାକାକୁ ଚୀନର ବୋଲି ଦର୍ଶାଯାଇଥିଲା । ଭାରତ କ୍ରମାଗତ ଭାବେ ଉକ୍ତ ନକ୍ସା ଉପରେ ପ୍ରତିବାଦ କରିଥିଲା । ମାତ୍ର ପ୍ରତିଥର ଚୀନ ସଫେଇ ଦେଇଥିଲା ଯେ ଛପାଯାଇଥିବା ନକ୍ସା ପୁରୁଣା, ତେବେ ନୂଆ ନକ୍ସା ତିଆରି କରିବା ପାଇଁ ସରକାରଙ୍କ ପାଖରେ ସମୟ ନାହିଁ । କିଛି ବିଶେଷଜ୍ଞଙ୍କ ମତରେ ଭାରତ ସରକାର ସତ ଲୁଚାଉଛନ୍ତି । ଲଦାଖର ଗଲୱାନ ଘାଟିରେ ଯାହା ସବୁ ଘଟିଲା ସରକାର ଏବେ ସେହି ଘଟଣାବଳୀର ନିୟମିତ ଧାରା ବିବରଣୀ ପ୍ରକାଶ କରୁଛନ୍ତି । ମାତ୍ର ପ୍ରକୃତ ଘଟଣା ହେଉଛି, ମେ’ ପହିଲାରୁ ଚୀନ ଲଦାଖର ସୀମାବର୍ତ୍ତୀ ଇଲାକାକୁ କବ୍ଜା କରି ନେଇଥିଲା । କିଛି ବିଶେଷଜ୍ଞ ଭାରତକୁ ବିଜୟୀ ଦର୍ଶାଇଥିଲା ବେଳେ କିଛି ଚୀନସେନା ମରିଥିବା ବିଶ୍ୱାସ କରୁନାହାନ୍ତି । ଅଧିକାଂଶ କହୁଛନ୍ତି ଯେ ଭାରତର ଗଲୱାନ ଘାଟିରୁ ଏକ ବିରାଟ ଅଞ୍ଚଳ ଏବେ ଚୀନ ଦଖଲକୁ ଚାଲିଯାଇଛି । ଗଲୱାନ ଘାଟିରେ ଭାରତ-ଚୀନସେନା ସଂଘର୍ଷର ମୂଳ କାରଣ ହେଉଛି ଏଲ୍ଏସି ନିକଟରେ ପଡ଼ୋଶୀ ଦେଶର ସେନା ନିରୀକ୍ଷଣ ଶିବିର । ଭାରତର ୧୬ ବିହାର ଇନ୍ଫ୍ୟାଣ୍ଟ୍ରି ରେଜିମେଣ୍ଟର କମାଣ୍ଡିଂ ଅଫିସର କର୍ଣ୍ଣେଲ ସନ୍ତୋଷ ବାବୁ ଉକ୍ତ ନିରୀକ୍ଷଣ ଶିବିର ସମ୍ପର୍କରେ ଚୀନ କମାଣ୍ଡିଂ ଅଫିସରଙ୍କ ଦୃଷ୍ଟିଗୋଚରକୁ ଆଣିଥିଲେ । ଚୀନ କମାଣ୍ଡିଂ ଅଫିସର ଘଟଣାକୁ ଅନୁଧ୍ୟାନ କରି ଶିବିର ହଟାଇ ଦେଇଥିଲେ । ମାତ୍ର ଜୁନ ୧୪ ସକାଳେ ଅଚାନକ ଚୀନସେନାର ଶିବିର ସେଠାରେ ଦେଖିବାକୁ ମିଳିଥିଲା । ୧୫ ସନ୍ଧ୍ୟା ୫ଟାରେ ୪୦ ଜଣ ଯବାନଙ୍କୁ ଧରି କର୍ଣ୍ଣେଲ ସନ୍ତୋଷ ବାବୁ ସେହି କ୍ୟାମ୍ପ ନିକଟରେ ପହଞ୍ଚିଥିଲେ । ତା’ ପରବର୍ତ୍ତୀ ଘଟଣା ଦେଶବାସୀଙ୍କୁ ଅଛପା ନାହିଁ । ଚୀନର ବିସ୍ତାରବାଦ ନୀତି କେବଳ ଭାରତ ବିରୋଧରେ ନାହିଁ । ୧୯୪୯ରେ ଚୀନରେ କମ୍ୟୁନିଷ୍ଟ ପାର୍ଟି କ୍ଷମତାସୀନ ହେବାପରେ ତିବ୍ବତ, ପୂର୍ବ ତୁର୍କିସ୍ତାନ ଓ ମଙ୍ଗୋଲିଆର କିଛି ଅଞ୍ଚଳ ମାଡ଼ିବସିଲା । ୧୯୯୭ରେ ହଂକଂ ଓ ୧୯୯୯ରେ ମାକାଓକୁ ଦଖଲ କଲା । କେବଳ ସ୍ଥଳଭାଗ ନୁହେଁ, ଜଳଭାଗକୁ ମଧ୍ୟ ଚୀନ ମାଡ଼ିବସିଛି । ୩୫ ଲକ୍ଷ ବର୍ଗକିମିର ଦକ୍ଷିଣ ଚୀନ ସାଗର ଉପରେ ସାର୍ବଭୌମତ୍ୱ ଦାବି କରିଆସୁଛି । ଦକ୍ଷିଣ ଚୀନ ସାଗରରେ ଚୀନ କୃତ୍ରିମ ଦ୍ୱୀପ ନିର୍ମାଣ କରିଛି । ଔଷଧଠାରୁ ଆରମ୍ଭ କରି କଞ୍ଚାମାଲ ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଭାରତ ଚୀନ ଉପରେ ନିର୍ଭର କରୁଥିଲା । ୨୦୧୯ରୁ ୨୦୨୦ ଫେବୃଆରୀ ମଧ୍ୟରେ ଭାରତ-ଚୀନ ମଧ୍ୟରେ ୫ ଲକ୍ଷ ୫୦ ହଜାର କୋଟି ଟଙ୍କାର ବେପାର ହୋଇଥିଲା । ଭାରତ ଚୀନ ବଜାରରେ ମାତ୍ର ୧.୦୯ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ବିକିଥିଲା ବେଳେ ଚୀନ ଭାରତୀୟ ବଜାରରେ ୪.୪୦ ଲକ୍ଷ କୋଟି ଟଙ୍କାର ଜିନିଷ ବିକିଛି । କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ରିପୋର୍ଟ ଅନୁସାରେ ଆମେରିକା ପରେ ଚୀନ ସହିତ ଭାରତର ବାଣିଜ୍ୟ ସମ୍ପର୍କ ଅତି ନିବିଡ଼ । ମେ’ ୫ରେ ଏଲ୍ଏସି ନିକଟରେ ଭାରତ-ଚୀନସେନା ମୁହାଁମୁହିଁ ଘଟଣାର ୪୪ ଦିନ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚୀନ ବିରୋଧରେ ପଦୁଟେ କହିନାହାନ୍ତି । ଏପରିକି ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଉକ୍ତ ବିବାଦ ସମ୍ପର୍କରେ ୭୫ରୁ ଅଧିକ ଥର ଟ୍ୱିଟ୍ କରିଥିଲେ ମଧ୍ୟ ସେଥିରେ ଚୀନ ନାମ ଉଲ୍ଲେଖ କରିନଥିଲେ । ବିବାଦର ୪୫ ଦିନ ପରେ ପ୍ରଧାନମନ୍ତ୍ରୀ ମୋଦୀ ସଂକ୍ଷିପ୍ତରେ କହିଥିଲେ, ‘ଦେଶ ଗର୍ବିତ ଯେ ଆମ ଯବାନ ମାରିମାରି ସହିଦ ହୋଇଗଲେ । ଭାରତ ଯେକୌଣସି ପରିସ୍ଥିତିର ପାଲଟା ଜବାବ ଦେବାକୁ ସକ୍ଷମ ।’ ଜୁଲାଇ ୩ରେ ପ୍ରଧାନମନ୍ତ୍ରୀ ମୋଦୀ ହଠାତ୍ ଲେହରେ ପହଞ୍ଚି ଲଦାଖସ୍ଥିତ ଯବାନଙ୍କ ମନରେ ନୂତନ ଉଦ୍ଦୀପନା ଭରି ଦେଇଛନ୍ତି । ଦରକାର ପଡ଼ିଲେ ଶତ୍ରୁପକ୍ଷ ଉପରକୁ ଗୁଳି ଚଳାଇବାର ସ୍ୱାଧୀନତା ସେନା କମାଣ୍ଡରଙ୍କୁ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ଲଦାଖ ଗସ୍ତ କରି ମୋଦୀ ସାରା ଦୁନିଆକୁ ଜଣାଇଦେଲେ ଯେ ସେନାବାହିନୀ ସହିତ ଉଭୟ ସରକାର ଓ ଦେଶବାସୀ ଅଛନ୍ତି । ଏବେ କଥା ଉଠୁଛି, ମୋଦୀ ତାଙ୍କର ଏହି ଆଭିମୁଖ୍ୟକୁ କେତେଦିନ ଧରି ରଖିବାକୁ ସକ୍ଷମ ହେବେ ।

### ୩୦ ଯାଏ...

ସହସ୍ରଲିଙ୍ଗ ମନ୍ଦିର ଆଦିକୁ ସୋମବାରଠାରୁ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଥାନ୍ତା । ହେଲେ ସଂକ୍ରମଣ ବ୍ୟାପିବା ଆଶଙ୍କାରୁ ଏସବୁକୁ ନ ଖୋଲିବାକୁ ନିଷ୍ପତ୍ତି ନେଇଛି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ । ପ୍ରକାଶ ଥାଉ କି, କୋଭିଡ୍ ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି ଐତିହ୍ୟସ୍ଥଳୀ ଖୋଲିବା ନିଷ୍ପତ୍ତି ଜିଲା ପ୍ରଶାସନ ଉପରେ ଛଡ଼ାଯାଇଥିଲା । କଣ୍ଟେନ୍ମେଣ୍ଟ ଜୋନ୍ରେ ଥିବା ଐତିହ୍ୟସ୍ଥଳୀକୁ ନଖୋଲିବାକୁ ନିର୍ଦ୍ଦେଶ ରହିଥିଲା । ଏହିକ୍ରମରେ ପୁରୀ ସହରରେ ଥିବା ଅଠରନଳା ବ୍ରିଜ୍ ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ସର୍ବସାଧାରଣ ତଥା ପର୍ଯ୍ୟଟକଙ୍କ ଲାଗି ଖୋଲାଯିବ ନାହିଁ ବୋଲି ପୂର୍ବରୁ ନିଷ୍ପତ୍ତି ହୋଇଥିଲା । ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଞ୍ଚଳକୁ ନିଷେଧ ଘୋଷଣା କରାଯାଇଥିବାରୁ ଏହି ଦୁଇ ଏଏସ୍ଆଇ ସଂରକ୍ଷିତ ଐତିହ୍ୟସ୍ଥଳୀ ଖୋଲାଯିବ ନାହିଁ ବୋଲି ଏଏସ୍ଆଇ ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ସୂଚନା ଦେଇଥିଲେ । ହେଲେ ପରିସ୍ଥିତିକୁ ନଜରରେ ରଖି ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଜିଲ୍ଲାର ସମସ୍ତ କୀର୍ତ୍ତିରାଜିକୁ ବନ୍ଦ ରଖିବାକୁ ରବିବାର ନିଷ୍ପତ୍ତି ନିଆଯାଇଛି । କରୋନା ମହାମାରୀ ପାଇଁ ଏହି ଦର୍ଶନୀୟ ସ୍ଥାନଗୁଡ଼ିକ ଗତ ୪ ମାସ ଧରି ବନ୍ଦ ରହିଛି ।

### ଆରମ୍ଭ ହେବ...

ନିକଟରେ ଉପଲବ୍ଧ ରହିବ । ପିପିଇ, ଏନ୍-୯୫ ମାସ୍କ, ସାନିଟାଇଜର ଆଦି ନିକଟସ୍ଥ ସିଟି ହସ୍ପିଟାଲ ଓ ଶିଶୁ ଭବନକୁ ଯୋଗାଇ ଦେବା ପାଇଁ ଏସ୍ସିବି ଅଧୀକ୍ଷକଙ୍କୁ ଶ୍ରୀ ମହାପାତ୍ର କହିଥିଲେ । ଏଥି ସହିତ ଆଞ୍ଚଳିକ କର୍କଟରୋଗ ଚିକିତ୍ସାକେନ୍ଦ୍ରରେ ଅତିରିକ୍ତ ଭାବେ ଏକ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦେବା ପାଇଁ ସେ କେନ୍ଦ୍ର ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମ୍ପୃକ୍ତ ନୋଡ଼ାଲ ଅଫିସର ସିଏମ୍ସି ସହିତ ସମନ୍ୱୟ ରକ୍ଷାକରି ପଦକ୍ଷେପ ସ୍ୱରୂପ ଆବଶ୍ୟକ ସମସ୍ତ କାର୍ଯ୍ୟ ତୁଲାଇବେ । କରୋନା ସଂକ୍ରମଣ ଦୃଷ୍ଟିରୁ କଟକ ବଡ଼ମେଡିକାଲ ଓ କର୍କଟରୋଗ ଚିକିତ୍ସା କେନ୍ଦ୍ରକୁ ତୁରନ୍ତ ବିଶୋଧନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ପଟ୍ଟନାୟକ, ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ, ସ୍ୱତନ୍ତ୍ର ସଚିବ ତଥା ଡିଏମ୍ଇଟି ପ୍ରଫେସର ଡାକ୍ତର ସିବିକେ ମହାନ୍ତି, ସ୍ୱାସ୍ଥ୍ୟ ବୈଷୟିକ ବିଭାଗ ମୁଖପାତ୍ର ଡାକ୍ତର ଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କରୋନା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନୀଲ କୁମାର ସାମଲ, ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍ସି କମିଶନର ଅନନ୍ୟା ଦାସ, ଡିସିପି ଅଖିଳେଶ୍ୱର ସିଂହ, ଏସ୍ସିବି ଅଧୀକ୍ଷକ ଡାକ୍ତର ଅନ୍ନଦା ପଟ୍ଟନାୟକ, ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଦଣ୍ଡେଶ୍ୱର ହୋତା, ପ୍ରଫେସର ଡାକ୍ତର ନିରୁପମା ଚୟନୀ, କର୍କଟ ରୋଗ ଚିକିତ୍ସା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଲଲାଟେନ୍ଦୁ ଷଡ଼ଙ୍ଗୀ, ଶିଶୁ ଭବନ ଅଧୀକ୍ଷକ ଡାକ୍ତର ସରୋଜ ଶତପଥୀ, ସିଡିଏମ୍ଓ ଡାକ୍ତର ସତ୍ୟବ୍ରତ ଛୋଟରାୟଙ୍କ ସମେତ ଡାକ୍ତର ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନିଜସ୍ୱ ପ୍ରଚେଷ୍ଟାରେ ରାସ୍ତା ତିଆରି କଲେ ଗ୍ରାମବାସୀ

**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲା ସଦରମହକୁମା ଠାରୁ ମାତ୍ର ୧୫ କିଲୋମିଟର ଦୂର କଳାମଜୁର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଏହି ଗାଁ ପଳସାପଦର । ଏଠାରେ ବସବାସ କରନ୍ତି ୨୭ ପରିବାରର ପାଖାପାଖି ୧୬୦ ସଦସ୍ୟ । ବହୁବର୍ଷ ପୂର୍ବେ ଏମାନଙ୍କ ପୂର୍ବପୁରୁଷ ରାଜାଙ୍କ ଅତ୍ୟାଚାର ତଥା ହଇଜାରେ ଅନେକ ଗ୍ରାମବାସୀଙ୍କ ମୃତ୍ୟୁ ଘଟିବାରୁ ଏହି ସ୍ଥାନ ଛାଡି ଅନ୍ୟତ୍ର ଚାଲିଯାଇଥିଲେ । ପୁନର୍ବାର ୧୯୯୬ ମସିହାରେ ଏଠାକୁ ଯିବା ଆସିବା କରି ଗ୍ରାମବାସୀ ଚାଷବାସ କରୁଥିଲେ । କିନ୍ତୁ ୨୦୦୦ ମସିହାରୁ ଏଠାକୁ ଆସି ସ୍ଥାୟୀ ଭାବେ ବସତି ଆରମ୍ଭ କରିଥିଲେ । ୨୦୦୬ ମସିହାରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଜଙ୍ଗଲ ଜମି ଅଧିନିୟମ ପ୍ରଣୟନ ପରେ ଏମାନେ ଜିଲ୍ଲା ପ୍ରଶାସନ ପାଖରେ ଗୁହାରି କରି ୧୬୨ ଏକର ଜଙ୍ଗଲ ଜମି ସହିତ ୫୨ ଏକର ଗୋଷ୍ଠୀ ସମ୍ପତ୍ତି ପାଇଥିଲେ । କିନ୍ତୁ ଦୀର୍ଘ ୧୮ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନ ଏମାନଙ୍କ ନିମନ୍ତେ ରାସ୍ତାଘାଟ, ନଳକୂଅ, ସ୍କୁଲ ଓ ବିଜୁଳି ଆଦି ମୌଳିକ ସୁବିଧା ସୁଯୋଗ ବ୍ୟବସ୍ଥା ନ କରିବା ଫଳରେ ଗ୍ରାମବାସୀ ବର୍ତ୍ତମାନ ନିଜସ୍ୱ ଚେଷ୍ଟାରେ ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ । ଏହି ସୂଚନା ପାଇ ପ୍ରଶାସନିକ ଅଧିକାରୀ ନିଦ୍ରାରୁ ଉଠି ଗାଁର ଉନ୍ନତିକରଣ ପାଇଁ ୫ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହି ଗାଁକୁ ଯିବା ରାସ୍ତାରେ ଅବରୋଧ ସାଜିଛି ଦୁଇଟି ନାଳ । ବର୍ଷା ଦିନରେ ନାଳରେ ପାଣି ଭର୍ତ୍ତି ହୋଇଗଲେ ଏହି ଗାଁକୁ ଚଳପ୍ରଚଳ ଅସମ୍ଭବ । ବର୍ଷା ଋତୁରେ କୌଣସି ଜରୁରୀକାଳୀନ ପରିସ୍ଥିତିରେ ଡାକ୍ତରଖାନା ଆସିବାକୁ ହେଲେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ୧୫ କିଲୋମିଟର ପରିବର୍ତ୍ତେ ୩୦ କିଲୋମିଟର ଦୂର ବୁଲି ଆସିବାକୁ ପଡେ । ଗ୍ରାମବାସୀଙ୍କ ଚେଷ୍ଟା ଓ ଇଚ୍ଛାଶକ୍ତିକୁ ସମ୍ମାନ ପ୍ରଦାନ କରିବା ପାଇଁ ଆଗେଇ ଆସିଛନ୍ତି କଳାହାଣ୍ଡି ଏକତା ପରିଷଦର ସଂଯୋଜକ ସରୋଜ ବାଗ, ଗିରିଧାରୀ ପାତ୍ର, ରାଜେଶ ଦୀପ ଏବଂ ତାଙ୍କ ସାଥୀ । ଗ୍ରାମବାସୀଙ୍କ ଏହି ଅନୁଦାନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ପରିବାରକୁ ଶ୍ରମଦାନ ବଦଳରେ ଗୋଟିଏ ମାସର ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି । ଏହାଛଡା ପ୍ରୟୋଗ ଓ ଟିଲଡା ସଂଗଠନ ମଧ୍ୟ ଗ୍ରାମବାସୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଗାଁର ସେ ମୁଖିଆ କୁଞ୍ଜିୟା ମାଝୀ ସେ ଗାଁର ଦୁଃଖଭରା କାହାଣୀକୁ ଗୀତ ମାଧ୍ୟମରେ ସେ କହୁଛନ୍ତି । ତେବେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଏହି ଦୁଇଟି ନାଳ ନିମନ୍ତେ କିଛି ହ୍ୟୁମ ପାଇପ ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି । ଯାହାଦ୍ୱାରା ନାଳ ଉପରେ ରାସ୍ତା ହୋଇପାରିବ । ଏହାବ୍ୟତୀତ ଗ୍ରାମକୁ ବିଜୁଳି ସଂଯୋଗ ବ୍ୟବସ୍ଥା କରିବା ନିମନ୍ତେ ମଧ୍ୟ ଗୁହାରି କରିଛନ୍ତି ।

# ୭୬ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ



**ବାରିପଦା :** ରିଖ ବୁଧବାର ମୟୂରଭଞ୍ଜ ଜିଲ୍ଲାରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ପାଇଁ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସୁପାରିଶ କ୍ରମେ ଜିଲ୍ଲା ମେଡିକାଲ ବୋର୍ଡ ଆୟୋଜିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ବିନ୍ଧାଣୀଙ୍କ ତତ୍ତ୍ୱାବଧାନରେ ଏବଂ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରର ଅଧ୍ୟକ୍ଷ ଅବନୀ କୁମାର ପତିଙ୍କ ସହଯୋଗ କ୍ରମେ ଏହି ଭିନ୍ନକ୍ଷମ ପ୍ରମାଣ ପତ୍ର ଶିବିରରେ ଶ୍ରବଣ ବାଧିତ, ଭେଷଜ, ଅସ୍ଥିଶଲ୍ୟ, ମାନସିକ ବିଭାଗର ମୋଟ୍ ୭୬ ଜଣଙ୍କର ଅନ୍ଲାଇନ୍ ପଞ୍ଜିକରଣ ଓ ନିଦାନ କରାଯାଇ ୟୁ.ଡି.ଆଇ.ଡି. ନମ୍ବର ସହିତ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି ଏହି ମେଡିକାଲ ବୋର୍ଡରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର, ଚକ୍ଷୁ, ନାଶା, କର୍ଣ୍ଣ ଓ ଗଳା ବିଭାଗର ବରିଷ୍ଠ ବିଶେଷଜ୍ଞ ଡ. ବିଶ୍ୱନାଥ ଦାସ, ଭେଷଜ ବିଭାଗୀୟ ବରିଷ୍ଠ ବିଶେଷଜ୍ଞ ଡ. ତପନ କୁମାର ଆଚାର୍ଯ୍ୟ, ମାନସିକ ବିଭାଗର ଡ. ପ୍ରଦୀପ କୁମାର ନାୟକ, ଚକ୍ଷୁ ବିଭାଗର ଡ. ମିତା ମିଶ୍ର, ଅସ୍ଥିଶଲ୍ୟ ବିଭାଗର ଡ. ମହୋନ ଚରଣ ମୁର୍ମୁ, ନିରିକ୍ଷଣ କରିଥିଲେ । ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର ବରିଷ୍ଠ ଓଡିଓଲୋଜିଷ୍ଟ୍ ମାନସ୍ କୁମାର ନାୟକ, ଫଜିଓଥରାପିଷ୍ଟ ରାମେଶ୍ୱର ପୁଥାଳ, ସାଇକଲୋଜିଷ୍ଟ ଚନ୍ଦ୍ର ଶେଖର ନାୟକ, ମବିଲିଟି ଇନ୍ସପେକ୍ଟର୍ ପ୍ରବୀଣା ଦାସ, ବିପିନ୍ ବିହାରୀ ବେହେରା, ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରର ଅଧ୍ୟକ୍ଷ ଅବନୀ ପତି, ମନୋଜ ବେହେରା, ସଂଜସ୍ ଭୁୟାଁ, ବୁଦ୍ଧେଶ୍ୱର ସିଂ, ସଞ୍ଜୟ କିସ୍କୁ, ସରବର ଆଲାମ ଆଦି ସହଯୋଗ କରିଥିଲେ । ପ୍ରମୁଖ ପଞ୍ଜିକରଣରେ ସ୍ୱେତ ବାହୀନି ମିଶ୍ର, ରୋଜାଲିନ୍ ସାହୁ, କାର୍ତିକେଶ୍ୱର ଦତ୍ତ, ମାନସ୍ କୁମାର ଦଣ୍ଡପାଟ, ସାଗର କୁମାର ଦ୍ୱିବେଦୀ, ଉତମ୍ କୁମାର ପାଲ୍ ପ୍ରମୁଖ କାର୍ଯ୍ୟରେ ସହଯୋଗ କରିଥିଲେ ।

# କରୋନା ଛାଟରେ ଅବହେଳିତ ଯୋଗୀ ସମ୍ପ୍ରଦାୟ



**ଭଦ୍ରକ,(ବିକାଶ କୁମାର ଧଳ) :** ଯୁଗର ସୃଷ୍ଟିରୁ ସମ୍ପ୍ରଦାୟର ସୃଷ୍ଟି । ସମ୍ପ୍ରଦାୟର ସୃଷ୍ଟି ରୁ ବୃତ୍ତିର ସୃଷ୍ଟି । ସେହି ବୃତ୍ତି କୁ ପାଥେୟ କରି ପ୍ରତ୍ୟେକ ସମ୍ପ୍ରଦାୟ ତାଙ୍କର ଜୀବିକା ନିର୍ବାହ କରିଥାନ୍ତି । ତେବେ କୋଭିଡ୍-୧୯ କିନ୍ତୁ ବହୁ ସମ୍ପ୍ରଦାୟର ଜୀବନ ଓ ଜୀବିକା ଉପରେ ଛାଟ ମାରିଛି । ସରକାର କୋଭିଡ୍-୧୯ ଭୂତାଣୁ ସଂକ୍ରମଣରୁ ଦେଶକୁ ରକ୍ଷା କରିବାକୁ ଯାଇ ବିଭିନ୍ନ ନିୟମ ପ୍ରଣୟନ କରିଥିବା ବେଳେ ଜୀବନ ଓ ଜୀବିକାକୁ ଗୁରୁତ୍ୱର ସହ ନେଇ ପର୍ଯ୍ୟାୟକ୍ରମେ ପ୍ରଣିତ ନିୟମରେ କୋହଳଭାବ ପୋଷଣ କରୁଥିଲେ ସୁଦ୍ଧା ବିଭିନ୍ନ ସମ୍ପ୍ରଦାୟର କୌଳିକ ବୃତ୍ତିରେ ଆଜି ସୁଦ୍ଧା କିଛି ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରି ନାହାନ୍ତି । ଏହି ଭଳି ଏକ ସମ୍ପ୍ରଦାୟ ଯୋଗୀ ସମ୍ପ୍ରଦାୟ ଯେଉଁ ସମ୍ପ୍ରଦାୟ କରୋନା ଛାଟରେ ନିଜ କୌଳିକ ବୃତ୍ତିକୁ ଭୁଲିବାକୁ ବସିଲେଣି । କରୋନା ଭିତରେ ଆଉ ଶୁଭୁନି ଗାଁ ଦାଣ୍ଡରେ ଟୀକା ଗୋବିନ୍ଦ ଚନ୍ଦ୍ରର ଗୀତ "ଭଜୁ କୀନା ରାମ ନାମରେ କୁମର,ଭଜୁ କୀନା ରାମ...ଭଜି ନ ପାରିଲେ କୂଳ ଚନ୍ଦ୍ରମାରେ ବାନ୍ଧି ନେବ କାଳ ଯମରେ କୁମର, ବାନ୍ଧି ନେବ କାଳ ଯମ" ଏକତାରା ଓ କେନ୍ଦେରା ଦ୍ୱାରା ଯୋଗୀ ମାଧ୍ୟମରେ ! । ନାଥ ସଂପ୍ରଦାୟର କୌଳିକ ବୃତ୍ତି ଯୋଗୀ ବୃତ୍ତି । ଏହି ବୃତ୍ତି କୁ ପାଥେୟ କରି ସେ ତା ଜିବୀକା ନିର୍ବାହ କରୁଥିଲା । ଦିନ ଥିଲା ଟୀକା ଗୋବିନ୍ଦ ଚନ୍ଦ୍ରର "ଭଜୁ କୀନା ରାମ ନାମରେ କୁମର,ଭଜୁ କୀନା ରାମ...ଭଜି ନ ପାରିଲେ କୂଳ ଚନ୍ଦ୍ରମାରେ ବାନ୍ଧି ନେବ କାଳ ଯମରେ କୁମର, ବାନ୍ଧି ନେବ କାଳ ଯମ" ଗୀତ କୁ ଗାଇ ଗାଇ ଗାଁ ଦାଣ୍ଡରେ ଚାଲି ଯାଉଥିବା ଯୋଗୀର କରୁଣ ସଂଗୀତର ଡ଼ାକକୁ ଶୁଣି ସବୁ କାମ ଛାଡ଼ି ଥାଳରେ ଭିକ୍ଷା ଧରି ବଢାଇ ଦିଅନ୍ତି ଯୋଗୀର ତୁମ୍ବି ରେ ଦାନ ତ ଆଉ କେହି କେହି ଦିଅନ୍ତି ପଇସା । କିନ୍ତୁ ଗତ ୪ମାସ ହେବ କରୋନା ଯେଉଁ ପ୍ରକାର କାୟା ବିସ୍ତାର କରି ଚାଲିଛି ଓ ଏହାର ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସରକାରଙ୍କ ତରଫରୁ ଯେଉଁ ସବୁ କଟକଣା ଜାରି କରାଯାଇଛି ତାହା ମଧ୍ୟରେ ଯୋଗୀ ସମ୍ପ୍ରଦାୟ ନିଜ କୌଳିକ ବୃତ୍ତି ଅବଲମ୍ବନ କରିବା କଷ୍ଟ ସାଧ ହୋଇପଡ଼ିଛି । ସେମାନେ ତାଙ୍କ ବୃତ୍ତି ପାଇଁ କେଉଁ ଆଡ଼େ ଯାଇପାରୁ ନାହାନ୍ତି । ଅନ୍ୟ ରାଜ୍ୟ ପରି ଏକତାରା ଓ କେନ୍ଦେରା ଏହି ଦୁଇ ବାଦ୍ୟ ଯନ୍ତ୍ରର ମହତ୍ୱ କୁ ଆମ ରାଜ୍ୟର ସରକାର ବା ବେସରକାରୀ ସଂସ୍ଥା କୌଣସି ମୂଲ୍ୟ ନ ଦେବା ହେତୁ ଏହା କ୍ରମଶଃ ବିଲୁପ୍ତ ହେବାକୁ ବସିଲାଣି ଓ ଏହା ମଧ୍ୟରେ ଭିନ୍ନ ଏକ ସଂପ୍ରଦାୟ ଯୋଗୀ ନିଜ କୌଳିକ ବୃତ୍ତିକୁ ଭୁଲିବା ସହ ବଂଚିବା ପାଇଁ ସଂଘର୍ଷ କରୁଥିବାର ଜଣାପଡ଼ିଛି । ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅନ୍ତର୍ଗତ ବଡ଼ମହିଁଷଗୋଠ ପଞ୍ଚାୟତର କିଛି ନାଥ ସମ୍ପ୍ରଦାୟର ପରିବାରକୁ ଯୋଗାଯୋଗ କରିବାରୁ ଜଣାଯାଏ ଯେ :ଏହି ପଞ୍ଚାୟତରେ ପାଖାପାଖି ୬୦ ପରିବାର ଏହି ସଂପ୍ରଦାୟର ତନ୍ମଧ୍ୟରୁ ୪୦ ପରିବାର ଆଜିବି ନିଜ କୌଳିକ ବୃତ୍ତିକୁ ପାଥେୟ କରି ଜିବୀକା ନିର୍ବାହ କରୁଛନ୍ତି । ଗୟାଧର ନାଥ (୬୫)ଙ୍କ କହିବା ଅନୁଯାୟୀ ତାଙ୍କ ପରିବାରର ଅନ୍ୟ ସଦସ୍ୟ ମାନେ ନିଜ କୌଳିକ ବୃତ୍ତିରୁ ନିବୃତ୍ତ ରହି ଅନ୍ୟପନ୍ଥା ଅବଲମ୍ବନ କରି ପରିବାର ପ୍ରତି ପୋଷଣ କରୁଥିବା ବେଳେ ଗୟାଧର କିନ୍ତୁ ଆଜିବି ସେହି ବୃତ୍ତି ମାଧ୍ୟମରେ ନିଜ ଚାହିଦା ପରିପୁରଣ କରୁଛନ୍ତି । ସେହିପରି ନାରାୟଣ ନାଥ (୬୩)ଙ୍କ କହିବା ଅନୁଯାୟୀ ସେ ୯ବର୍ଷ ଠାରୁ ଆଜି ପର୍ଯ୍ୟନ୍ତ ବର୍ଷକ ବାର ମାସ ଭିକ୍ଷା ବୃତ୍ତି କରି ନିଜ ପରିବାର ପ୍ରତିପୋଷଣ କରି ଆସୁଛନ୍ତି ଏଥି ପାଇଁ ସେ ନିଜ ଗ୍ରାମଛାଡ଼ି ବହୁ ସମୟରେ ସୁଦୁର ସୁକିନ୍ଦା,






ଅନୁଗୁଳ, ତାଳଚେର, ଜଟଣୀ,ଖୋର୍ଦ୍ଧା,ନୟାଗଡ଼ ଓ ଢ଼େଙ୍କାନାଳ ଆଦି ସହର ର ବିଭିନ୍ନ ଗ୍ରାମକୁ ଯାଇ ଭିକ୍ଷା ବୃତ୍ତି କରି ସେଥିରୁ ଯାହା ରୋଜଗାର କରନ୍ତି ସେଥି ରେ ତାଙ୍କ ସ୍ତ୍ରୀ,ଦୁଇ ପୁଅ ଓ ଏକମାତ୍ର ଝିଅ କୁ ନେଇ ପରିବାର ପ୍ରତିପୋଷଣ କରିଥାନ୍ତି । କିନ୍ତୁ କରୋନା ଯୋଗୁଁ ବର୍ତ୍ତମାନ ଚାରିଆଡ଼େ ଗମନାଗମନ ଠପ୍ ହୋଇଯାଇଥିବାରୁ ସେ କୌଣସି ସ୍ଥାନକୁ ଯାଇ ନପାରି ଘରେ ବସି ରହିଛନ୍ତି । ଟୀକା ଗୋବିନ୍ଦଚନ୍ଦ୍ର ଠାରୁ ଆରମ୍ଭ କରି ରାମଲିଳା,କୌଶଲ୍ୟା ଶୋକ,ମଥୁରା ଗମନ ଏବଂ କୃଷ୍ଣ ଜନ୍ମ ଆଦି ଗୀତ ତାଙ୍କର ମୁଖସ୍ତ । ବେଳେ ବେଳେ କାହାଘରେ ଯୋଗୀ ଯାଞ୍ଚଣା ଥିଲେ ପିଲାଙ୍କୁ ଯୋଗୀ ବେଶ କରାଇ ବେସ୍ କିଛି ଅଧିକ ରୋଜଗାର କରିଥାନ୍ତି ସେ । କିନ୍ତୁ ଏହି ସବୁ ମଧ୍ୟ କରୋନା ପାଇଁ ବନ୍ଦ ହୋଇଯାଇଥିବାରୁ ବହୁ କଷ୍ଟରେ କାଳାତିପାତ କରୁଛନ୍ତି । ସେ ସରକାରୀ ପ୍ରୋତ୍ସାହନ କୁ ଅନେଇ ବସିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ କୌଣସି ସୁଫଳ ମିଳିପାରି ନାହିଁ । ସେହି ପରି କାଳିଆ ନାଥଙ୍କ କହିବା ଅନୁଯାୟୀ ସେ ନିଜ କୌଳିକ ବୃତ୍ତିରୁ ନିଜକୁ ନିବୃତ୍ତ ରଖି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ବ୍ୟବସାୟ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ । କିନ୍ତୁ କରୋନା ଯୋଗୁଁ ପୂର୍ବ ପରି ରୋଜଗାର ହୋଇପାରୁନଥିବାରୁ ସେ ମଧ୍ୟ ପରିବାର ପ୍ରତିପୋଷଣରେ କଷ୍ଟ ଅନୁଭବ କରୁଛନ୍ତି । କରୋନା ବହୁ ସମ୍ପ୍ରଦାୟର ଜୀବନ ଜୀବିକାରେ ଲାତ ମାରିଥିବା ବେଳେ ଏହିପରି ଏକ ନିଆରା ସମ୍ପ୍ରଦାୟକୁ ବିଲୁପ୍ତ ହେବାରୁ ବଞ୍ଚାଇ ରଖିବା ପାଇଁ ସରକାରୀ ବା ବେସରକାରୀ ସ୍ତରରେ ଚେଷ୍ଟିତ ହେବା ନିତ୍ୟାନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ନଈକୂଳର ମରୁଭୂମି



**ପ୍ର**କୃତି ରହସ୍ୟମୟ। କେଉଁଠି ସମୁଦ୍ର ପତନଠାରୁ ହଜାର ହଜାର ଫୁଟ୍ ଉପରେ ଥିବା ପାହାଡ଼ରୁ ଝରଣାର ସୃଷ୍ଟି ହେଉଛି ତ ପୁଣି କେଉଁଠି ସମତଳ ସ୍ଥାନରେ ବି ଜଳଟୋପାଏ ପାଇଁ ଲୋକେ ନାନାପ୍ରକାର ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ସାଧାରଣତଃ ଜଳ ନଥିବା ସ୍ଥାନରେ ହିଁ ମରୁଭୂମି ଦେଖାଯାଏ। ମାତ୍ର ପ୍ରକୃତିର ଆଉ ଏକ ରହସ୍ୟମୟ ରୂପ ରହିଛି ଦକ୍ଷିଣ ଭାରତୀୟ ରାଜ୍ୟ କର୍ଣ୍ଣାଟକରେ। ଏହି ରାଜ୍ୟରେ ଏକ ନଦୀକୂଳରେ ମରୁଭୂମି ରହିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥାଏ। ଆଉ ଏହି ସ୍ଥାନରେ ମରୁଭୂମି ହେବା ପଛରେ ରହିଛି ଜଣେ ରାଣୀଙ୍କ ଅଭିଶାପ। ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେ ଅଭିଶାପରେ କ'ଣ ମରୁଭୂମି ହୋଇପାରେ ? ଏପରି କାହାଣୀ ଓ କିମ୍ବଦନ୍ତୀକୁ ନେଇ ଦକ୍ଷିଣ ଭାରତର ଏହି ସ୍ଥାନର ନାମ ହେଉଛି ତଲକାଡୁ ବା କେହି



କେହି ଏହାକୁ କହିଥାନ୍ତି ତଲକଡ଼। କର୍ଣ୍ଣାଟକ ରାଜ୍ୟର ବେଙ୍ଗାଲୁରୁ ସହରଠାରୁ ପ୍ରାୟ ୧୩୩ କିଲୋମିଟର ଗଲାପରେ କାବେରୀ ନଦୀ କୂଳରେ ରହିଛି ଏହି ସ୍ଥାନ। କର୍ଣ୍ଣାଟକର ଅନ୍ୟତମ ସାଂସ୍କୃତିକ ସହର ମହୀଶୂରଠାରୁ ୪୫ କିଲୋମିଟର ଦୂର ଯିବା ପରେ କାବେରୀ ନଦୀର ବାମପାର୍ଶ୍ୱରେ ପଡ଼ିଥାଏ ଏହି ସ୍ଥାନ। ଏଠାକୁ ଗଲେ ଆପଣ ଦେଖିବେ ନଦୀକୂଳରେ ରହିଛି ଏକ ଛୋଟ ମରୁଭୂମି। ନଦୀକୂଳରେ ମରୁଭୂମି ନିହାତି ଆପଣଙ୍କୁ ଆଶ୍ଚର୍ଯ୍ୟ କରିବ। ଏହି ସ୍ଥାନର ନାମକରଣକୁ ନେଇ ମଧ୍ୟ ରହିଛି କିମ୍ବଦନ୍ତୀ। ତାଳ ଓ କାଡୁ ନାମକ ଦୁଇଭାଇ ଏହି ସ୍ଥାନରେ ଏକ ବୃକ୍ଷକୁ କାଟିବା ସମୟରେ ଲକ୍ଷ କଲେ ଯେ ଏହି ସ୍ଥାନରେ କିଛି ଧଳା ହାତୀ ସେହି ବୃକ୍ଷକୁ ଉପାସନା କରୁଛନ୍ତି। ଏମିତିକି ଗଛଟିକୁ କାଟିଥିଲେ ମଧ୍ୟ ଗଛଟି ପୁନର୍ଜୀବିତ ହୋଇଉଠୁଛି। ପରେ ସେମାନେ ଜାଣିବାକୁ ପାଇଥିଲେ ଯେ ଏହି ଧଳାହାତୀମାନେ ହେଉଛନ୍ତି ଋଷିଗଣ ଏବଂ ସେହି ବୃକ୍ଷମୂଳରେ ଦେବଦେବ ମହାଦେବ ରହିଛି। ତେଣୁ ଏହି ସ୍ଥାନ ହେଉଛି ପବିତ୍ର। ତେଣୁ ସେମାନେ ଏଠାରେ ଭଗବାନ ଶିବଙ୍କୁ ପୂଜା କରିବା ଆରମ୍ଭ କରିଥିଲେ। ଆଉ ଏହି ସ୍ଥାନକୁ ସେହି ଦୁଇଭାଇଙ୍କ ନାମ ଅନୁସାରେ ତାଲକାଡୁ ନାମ ଦିଆଯାଇଥିଲା। ଏପରିକି ବିଶ୍ୱାସ ରହିଛି ଯେ ପ୍ରଭୁ ରାମଚନ୍ଦ୍ର ମାତା ସୀତାଙ୍କୁ ଉଦ୍ଧାର କରିବା ପାଇଁ ଲଙ୍କା ଯାତ୍ରା କରିବା ସମୟରେ ଏହି ସ୍ଥାନରେ ଅବସ୍ଥାନ କରିଥିଲେ। ତେଣୁ ଏହି ସ୍ଥାନକୁ ବର୍ଷସାରା ଅନେକ ହିନ୍ଦୁଧର୍ମବିଶ୍ୱାସୀ ଭକ୍ତ ଓ ଶ୍ରଦ୍ଧାଳୁ ଆସିଥାନ୍ତି। ହେଲେ ଏଠାକୁ ଆସୁଥିବା ଭକ୍ତ ଶ୍ରଦ୍ଧାଳୁମାନେ ଏହି ସ୍ଥାନରେ ଥିବା ମିନି ମରୁଭୂମିକୁ ଦେଖି ଆଶ୍ଚର୍ଯ୍ୟ ହୋଇଥାନ୍ତି। ନଦୀକୂଳରେ ପୁଣି ମରୁଭୂମି ? ଏହି ମରୁଭୂମିକୁ ନେଇ ଏକ ସୁନ୍ଦର କାହାଣୀ ମଧ୍ୟ ଶୁଣିବାକୁ ମିଳେ। ସପ୍ତଦଶ ଶତାବ୍ଦୀରୁ ଏହି କଥା ରହିଆସିଛି ଯେ ଜଣେ ରାଣୀ ଏହି ସ୍ଥାନକୁ ନେଇ ଦେଇଥିବା ଅଭିଶାପରୁ ହିଁ ଏଠାରେ ଏପରି ମରୁଭୂମି ସୃଷ୍ଟି ହୋଇଛି। ମଣିଷର ଅଭିଶାପରୁ କ'ଣ ସୃଷ୍ଟି ହୋଇପାରେ ମରୁଭୂମି ନା ଏହା ପଛରେ ଆଉ କିଛି ରହସ୍ୟ ରହିଛି !

ତଲକାଡୁର ମିନି ମରୁଭୂମି ସୃଷ୍ଟି ପଛରେ ରହିଛି ଅନେକ ରହସ୍ୟମୟ ଲୋକକଥା। ଯାହାର ବୈଜ୍ଞାନିକ କାରଣ ଖୋଜିଲେ ହୁଏତ ଅନେକ ତଥ୍ୟ ମିଳିପାରେ। କିନ୍ତୁ ସାଧାରଣ ମଣିଷ ଏଭଳି ଲୋକକଥା ଆଉ କିମ୍ବଦନ୍ତୀରେ ଅଧିକ ବିଶ୍ୱାସ ରଖିଥିବାର ଦେଖିବାକୁ ମିଳିଥାଏ। ବିଶ୍ୱାସ ଅନୁସାରେ ୧୬୧୦ ମସିହା ବେଳକୁ ତଲକାଡୁ ଶ୍ରୀରଙ୍ଗା ରାଏ ନାମକ ଶାସକଙ୍କ ଅଧୀନକୁ ଆସିଥିଲା। ଆଉ ରାଜା ରଙ୍ଗା ରାଏ ଏଥିରେ ବିଜୟନଗରମ୍ ରାଜବଂଶର ଦାୟାଦ। ରାଜା ରଙ୍ଗା ରାୟ ଏକ ଦୁଃସାଧ୍ୟ ରୋଗରେ ପୀଡ଼ିତ ହୋଇଥିଲେ। ସେ ଏହି ରୋଗରୁ ମୁକ୍ତି ପାଇବା ପାଇଁ ଦେବଦେବ ମହାଦେବଙ୍କୁ ଉପାସନା କରିବା ପାଇଁ ତଲକାଡୁ ଯାଇଥିଲେ। ଆଉ ଯିବା ସମୟରେ ସେ ନିଜ ରାଜ୍ୟଭାର ତାଙ୍କର ଦ୍ୱିତୀୟ ପତ୍ନୀ ରାଣୀ ଆଲମେଲା ଆମ୍ମାଙ୍କୁ ହସ୍ତାନ୍ତର କରିଥିଲେ। ଆଉ କିଛିଦିନ ଯିବା ପରେ ରାଣୀ ଆଲମେଲା ଆମ୍ମା ଖବର ପାଇଥିଲେ ଯେ ତଲକାଡୁରେ ଅବସ୍ଥାନ କରୁଥିବା ରାଜା ରଙ୍ଗା ରାୟ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତେଣୁ ସେ ତାଙ୍କୁ ଦେଖିବା ପାଇଁ ତଲକାଡୁ ଅଭିମୁଖେ ଯାତ୍ରା କରିଥିଲେ। ଆଉ ଯିବା ସମୟରେ ସେ ନିଜ ରାଜ୍ୟ ଶାସନର ଭାର ମହୀଶୂରର ତତ୍କାଳୀନ ରାଜା ଓଡୟାରଙ୍କ ଅର୍ପଣ କରିଥିଲେ। ହେଲେ ରାଜା ଓଡୟାରଙ୍କର ଲୋଭ ରାଣୀ ପିନ୍ଧିଥିବା ଅଳଙ୍କାର ଉପରେ ରହିଥିଲା। ଆଉ ରାଜା ଓଡୟାର ରାଣୀ ଓଡୟାର ରାଣୀ ଅଲମେଲା ଆମ୍ମାଙ୍କ ମୂଲ୍ୟବାନ ଗହଣା ଅକ୍ତିଆର କରିବା ପାଇଁ ତଲକାଡୁ ଅଭିମୁଖେ ଯାତ୍ରା କରିଥିଲେ। ଏ ଖବର ରାଣୀଙ୍କ ନିକଟରେ ପହଂଚିଥିଲା। ଆଉ ରାଣୀ ଏହା ଜାଣି ନିଜର ସମସ୍ତ ମୂଲ୍ୟବାନ ଅଳଙ୍କାର କାବେରୀ ନଦୀକୁ ନିକ୍ଷେପ କରିଥିଲେ। ଆଉ ନିଜେ ମଧ୍ୟ ନଦୀକୁ ଝାସ ଦେଇଥିଲେ। ଜୀବନ ହାରିବା ପୂର୍ବରୁ ଅଭିଶାପ ପ୍ରଦାନ କରିଥିଲେ। ଆଉ ଅଭିଶାପ ଅନୁସାରେ ତଲକାଡୁ ମରୁଭୂମିରେ ପରିଣତ ହୋଇଥିଲା। ସେହିଭଳି ରାଣୀ ମହୀଶୂ ରାଜବଂଶକୁ ମଧ୍ୟ ଅଭିଶାପ ଦେଇଥିଲେ। ସେହି ଅନୁସାରେ ଅନେକ ଦିନ ଧରି ମହୀଶୂର ରାଜବଂଶ ସଠିକ୍ ଉତ୍ତରଦାୟାଦ ପାଇ ନଥିଲା। ହେଲେ ଏ ଘଟଣାକୁ ଅନେକ ଗବେଷକ ବିଶ୍ୱାସ କରନ୍ତି ନାହିଁ। ସେମାନଙ୍କ ମତରେ ତଲକାଡୁ ଆଜି ଯେଉଁ ବାଲୁକାପୂର୍ଣ୍ଣ ମିନି ମରୁଭୂମିରେ ପରିଣତ ହୋଇଛି, ସେଥିପାଇଁ ଜଳବାୟୁ ପରିବର୍ତ୍ତନ ହିଁ ମୁଖ୍ୟତଃ ଦାୟୀ। ରାଣୀଙ୍କ ଅଭିଶାପ କେବଳ ଏକ କାହାଣୀ ବା କିମ୍ବଦନ୍ତୀ ଯାହାକୁ ଏହି ପରିବର୍ତ୍ତନ ସହ ଯୋଡ଼ାଯାଇଛି। କାରଣ ଯାହା ବି ହେଉନା କାହିଁକି କାବରୀ ନଦୀ କୂଳରେ ଏପରି ଏକ ମିନି ମରୁଭୂମି କିନ୍ତୁ ବର୍ଷ ବର୍ଷ ଧରି ରହସ୍ୟମୟ ଭାବନା ସାଧାରଣ ମଣିଷର ମନରେ ସୃଷ୍ଟି କରୁଛି।



ଜାହ୍ନବୀସୁତ



# ସବୁ ରେଳ ଷ୍ଟେସନରେ କରୋନା ସଚେତନତା

**ଭୁବନେଶ୍ୱର :** କରୋନା ମୁକାବିଲା ପାଇଁ ପୂର୍ବତଟ ରେଳବାଇ ଆଉ ଏକ ପାଦ ଆଗେଇଛି। ଯାତ୍ରୀ ଓ ରେଳ କର୍ମଚାରୀଙ୍କ ସୁରକ୍ଷା କଥା ଚିନ୍ତା କରି ପୂର୍ବତଟ ରେଳବାଇ ପକ୍ଷରୁ ସପ୍ତାହବ୍ୟାପୀ କରୋନା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୂର୍ବତଟ ରେଳବାଇ ଅଧୀନରେ ଥିବା ସମସ୍ତ ଷ୍ଟେସନ, ଭୁବନେଶ୍ୱର ସ୍ଥିତ ମୁଖ୍ୟାଳୟ, ବିଶାଖାପାଟଣା, ଖୋର୍ଦ୍ଧାରୋଡ, ସମ୍ବଲପୁରସ୍ଥିତ ମଣ୍ଡଳ ମୁଖ୍ୟ କାର୍ଯ୍ୟାଳୟ, ଲୋକୋ ସେଡ୍, ମଞ୍ଚେଶ୍ୱର ରେଳଡବା ମରାମତି କାରଖାନା ଏବଂ ଅନ୍ୟ ରେଳବାଇ ୟୁନିଟ୍‌ଗୁଡ଼ିକରେ ଏହି ସଚେତନତା କାର୍ଯ୍ୟକ୍ରମ ସପ୍ତାହ ଧରି ଚାଲୁରହିବ। ବୁଧବାର ଏହି ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟାଭୂଷଣ କହିଛନ୍ତି, “ଦେଶର ପ୍ରତି କୋଣ ଓ ଅନୁକୋଣକୁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରି ଶ୍ରମିକ ଏକ୍ସପ୍ରେସ ଓ ଅନ୍ୟ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ମାଧ୍ୟମରେ ପ୍ରବାସୀଙ୍କୁ ସେମାନଙ୍କର ଗନ୍ତବ୍ୟସ୍ଥଳରେ ପହଞ୍ଚାଇ ପୂର୍ବତଟ ରେଳପଥ କରୋନା ବିରୋଧରେ ହେଉଥିବା ଯୁଦ୍ଧରେ ଏକ ପ୍ରମୁଖ ଭୂମିକା ତୁଲାଇଛି”। ଏହି ବିଶ୍ୱ ମହାମାରୀ ପରିସ୍ଥିତିରେ ଆମ୍ଭେମାନେ କୌଣସି ଅତି ଜରୁରୀ କାର୍ଯ୍ୟ ହେତୁ ବାହାରକୁ ଯାଉଛେ। ଏହି ସମୟରେ ଆମର ସୁରକ୍ଷା ପାଇଁ ସତର୍କତାର ନିର୍ଦ୍ଦେଶାବଳୀ ଅନୁସରଣ କରିବା ଉଚିତ୍। ଆମେମାନେ କିପରି ଉପଯୁକ୍ତ ଭାବେ ହାତ ଧୋଇବା, ସାନିଟାଇଜ୍ କରିବା, ମାସ୍କର ବ୍ୟବହାର କରିବା, ସାମାଜିକ ଦୂରତ୍ୱ ରକ୍ଷା ବିଷୟରେ ଜାଣିବା ତଥା ଅଭ୍ୟାସ କରିବା ଉଚିତ୍। ଯାହାଦ୍ୱାରା କରୋନା ସଂକ୍ରମଣକୁ ରୋକିପାରିବା। ବର୍ତ୍ତମାନ ସମୟର ଏହି ଶ୍ରେଣୀୟ ବିଶ୍ୱ ମହାମାରୀ ପ୍ରଥମଥର ପାଇଁ ଘଟିଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ସମସ୍ତ ପ୍ରକାର ସତର୍କତା ଗ୍ରହଣ କରିବା ଉଚିତ୍ ବୋଲି ଶ୍ରୀ ବିଦ୍ୟାଭୂଷଣ ସମସ୍ତ ରେଳ କର୍ମଚାରୀ ଓ ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ଏହି ପରାମର୍ଶ ଦେଇଛନ୍ତି। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ କରୋନା ଠାରୁ ସୁରକ୍ଷିତ ରହିବା ପାଇଁ ହାତ ଧୋଇବା ଓ ମୁହଁରେ ମାସ୍କର ବ୍ୟବହାର ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ବ୍ୟାପକ ଗୁରୁତ୍ୱାରୋପ କରାଯାଇଛି। କରୋନାକୁ ରୋକିବାର ଉପାୟ ସମ୍ବନ୍ଧରେ ରେଳ ବ୍ୟବହାରକାରୀ ଓ ରେଳ କର୍ମୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏହି କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ।

## ଡ୍ରେନେଜ ବିଭାଗ କନିଷ୍ଠଯନ୍ତ୍ରୀ, ସହକାରୀଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା

# ନିମ୍ନମାନର ନିର୍ମାଣ, ଧସିଲା ଗାର୍ଡୱାଲ

**ଭଦ୍ରକ,(ଧାମନଗର),(ସଞ୍ଜୀବ କୁମାର ମହାନ୍ତି) :** ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ପଳିକିରୀ ଗ୍ରାମର ମଧ୍ୟ ଭାଗଦେଇ ବହିଯାଇଥିବା ‘ଯ’ ନଦୀର ଉପର ମୁଣ୍ଡରେ ୯୬ଲକ୍ଷ ଟଙ୍କା ରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟ ଅଟକଳରେ ନିର୍ମିତ ଗାର୍ଡ଼ ୱାଲ ନିର୍ମାଣ କାର୍ଯ୍ୟ ନ ସରୁଣୁ ଭୁସୁଡ଼ିବା ହେତୁ କାର୍ଯ୍ୟର ସ୍ଥାୟିତ୍ୱ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ଘଟଣାରୁ ଯାହା ଜଣାଯାଏ, ‘ଯ’ ନଦୀର ଉପର ମୁଣ୍ଡରେ ବିଗତ ୨୨ବର୍ଷ ତଳେ ଡ୍ରେନେଜ ବିଭାଗ ଦ୍ୱାରା ନିର୍ମିତ ହୋଇଥିଲା ଚେକ୍ ଡ୍ୟାମ। ସେତେବେଳେ ଡ୍ରେନେଜ୍ ବିଭାଗ ଦୂରଦୃଷ୍ଟିର ଅଭାବ ଓ ଠିକାଦାରଙ୍କ ଖାମଖିଆଲି ନୀତିପାଇଁ ଡ୍ୟାମର ଉପର ଓ ତଳକୁ ନଦୀର ଉଭୟ ପାର୍ଶ୍ୱରେ ସାଇଡ୍ ୱାଲ ନିର୍ମାଣ କରାଯାଇନଥିଲା। ଫଳରେ ଡ୍ୟାମରୁ ବର୍ଷାଦିନେ ନଦୀଅବବାହିକା ଦେଇ ନିର୍ଗତ ତୀବ୍ର ଜଳ ଧାରାରେ ଦୁଇପାର୍ଶ୍ୱ ବନ୍ଧ ଖାଇଯାଇ ସେଠାରେ ବହୁ ଚାଷଜମି ନଦୀଗର୍ଭରେ ଲୀନ ହୋଇଯାଇଥିଲା। ଗ୍ରାମବାସୀ ଓ ଶହ ଶହ ଚାଷୀଙ୍କ ବାରମ୍ବାର ଦାବି ଫଳରେ ଏବଂ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ପ୍ରଚେଷ୍ଟା ଯୋଗୁ ଡ୍ରେନେଜ୍ ବିଭାଗ ପକ୍ଷରୁ ନଦୀବନ୍ଧର ସୁରକ୍ଷା ନିମିତ୍ତ ଦୁଇପଟରେ କଂକ୍ରିଟ ସପୋଟିଙ୍ଗ୍ ୱାଲ ନିର୍ମାଣ ପାଇଁ ୯୬ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟ ବରାଦ ହେଲା। ମାତ୍ର ଏକବର୍ଷ ପାଖାପାଖି କାମ ଚାଲିଥିଲେ ମଧ୍ୟ ଏଯାଏ ସୂଚନା ଫଳକ ଲାଗିନଥିବାବେଳେ କାମ ଅତି ନିମ୍ନମାନର ହୋଇଥିବା ଜଣାଯାଇଛି।



ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ହେତୁ ସାଇଡ୍ ୱାଲର ବୋରିଂ କମ୍ ହେବାସହ କଂକ୍ରିଟ ଭାଗମାପ ଠିକ୍ ନଥିବାରୁ ସପୋର୍ଟ ୱାଲଟି ଦବିଯାଇ ଢଳିବା ଅବସ୍ଥାରେ ଅଛି। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ଠିକାଦାର ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜେସିବି ଲଗାଇ ସପୋର୍ଟ ୱାଲ ପାଖରୁ ମାଟି ହଟାଇବା ସହ ସିଧା କରିବାକୁ ଉଦ୍ୟମ କରୁଥିବା ଦେଖାଯାଇଥିଲା। ଖବରପାଇ ସ୍ଥାନୀୟ ଚାଷୀ ସୁଦର୍ଶନ ମାଝୀ, ଗୌରାଙ୍ଗ ଦାଶ, ଉମାକାନ୍ତ ମାଝୀ, ନିରାକାର ଦାଶ, ହିମାଂଶୁଶେଖର ଦାଶ, ଦୀଲ୍ଲିପ ଦାଶ, ନରେନ୍ଦ୍ର ସାହୁ, ଗଦାଧର ସାହୁ, ପଞ୍ଚାନନ ମାଝୀ, ସୁକାନ୍ତ ମାଝୀ, ପଞ୍ଚାନନ ରାଉତ, ରାମହରି ମାଝୀ, ସନ୍ତୋଷ ନାୟକ, ହେମନ୍ତ ନାୟକ ପ୍ରମୁଖ ପହଂଚି ଏହି କାର୍ଯ୍ୟକୁ ବିରୋଧ କରିଥିଲେ। ତେବେ ନଦୀରେ ବର୍ଷାଦିନ ପୂର୍ବରୁ ଅଧିକ ଜଳ ପ୍ରବାହିତ ହେବାକୁ ଥିବାବେଳେ ସମ୍ପୃକ୍ତ ଠିକାଦାର ଓ ଯନ୍ତ୍ରୀ ଏଭଳି କାର୍ଯ୍ୟକୁ ତରବରରେ କାମଚଳା ଭାବେ ସମ୍ପୂର୍ଣ୍ଣ କରିବାକୁ ଚଳାଇଥିବା ହୀନ ଉଦ୍ୟମ ଭଣ୍ଡୁର ହୋଇଥିବା ଜଣାଯାଇଛି। ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଘଟଣା ସ୍ଥଳରେ ପହଂଚି ଏଭଳି ନିମ୍ନମାନର ରାଧେ ରାଧେ କାର୍ଯ୍ୟକୁ ବନ୍ଦ କରିବା ସହ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ବିରୁଦ୍ଧେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସ୍ଥାନୀୟ ଶତାଧିକ ଚାଷୀ ଦାବି କରିଛନ୍ତି।

# ଭିତରକନିକାରେ ଦେଶୀୟ ପକ୍ଷୀଙ୍କ କଳରବ

**କେନ୍ଦ୍ରାପଡ଼ା :** ଚଳିତ ବର୍ଷା ଋତୁରେ ଭିତରକନିକା ଜାତୀୟ ଉଦ୍ୟାନକୁ ହଜାର ହଜାର ସଂଖ୍ୟାରେ ଦେଶୀୟ ପକ୍ଷୀମାନେ ଆସିଥିବା କଥା ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ପୂର୍ବରୁ ବଗଗହନରେ ଦେଶୀୟ ପକ୍ଷୀମାନଙ୍କ ଭିଡ଼ ଜମୁଥିବାବେଳେ କିଛି ବର୍ଷ ହେବ ବଗଗହନ ଅପେକ୍ଷା ଏହାର ଅଢ଼େଇ କିଲୋମିଟର ଦୂରରେ ଥିବା ମଠଆଡ଼ିଆ ଓ ଲକ୍ଷ୍ମୀପ୍ରସାଦଡିଆକୁ ଅଧିକ ସଂଖ୍ୟକ ପକ୍ଷୀ ପସନ୍ଦ କରୁଥିବା ଦେଖାଯାଇଛି। ପକ୍ଷୀମାନେ ଏଠାରେ ବସାବାନ୍ଧିବା ସହ ସେମାନଙ୍କ ପ୍ରଜନନ ପ୍ରକ୍ରିୟା ଚାଲିଥିବା ଡିଏଫ୍‌ଓ ଶ୍ରୀ ଦାସ ସୂଚନା ପ୍ରଦାନ କରିଛନ୍ତି। ଖବରରୁ ପ୍ରକାଶ, ପ୍ରଜନନ ଓ ବଂଶ ବିସ୍ତାର ପାଇଁ ଭିତରକନିକାକୁ ପକ୍ଷୀମାନେ କାହିଁ କେତେ ବର୍ଷତଳୁ ପସନ୍ଦ କରିଆସୁଛନ୍ତି। ତେବେ ଦୁଇଟି ଫେଜରେ ଏଠାକୁ ଆସୁଥିବା ପକ୍ଷୀମାନଙ୍କ ମଧ୍ୟରୁ ଶୀତଋତୁରେ ବିଦେଶୀ ପକ୍ଷୀ ଓ ଚଳିତ ମୌସୁମୀ ସମୟରେ



ଦେଶୀୟ ପକ୍ଷୀମାନେ ଆସିଛନ୍ତି। ଗତବର୍ଷ ବର୍ଷାଋତୁରେ ଏଠାକୁ ୧ଲକ୍ଷ ୫ହଜାର ୧୬୯ ଦେଶୀୟ ପକ୍ଷୀ ଆସିଥିବା ବନବିଭାଗ ପକ୍ଷରୁ କରାଯାଇଥିବା ପକ୍ଷୀଗଣନାରୁ ଜଣାପଡ଼ିଛି। ତେବେ ଚଳିତ ମୌସୁମୀ ସମୟରେ ଦେଶୀୟ ପକ୍ଷୀଙ୍କ ମଧ୍ୟରୁ ଗେଣ୍ଡାଳିଆ (ଓପେନ ବିଲଷ୍ଟକ), ରାଣିବଗ (ଗ୍ରେଟ ଇଗ୍ରେଟ), ଦାଆ ବେଣ୍ଟିଆଣ୍ଡ (ବ୍ଲାକ ହେଡେଡ୍ ଆଇବିସ୍), ପାଣିକୁଆ (ଲିଟିଲ୍ କର୍ମରାଜ), କାପରଖାଇ (ଡାଟର), ଅନ୍ଧାରିଆ ବଗ (ବ୍ଲାକ ନାଇଟ୍ ହେରନ୍), ମାଝିଆ ବଗ (ଇଣ୍ଟରମେଡିଏଟ୍ ଇଗ୍ରେଟ), ଅଞ୍ଜନା ବଗ (ଗ୍ରେହେରନ୍), ଖଇରାବଗ (ପର୍ପଲ ହେରନ୍), ଛୋଟ ବଗ (ଲିଟିଲ ଇଗ୍ରେଟ) ପ୍ରଭୃତି ପକ୍ଷୀମାନେ ଦଳ ଦଳ ହୋଇ ଆସିବାସହ ବସାବାନ୍ଧି ଅଣ୍ଡା ଦେଉଛନ୍ତି। ବଗଗହନରୁ ମୁହଁ ଫେରାଇ ନେଇଥିବା ଏହି ଦେଶୀୟ ପକ୍ଷୀମାନେ ମଠଆଡ଼ିଆ ଓ ଲକ୍ଷ୍ମୀପ୍ରସାଦଡିଆକୁ ମୁହାଁଇଛନ୍ତି। ବସାପାଇଁ ସେମାନେ ବନି, ଗୁଆଁ ,ସୁନ୍ଦରୀ, ସିଙ୍ଗଡ଼ା, ବଣିଆ ଇତ୍ୟାଦି ଗଛ ଡାଳରେ ବସା ତିଆରି କରିବାର ଦେଖାଯାଇଛି। ମଠଆଡ଼ିଆ ଓ ଲକ୍ଷ୍ମୀପ୍ରସାଦଡିଆରେ ପକ୍ଷୀମାନଙ୍କୁ ଏହି ସମୟରେ ପ୍ରଚୁର ଖାଦ୍ୟ ମିଳୁଥିବାରୁ ସେମାନେ ବଗ ଗହନ ଅପେକ୍ଷା ଏହାକୁ ପସନ୍ଦ କରୁଥିବା ପରିବେଶବିତ୍‌ମାନେ ମତ ଦେଇଛନ୍ତି। ତଥ୍ୟ ଅନୁସାରେ ୨୦୧୮ରେ ଭିତରକନିକାକୁ ୯୧,୨୨୪ଟି ଦେଶୀୟ ପକ୍ଷୀ ଆସିଥିଲେ। ସେହିପରି ୨୦୧୭ରେ ମୋଟ ୧ଲକ୍ଷ , ୪ ହଜାର, ୪୯୦ଟି ପକ୍ଷୀଟି ପକ୍ଷୀ ଏଠାକୁ ଅସିଥିଲେ। ଅନ୍ୟପକ୍ଷରେ ୨୦୧୬ ରେ ମଧ୍ୟ ୧ଲକ୍ଷ , ୩ହଜାର, ୮୫୩ ପକ୍ଷୀଙ୍କୁ ଭିତରକନିକାରେ ଗଣନା କରାଯାଇଥିଲା।

# ଜାତୀୟସ୍ତରର ଓଟିଟି ପ୍ଲାଟଫର୍ମରେ ଓଡ଼ିଆ ମ୍ୟୁଜିକ୍ ଭିଡିଓ ଉନ୍ମୋଚିତ



**ବେଙ୍ଗାଲୁରୁ :** ପୂର୍ବରୁ ଜାତୀୟସ୍ତରରେ ଅନେକ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର ଓ ଡକ୍ୟୁମେଣ୍ଟାରୀ ଫିଲ୍ମ ଉନ୍ମୋଚିତ ହେଇଥିଲା ବେଳେ ପ୍ରଥମଥର ପାଇଁ ଏକ ଓଡ଼ିଆ ରୋମାଣ୍ଟିକ ମ୍ୟୁଜିକ୍ ଭିଡିଓ ‘ବର୍ଷା ଭିଜା ରାତି’ ନିକଟରେ ଲୋକାର୍ପିତ ହୋଇଯାଇଛି। ବିଏନ୍‌ଆର ଫିଲ୍ମସ୍ ଦ୍ୱାରା ପ୍ରସ୍ତୁତ ଏହି ମ୍ୟୁଜିକ୍ ଭିଡିଓଟି ଇଣ୍ଡିସର୍ଟ ଦ୍ୱାରା ପ୍ରିମିୟର ହୋଇଥିଲା। ମୁକ୍ତିଲାଭ କରି ଏହି ଭିଡିଓଟିକୁ ୧୮ ହଜାରରୁ ଅଧିକ ଦର୍ଶକ ଦେଖିଥିବା ଜଣାପଡିଛି। ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା ବିଶ୍ୱନାଥ ରଥଙ୍କ ନିର୍ଦ୍ଦେଶିତ ଏହି ମ୍ୟୁଜିକ୍ ଭିଡିଓରେ ସ୍ଥାନ ପାଇଥିବା ସମସ୍ତ ଗୀତ ଗୁଡିକ ଲେଖିଛନ୍ତି ସୁଲେଖିକା ଅନ୍ନପୂର୍ଣ୍ଣା ଦାସ। ବଙ୍କିମ ପଟେଲ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲା ବେଳେ ରୁଦ୍ର ଶଙ୍କର ପଟ୍ଟନାୟକ, ଅର୍ପିତା ଦେବତା ଏବଂ ଜ୍ୟୋତିପ୍ରକାଶ ଦାସ ଏହାର ପ୍ରଯୋଜନା କରିଥିଲେ। ପୂର୍ବତନ ଇଣ୍ଡିଆନ ଆଇଡଲ ଫାଇନାଲୀ ଏବଂ ୟୁଟ୍ୟୁବ୍ ସେନ୍ସେସନ୍ ଅମ୍ରିତା ଭାରତୀ ଏବଂ ବଙ୍କିମ ଗୀତ ଗୁଡିକୁ ପରିବେଷଣ କରିଛନ୍ତି। ଏହାର ସିନେମାଟୋଗ୍ରାଫି, ଏଡିଟିଂ ଓ କଲର ଗ୍ରେଡିଙ୍ଗ କରିଛନ୍ତି ଆଶୀଷ ଶତପଥୀ। ମ୍ୟୁଜିକ୍ ଭିଡିଓଟି ସମ୍ପର୍କରେ ଏହାର ଗୀତିକାର ଶ୍ରୀମତୀ ଦାସ କହିଛନ୍ତି ଯେ, ଓଡ଼ିଆ ଆଲବମ ଜଗତ ପାଇଁ ଏହା ନିଶ୍ଚୟ ଏକ ମାଇଲଖୁଣ୍ଟ ହେବ। ଏହି ଭିଡିଓଟି ଇଂରାଜୀ, ହିନ୍ଦୀ ବ୍ୟତୀତ ତାମିଲ, ତେଲ୍‌ଗ. ମାଲାୟାଲାମ ଭାଷା ସହ ବିଭିନ୍ନ ଆଞ୍ଚଳିକ ଭାଷାରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା କହିଛନ୍ତି।

# ଜୟପୁରରେ ହେବ ତୃତୀୟ ସର୍ବବୃହତ୍ ଷ୍ଟାଡିୟମ୍

**ଜୟପୁର :** ଚଳିତ ବର୍ଷ ପ୍ରଥମ ଭାଗରେ ଭାରତର ଗୁଜରାଟ ରାଜଧାନୀ ଅହମ୍ମଦାବାଦସ୍ଥିତ ମୋଟେରାଠାରେ ବିଶ୍ୱର ସର୍ବବୃହତ୍ କ୍ରିକେଟ୍ ଷ୍ଟାଡିୟମ୍‌ର ଉଦ୍‌ଘାଟନ ହୋଇସାରିଛି। ତେବେ ଦେଶରେ ପୁନର୍ବାର ଏକ ବୃହତ୍ ଷ୍ଟାଡିୟମ୍ ନିର୍ମାଣ ହେବ ବୋଲି ରାଜସ୍ଥାନ କ୍ରିକେଟ୍ ଆସୋସିଏସନ୍ (ଆର୍‌ସିଏ) ପକ୍ଷରୁ କୁହାଯାଇଛି। ସଚିବ ମହେନ୍ଦ୍ର ଶର୍ମା ଦେଇଥିବା ସୂଚନାନୁସାରେ, ଏହି ଷ୍ଟାଡିୟମ୍‌ଟି ଶହେ ଏକର ଜାଗାରେ ତିଆରି ହେବ ଓ ଏଥିରେ ୭୫ ହଜାର ଦର୍ଶକ ଏକକାଳୀନ ମ୍ୟାଚ୍ ଉପଭୋଗ କରିପାରିବେ। ଏହି ଷ୍ଟାଡିୟମ୍‌ଟି ବିଶ୍ୱ ସ୍ତରୀୟ ହେବ ଓ ଏଥିରେ ବିଶାଳ ପ୍ୟାଭିଲିଅନ୍ ଷ୍ଟାଣ୍ଡ୍, କର୍ପୋରେଟ୍ ବକ୍ସ, ଏକାଧିକ ଅଭ୍ୟାସ ଗ୍ରାଉଣ୍ଡ୍, ମଡର୍ଣ୍ଣ କ୍ଲବ୍ ହାଉସ୍ ଓ ଆହୁରି ଅନେକ ପ୍ରକାରର ଅତ୍ୟାଧୁନିକ ସୁବିଧାସୁଯୋଗ ଉପଲବ୍ଧ ହେବ। ଏହାଛଡ଼ା ଇନଡୋର୍ ଗେମ୍ସ ଓ ସ୍ପୋର୍ଟ୍ସ ଟ୍ରେନିଂ ଫ୍ୟାସିଲିଟି ମଧ୍ୟ ଏହି ଷ୍ଟାଡିୟମ୍‌ରେ




ରହିବ ବୋଲି ଶର୍ମା କହିଛନ୍ତି। ଏଥିପାଇଁ ଜାଗା ଚିହ୍ନଟ ହୋଇସାରିଛି ଓ ଏହି ଷ୍ଟାଡିୟମ୍‌ଟି ଜୟପୁର-ଦିଲ୍ଲୀ ହାଇୱେଠାରୁ ୨୫ କିମି ଦୂରବର୍ତ୍ତୀ ଚୋନ୍‌ପ ଗ୍ରାମରେ ତିଆରି ହେବ। ଏହି ଷ୍ଟାଡିୟମ୍‌ର ନିର୍ମାଣ କାର୍ଯ୍ୟ ୪ ମାସ ଭିତରେ ଆରମ୍ଭ ହୋଇଯିବ ବୋଲି ଶର୍ମା କହିଛନ୍ତି। ଏହି ଷ୍ଟାଡିୟମ୍‌ରେ ସମସ୍ତ ଖେଳାଳି ଓ ଦର୍ଶକମାନଙ୍କୁ ବିଶ୍ୱସ୍ତରୀୟ ସୁବିଧାସୁଯୋଗ ମିଳିପାରିବ। ଆଇସିସି ନିର୍ଦ୍ଦେଶାବଳୀ ଅନୁସାରେ, ଏହି ଷ୍ଟାଡିୟମ୍‌ରେ ଫ୍ଲଡ୍ ଲାଇଟ୍ ମଧ୍ୟ ଲାଗିବ ଏବଂ ଗଣମାଧ୍ୟମ ଓ ପ୍ରସାରକଙ୍କ ପାଇଁ ଅତ୍ୟାଧୁନିକ ପ୍ରେସ୍ ବକ୍ସର ବ୍ୟବସ୍ଥା ମଧ୍ୟ ରହିବ ବୋଲି ଶର୍ମା କହିଛନ୍ତି। ଷ୍ଟାଡିୟମ୍‌ରେ ପାର୍କିଂ ପାଇଁ ୪ ହଜାର ଗାଡ଼ି ରଖାଯିବା ଭଳି ସୁବିଧା ରହିବ। ମୋଟେରା ଓ ମେଲବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ୍ (ଏମ୍‌ସିଜି) ପରେ ଏହା ବିଶ୍ୱର ତୃତୀୟ ସର୍ବବୃହତ୍ ଷ୍ଟାଡିୟମ୍ ହେବ। ମୋଟେରାରେ ସର୍ବାଧିକ ୧ ଲକ୍ଷ ୧୦ ହଜାର ଓ ଏମ୍‌ସିଜିରେ ୧ ଲକ୍ଷ ୨ ହଜାର ଦର୍ଶକ ଏକକାଳୀନ ମ୍ୟାଚ୍‌ର ମଜା ଉଠାଇପାରୁଛନ୍ତି। ଜୟପୁର ଷ୍ଟାଡିୟମ୍ ସମ୍ପର୍କରେ ଶର୍ମା ଆହୁରି କହିଛନ୍ତି ଯେ ରଣଜୀ ଟ୍ରଫି ମ୍ୟାଚ୍ ଖେଳାଯିବା ସକାଶେ ଏଠାରେ ୨ଟି ଅଭ୍ୟାସ ଗ୍ରାଉଣ୍ଡ୍ ବି ତିଆରି ହେବ। ଆହୁରି ୨ଟି ରେସ୍ତୋରାଁ, ଖେଳାଳିଙ୍କ ସକାଶେ ୩୦ଟି ପ୍ରାକ୍ଟିସ୍ ନେଟ୍ ଓ ୨୫୦ ଆସନ ବିଶିଷ୍ଟ ଗୋଟିଏ ପ୍ରେସ୍ କନ୍‌ଫରେନ୍ସ ରୁମ୍ ମଧ୍ୟ ରହିବ ବୋଲି ଶର୍ମା କହିଛନ୍ତି। ଷ୍ଟାଡିୟମ୍‌ଟି ଦୁଇଟି ପର୍ଯ୍ୟାୟରେ ନିର୍ମାଣ ହେବ। ପ୍ରଥମେ ୪୫ ହଜାର ଓ ପରେ ୩୦ ହଜାର ଦର୍ଶକଙ୍କ ବସିବା ପାଇଁ ସ୍ଥାନ ନିର୍ମାଣ ହେବ। ଏହି ଷ୍ଟାଡିୟମ୍ ନିର୍ମାଣ ପାଇଁ ୩୫୦ କୋଟି ଟଙ୍କା ଖର୍ଚ୍ଚ ହେବ ଓ ଏହାର ନିର୍ମାଣ ଦାୟିତ୍ୱ ଏଲ୍‌ଏଲ୍‌ପି ଓ ଦିଲ୍ଲୀସ୍ଥିତ ସ୍ପୋର୍ଟ୍ସ ଡିଜାଇନ୍ କନସଲଟାନ୍ସ ଫାର୍ମ ଗ୍ରାସ୍‌କୁ ଦିଆଯାଇଛି। ପ୍ରସ୍ତାବିକ ଷ୍ଟାଡିୟମ୍‌ର ଡିଜାଇନ୍ ଆର୍‌ସିଏ ମୁଖ୍ୟ ପୃଷ୍ଠପୋଷକ ସିପି ଯୋଶୀ ଓ ଆର୍‌ସିଏ ସଭାପତି ବୈଭବ ଗେହଲୋଟ୍‌ଙ୍କୁ ପ୍ରଦାନ କରାଯାଇସାରିଛି ବୋଲି ଶର୍ମା କହିଛନ୍ତି।

# କର୍ମଚାରୀଙ୍କ ଦରମା ବନ୍ଦକଲେ ଆବାସିକ କମିଶନର

**ଭୁବନେଶ୍ୱର :** କରୋନା ମହାମାରୀ ବ୍ୟାପିଲା ଦିନଠାରୁ ସରକାରୀ ଅଫିସର ସମୟ ନିର୍ଘଣ୍ଟ, କର୍ମଚାରୀଙ୍କ ଉପସ୍ଥାନ, ଛୁଟି, କାମ ପ୍ରଭୃତି ସମ୍ପର୍କରେ ସମୟକୁ ସମୟ କେତେକାଂଶରେ କୋହଳ କରିଛନ୍ତି ସରକାର। ମହାମାରୀରୁ ବଞ୍ଚିବାକୁ ପ୍ରାଥମିକତା ଦେଇଛନ୍ତି। ସେଥି ସକାଶେ ଅଫିସ ନଆସିଲେ ବା ଛୁଟିରେ ରହିଲେ ମଧ୍ୟ ସରକାର ତାଙ୍କ କର୍ମଚାରୀଙ୍କୁ ଦରମା ଦେଇଆସିଛନ୍ତି। କିନ୍ତୁ ଦିଲ୍ଲୀସ୍ଥିତ ଆବାସିକ କମିଶନର କାମ ବନ୍ଦ ଆଳରେ ସେଠାକାର ଓଡ଼ିଆ କର୍ମଚାରୀଙ୍କର ଦରମା ବନ୍ଦ କରିଦେଇଛନ୍ତି। କର୍ମଚାରୀ ବିଦେଶରେ ଭୋକ ଉପାସରେ ଦିନ କାଟୁଛନ୍ତି। ରାଜ୍ୟ ସରକାରଙ୍କ ଦିଲ୍ଲୀସ୍ଥିତ ଆବାସିକ କମିଶନରଙ୍କ ଅଫିସ ଏବଂ ଭବନ କାର୍ଯ୍ୟାଳୟରେ କେତେକ ସଂଖ୍ୟାରେ ଅସ୍ଥାୟୀ କର୍ମଚାରୀ ରୁମ୍‌ବୟ, ସଫେଇ କର୍ମଚାରୀ, ଗାଡ଼ିଚାଳକ, ରୋଷେଇ କର୍ମଚାରୀ ଭାବେ ନିୟୋଜିତ ହୋଇଛନ୍ତି। ସେମାନଙ୍କୁ ସରକାର ସର୍ଭିସ୍ ପ୍ରୋଭାଇଡର୍ ମାଧ୍ୟମରେ ନିୟୋଜିତ କରିଛନ୍ତି। କରୋନା ମହାମାରୀ ବ୍ୟାପିଲା ପରଠାରୁ ପ୍ରତିଷେଧକ ପଦକ୍ଷେପ ଆକାରରେ ସେଠାକାର ଭବନ, ନିବାସ ଓ ସଦନ୍‌ରେ ଅତିଥିଙ୍କୁ ରବିବାର ଅନୁମତି ଦିଆଗଲା ନାହିଁ।


PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286



PLOT FOR SALE

MOUZA : JUJHAGADA

(Back side of Nandankanan Zoo)

BHUBANESWAR

Contact : 865807286 / 8917571455

MOUZA : BEGUNIA BOREHI

(NEAR CV RAMAN COLLEGE)

TAMANDO - YELLOW ZONE

BHUBANESWAR

30ft Approch Road

Contact : 8658607286 / 8917571455



PLOT FOR SALE@BHUBANESWAR

Yellow Zone, 30ft wide Road

Mouza : Dakhina Mundamuhan

(Near CV Raman College)

100ft Proposed BDA Road

Contact Immediately :

8658607286 / 8917571455

30ft Internal Road

Mouza : Pandiapada

Contact Immediately :

8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି